## ସ୍ୱାଦିଷ୍ଟ ବାଉଁଶ ମାଛ



ଆବଶ୍ୟକ ସାମଗ୍ରୀ : ଚୂନା ମାଛ, କରଡ଼ି, ସୋରିଷ ବଟା, ଅଦା ବଟା, ରସୁଣ ବଟା, ଲଙ୍କା ଗୁଣ୍ଡ, ହଳଦୀ ଗୁଣ୍ଡ, ଲୁଣ, ତେଲ ଓ ବାଉଁଶ ନଳୀ ।

ପ୍ରସ୍ତୁତି ପ୍ରଣାଳୀ : ପ୍ରଥମେ ମାଛରେ ହଳଦୀ ଗୁଣ୍ଡ, କରଡ଼ି, ଅଦା ବଟା, ରସୁଣ ବଟା, ସୋରିଷ ବଟା, ଲଙ୍କା ଗୁଣ୍ଡ, ସ୍ୱାଦ ଅନୁସାରେ ଲୁଣ ଓ ତେଲ ପକାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ। ଏହାପରେ ବାଉଁଶ ନଳୀରେ ଭଲ ଭାବରେ ତେଲ ମାରି ସେଥିରେ ମସଲା ଗୋଳା ମାଛକୁ ପୂରାଇ ଦିଅନ୍ତୁ ଓ ଅଟା ଚକଟାରେ ତା'ର ମୁହଁ ବନ୍ଦ କରି ଦିଅନ୍ତୁ। ଏହାପରେ ଅଙ୍ଗାର ନିଆଁରେ ମାଛ ଭର୍ତ୍ତି ବାଉଁଶ ନଳୀକୁ ରଖି ଦିଅନ୍ତୁ । ଏହା ଉପରେ ବି ନିଆଁ ରଖିବେ । ପଚିଶ ତିରିଶ ମିନିଟ୍ ପରେ ବାଉଁଶ ନଳୀକୁ ନିଆଁରୁ ଆଣନ୍ତୁ ଓ ମୁହଁ ଖୋଲି ମାଛକୁ ପ୍ଲେଟ୍‌ରେ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଆପଣଙ୍କର ବାଉଁଶ ମାଛ । ଏବେ ଏହାକୁ ଗରମ ଗରମ ପରଷି ଦିଅନ୍ତୁ ।

ଖବର

# ଜାନୁଆରୀରେ ମୁକ୍ତିଲାଭ କରିବ 'ଚକ୍ରାନ୍ତ'



ଲକ୍ଷେଶ୍ୱର ପ୍ରଡ଼କ୍ସନ ବ୍ୟାନରରେ ପ୍ରସ୍ତୁତ ତଥା ସୌରଭ ପାଢ଼ୀଙ୍କ ପ୍ରଯୋଜିତ ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଚକ୍ରାନ୍ତ' ର ପୋଷ୍ଟ ପ୍ରଡ଼କ୍ସନ କାମ ଶେଷ ହୋଇଛି। ଆଗାମୀ ଜାନୁଆରୀରେ ଏହାର ଶୁଭମୁକ୍ତି ପାଇଁ ପ୍ରସ୍ତୁତ ହୋଇସାରିଛି । ଚଳଚ୍ଚିତ୍ରରେ ପ୍ରଥମଥର ପାଇଁ ଭୂମିକାଙ୍କ ସହିତ ନାୟକ ମଣ୍ଟୁ ନଜର ଆସୁଛନ୍ତି। ଚକ୍ରାନ୍ତର ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ଭାର କାନ୍ଧେଇଛନ୍ତି ଅଭିଜ୍ଞ ନିର୍ଦ୍ଦେଶକ ପିନୁ ନାୟକ। କାହାଣୀ ରଚନା କରିଛନ୍ତି ଦିଶା ପାଢ଼ୀ ଏବଂ ସଂଳାପ ରଚନା କରିଛନ୍ତି ଜିତେନ୍ଦ୍ର କୁମାର ବରାଳ। ଗୀତ ଡଃ ନିର୍ମଳ ନାୟକ ଏବଂ ଡଃ ରଘୁନାଥ ସାହୁ ରଚନା କରିଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଅଭିଜିତ ମଜୁମଦାର। ଚିତ୍ରଉତ୍ତୋଳନ ଦାୟିତ୍ୱରେ ସୁଦର୍ଶନ ସେନାପତି ଅଛନ୍ତି। କବିର ପ୍ରସାଦ୍ ନୃତ୍ୟ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି। ସମ୍ପାଦନା କରିଛନ୍ତି ଆଗଧାଡିର ଏଡିଟର୍ ରାଜେଶ୍ ଦାସ୍। ନାୟକ ଶୁଭାଶିଷ ଶର୍ମା (ମଣ୍ଟୁ), ନାୟିକା ଭୂମିକା ଦାଶ, ହରିହର ମହାପାତ୍ର, ଚୌଧୁରୀ ଜୟପ୍ରକାଶ ଦାସ, ପ୍ରଦ୍ୟୁମ୍ନ ଲେଙ୍କା, ଧରିତ୍ରୀ ଖଣ୍ଡୁଆଳ, ସୁରଭି, ସୌମ୍ୟ ଶତପଥୀ, ଶୁଭମ ପାଢ଼ୀ, ସୁମନ ମହାନ୍ତି, କୁସୁମ ତ୍ରିପାଠୀ, ପ୍ରମୋଦ ରାଉତ, ତୁଷାର, ଉମାକାନ୍ତ, ନିରଞ୍ଜନ ନିରୁଆ, ପୁଣ୍ୟତୋୟା ମିଶ୍ର, କ୍ରିଷ୍ଣାରାଣୀ ଦାଶ ଏବଂ ଅତିଥି କଳାକାର ଭାବେ ଅଶ୍ରୁମୋଚନ ମହାନ୍ତି ପ୍ରମୁଖ ଅଭିନୟ କରୁଛନ୍ତି।

## ସାରନାଥର 'ଧର୍ମଚକ୍ର'



ସାରନାଥଠାରେ ଅଶୋକ ଚକ୍ର 'ସିଂହ ସ୍ତମ୍ଭ' ଭାରତୀୟ ସଂଘରାଜ୍ୟର ପ୍ରତୀକ ଅଟେ। ଏଥିରେ ବେଦବାକ୍ୟ 'ସତ୍ୟମେବ ଜୟତେ' ଲିଖିତ ହୋଇଛି। ଏଠାରେ ଚାରୋଟି ଚକ୍ର ରହିଛି। ଚାରି ଚକ୍ରରେ ଚାରୋଟି ସିଂହ ଧାବମାନ ସଦୃଶ ଦୃଶ୍ୟମାନ ହେଉଛନ୍ତି। ବୌଦ୍ଧ ଧର୍ମାବଲମ୍ବୀମାନେ ଏହି ଚକ୍ରକୁ 'ଜ୍ଞାନ ଚକ୍ର' ଭାବେ କହୁଥିବା ବେଳେ ସମ୍ରାଟ୍ ଅଶୋକ ଏହାକୁ 'ଧର୍ମଚକ୍ର' କହିଥାନ୍ତି।

କାଶୀଠାରୁ ସାତ ମାଇଲ ଦୂର ପୂର୍ବରେ ବୌଦ୍ଧଧର୍ମର ପ୍ରାଚୀନ ତୀର୍ଥ ସାରନାଥ ଅବସ୍ଥିତ। ଜ୍ଞାନ ପ୍ରାପ୍ତି ପରେ ଭଗବାନ ବୁଦ୍ଧ ତାଙ୍କ ଭକ୍ତମାନଙ୍କୁ ଏହିଠାରେ ପ୍ରାରମ୍ଭିକ ଉପଦେଶ ପ୍ରଦାନ କରିଥିଲେ। ଏଠାରେ ସାରଙ୍ଗନାଥ ମହାଦେବଙ୍କ ମନ୍ଦିର ବିଦ୍ୟମାନ। ସାରନାଥଠାରେ ଅଶୋକଙ୍କ ଚତୁର୍ମୁଖ ସିଂହସ୍ତମ୍ଭ, ଭଗବାନ ବୁଦ୍ଧଙ୍କ ମନ୍ଦିର, ଧର୍ମେଖ ସ୍ତୁପ, ଚୌଖଣ୍ଡୀ ସ୍ତୁପ, ରାଜକୀୟ ସଂଗ୍ରହାଳୟ, ଜୈନ ମନ୍ଦିର, ଚୀନୀ ମନ୍ଦିର ପ୍ରଭୃତି ଅବସ୍ଥିତ। ଏହି ସ୍ଥାନର ପ୍ରାଚୀନ ନାମ ଥିଲା ଋଷିପତନ କିମ୍ବା ମୃଗଦାବ (ହରିଣଙ୍କ ଜଙ୍ଗଲ)। ଏହିଠାରେ ଋଷିମାନଙ୍କ ପତନ ପରେ ମୃଗମାନେ ବିଚରଣ କରୁଥିବା ଆଧାରରେ ଏହି ସ୍ଥାନର ନାମ ମୃଗଦାବ ରଖା ଯାଇଥିଲା। ଏହି କାରଣରୁ ଉକ୍ତ ସ୍ଥାନକୁ ସାର କିମ୍ବା ସାରଙ୍ଗ (ମୃଗ) ନାଥ କୁହାଯାଏ। ରାୟ ବାହାଦୁର ଦୟାରାମ ସାହାଣୀଙ୍କ ଅନୁସାରେ ଭଗବାନ ଶିବଙ୍କୁ ମଧ୍ୟ ସାରଙ୍ଗନାଥ କୁହାଯାଏ ଏବଂ ମହାଦେବ ଶିବଙ୍କ ନଗରୀ କାଶୀ ନିକଟବର୍ତ୍ତୀ ହୋଇଥିବା କାରଣରୁ ଏହି ସ୍ଥାନ ଶିବ ଉପାସନାର ପ୍ରମୁଖ ସ୍ଥଳ ଥିଲା। ପରବର୍ତ୍ତୀ ସମୟରେ ଏହି ସ୍ଥାନର ନାମ ସାରନାଥର ଉତ୍ପତ୍ତି 'ସାରଙ୍ଗନାଥ (ମୃଗଙ୍କ ନାଥ)ରୁ ହୋଇଥିଲା। କୁହାଯାଏ ଯେ ବୋଦ୍ଧିସତ୍ତ୍ୱଙ୍କର କୌଣସି ପୂର୍ବଜ, ଯେତେବେଳେ ମୃଗଦାବଠାରେ ମୃଗମାନଙ୍କର ରାଜାଥିଲେ, ସେ ନିଜର ପ୍ରାଣବଳିଦେଇ ଏକ ଗର୍ଭବତୀ ହରିଣର ଜୀବନ ବଞ୍ଚାଇଥିଲେ।

# ଶରୀରର ପାଇଁ ଲାଭଦାୟକ ହୋଇଥାଏ ଗୋଲମରିଚ



ଗୋଲମରିଚରେ ଅନେକ ଉପକାରିତା ରହିଛି କିନ୍ତୁ ଖୁବ୍ କମ ଲୋକ ଏହା ବିଷୟରେ ଜାଣନ୍ତି । ଗୋଲମରିଚ ଯାହା ସର୍ବଦା ରୋଷେଇ ଘରେ ରହିଥାଏ । ତାହା କେବଳ ମସଲାରରେ ବ୍ୟବହାର କରାଯାଏ ନାହିଁ ବରଂ ଏଥିରେ ଅନେକ ଔଷଧୀୟ ଗୁଣ ମଧ୍ୟ ରହିଥାଏ । ଯଦି ସକାଳେ ଖାଲି ପେଟରେ ଉଷୁମ ପାଣିରେ ଗୋଲମରିଚ ଖାଇଥାନ୍ତି, ତେବେ ଏହା ଆମ ଶରୀରକୁ ବହୁତ ଲାଭ ଦେଇଥାଏ । ତେବେ ଚାଲନ୍ତୁ ଜାଣିବା ଗୋଲ ମରିଚର ବିଭିନ୍ନ ଉପକାରିତା ବିଷୟରେ

କ୍ଷମତା ବଢାଇଥାଏ – ଉଷୁମ ପାଣି ସହିତ ଗୋଲମରିଚ ଖାଇବା ଦ୍ୱାରା ଶରୀରର କ୍ଷମତା ବଢିଥାଏ । ଶରୀରରେ ଜଳର ଅଭାବକୁ ନିୟନ୍ତ୍ରଣ କରିବା ସହିତ ଭିତରେ ଥିବା ଅମ୍ଳତା ସମସ୍ୟାକୁ ମଧ୍ୟ ସମାପ୍ତ କରିଥାଏ ।

ଚର୍ବି କମାଇଥାଏ – ଗୋଲମରିଚକୁ ଉଷୁମ ପାଣି ସହିତ ଖାଇବା ଦ୍ୱାରା ଶରୀରରେ ବଢୁଥିବା ଚର୍ବିକୁ ହ୍ରାସ କରିଥାଏ ।

କୋଷ୍ଠକାଠିନ୍ୟରୁ ମୁକ୍ତି ଦେଇଥାଏ – କୋଷ୍ଠକାଠିନ୍ୟ ରୋଗୀଙ୍କ ପାଇଁ ଗୋଲମରିଚ ଖାଇବା ଅତ୍ୟନ୍ତ ଲାଭଦାୟକ ।ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଏକ କପ୍ ପାଣିରେ ଲେମ୍ବୁ ରସ, ଗୋଲମରିଚ ଗୁଣ୍ଡ ଏବଂ ଲୁଣ ମିଶାଇ ଏହାକୁ ପିଇବା ଦ୍ୱାରା କିଛି ଦିନ ମଧ୍ୟରେ ଗ୍ୟାସ୍ ଏବଂ କୋଷ୍ଠକାଠିନ୍ୟ ସମସ୍ୟା ଦୂର ହୋଇଥାଏ ।

ଥଣ୍ଡାରୁ ମୁକ୍ତି ଦେଇଥାଏ – ଗରମ କ୍ଷୀରରେ ମିଶ୍ରିତ ଗୋଲମରିଚ ମିଶାଇ ପିଇବା ଦ୍ୱାରା ଥଣ୍ଡାରୁ ଆରାମ ଦେଇଥାଏ । ଏହା ବ୍ୟତୀତ, ବାରମ୍ବାର ଥଣ୍ଡା କିମ୍ବା କ୍ରମାଗତ ଭାବରେ ଛିଙ୍କ ଆସୁଥିଲେ, ତେବେ ପ୍ରତିଦିନ ଗୋଲ ମରିଚ ସଂଖ୍ୟାକୁ ଏକରୁ ପନ୍ଦର ପର୍ଯ୍ୟନ୍ତ ବୃଦ୍ଧି କରି ଖାଇବା ଆରମ୍ଭ କରନ୍ତୁ ଏବଂ ତା'ପରେ ପ୍ରତିଦିନ ପନ୍ଦରରୁ ଏକକୁ ହ୍ରାସ କରନ୍ତୁ । ଏହା କରିବା ଦ୍ୱାରା ଆପଣ ଥଣ୍ଡା ସମସ୍ୟାରୁ ମୁକ୍ତି ପାଇପାରିବେ ।

# ଘରେ ସୁଖ ସମୃଦ୍ଧି ନିମନ୍ତେ ଯୁଦ୍ଧିଷ୍ଠିରଙ୍କୁ ଏହି ଉପାୟ ଅବଲମ୍ବନ କରିବାକୁ କହିଥିଲେ ଶ୍ରୀକୃଷ୍ଣ



ଭଗବାନ ଶ୍ରୀକୃଷ୍ଣ ରଣଭୂମୀରେ ଅର୍ଜ୍ଜୁନଙ୍କୁ ଅସ୍ତ୍ର ଉଠାଇବାକୁ କେବଳ ପ୍ରେରିତ କରିନଥିଲେ। ଏହି ଛଳରେ ସେ ଯେଉଁ ଅମୂଲ୍ୟ ଉପଦେଶମାନେ ଦେଇଥିଲେ ଭଗବତ ଗୀତା ଭାବେ ଆଜି ବି ସମଗ୍ର ମନବ ସମାଜକୁ ଦିଗଦର୍ଶନ ଦେଇଆସୁଛି। ଜୀବନରେ ସୁଖ, ଦୁଃଖ, ବିପଦ ଆଦି ସମ୍ପର୍କରେ ଗୀତା ରୂପକ ମାଳାରେ ସେ ଶ୍ଳୋକର ଯେଉଁ ମୋତି ଗୁନ୍ଥିଥିଲେ ତାହା ପ୍ରତିଟି ମାନବର ପଥ ପ୍ରଦର୍ଶନ ନିମନ୍ତେ ଅର୍ପିତ ହୋଇଛି। ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ ଶ୍ଳୋକରେ ଯେଉଁ ସନ୍ଦେଶ ଦେଇଥିଲେ ତାକୁ ଧର୍ମରାଜ ଯୁଦ୍ଧିଷ୍ଠିର ଜୀବନର ସୂତ୍ରରେ ରୂପାନ୍ତରିତ କରିଥିଲେ। ଉତ୍ତମ ମାନର ଜୀବନଧାରଣ ନିମନ୍ତେ ଯୁଦ୍ଧିଷ୍ଠିରଙ୍କୁ ଗୃହରେ ସର୍ବଦା ୫ଟି ଜିନିଷ ସାଇତି ରଖିବାକୁ ପରାମର୍ଶ ଦେଇଥିଲେ ଶ୍ରୀକୃଷ୍ଣ।ଯେଉଁଗୁଡିକ ଜୀବନକୁ ସୁଖୀ ଓ ସମୃଦ୍ଧ କରିବାକୁ ଯଥେଷ୍ଟ।ଏଥିରେ ଭଗବାନ କୃଷ୍ଣ ଜଳକୁ ସର୍ବାଧିକ ମହତ୍ୱ ଦେଇଥିବା ବେଳେ ଚନ୍ଦନ, ଗୋ ଘୃତ, ମହୁ ଓ ବୀଣା ରଖିବାକୁ କହିଥିଲେ।ଭଗବାନ ଶ୍ରୀକୃଷ୍ଣ ଯୁଦ୍ଧିଷ୍ଠିରଙ୍କୁ ତାଙ୍କ ରାଜ୍ୟରେ ସମୁଚିତ ଜଳର ବ୍ୟବସ୍ଥା କରିବାକୁ କହିଥିଲେ। ଯେପରି ରାଜ୍ୟର ପ୍ରଜା ଜଳ କଷ୍ଟ ଜନିତ ସମସ୍ୟାରେ ନ ପଡନ୍ତି। ବିଭିନ୍ନ ହିନ୍ଦୁ ଧର୍ମଗ୍ରନ୍ଥରେ ଜଳର ମହିମାମୟ ବର୍ଣ୍ଣନା ବି ମିଳେ। ଘରେ ଶୁଦ୍ଧ ଜଳର ଉପସ୍ଥିତି ପରିବେଶକୁ ସକାରତ୍ମକ ରଖିଥାଏ। ଶ୍ରୀକୃଷ୍ଣ ଘରେ ଚନ୍ଦନ ରଖିବା ନିତ୍ୟାନ୍ତ ଆବଶ୍ୟକ ବୋଲି କହିଥିଲେ।ଏଥିଲାଗି ତାଙ୍କୁ ସାପମାନଙ୍କର ଉଦାହରଣ ବି ଦେଇଥିଲେ। ଚନ୍ଦନ ଗଛରେ ସାପ ଗୁଡେଇ ହୋଇ ରହନ୍ତିୟ ହେଲେ ଚନ୍ଦନର ଗୁଣ ଉପରେ ସାପମାନଙ୍କ ବିଷ ତତ୍ୱ ନଥାଏ। ସେହିପରି ଘରେ ଉତ୍କୃଷ୍ଟ ଚନ୍ଦନର ଉପସ୍ଥିତି ଘରର ସମସ୍ତ ନକରାତ୍ମକତା ନାଶ କରି ଖରାପ ଶକ୍ତିଙ୍କ କବଳରୁ ଘରକୁ ରକ୍ଷା କରିଥାଏ।ଗ୍ରାହ୍ୟସ୍ଥଙ୍କ ଘରେ ଗୋ ଘୃତ ରଖିବା ଅପରିହାର୍ଯ୍ୟ ବୋଲି ଯୁଦ୍ଧିଷ୍ଠିରଙ୍କୁ ଶ୍ରୀକୃଷ୍ଣ କହିଥିଲେୟ ଏମିତିରେ ଶ୍ରୀକୃଷ୍ଣଙ୍କ ବାଲ୍ୟ ଜୀବନ ଗୋ ଗୋଷ୍ଠରେ ବିତିଥିଲା।ଗୋ ସେବାକୁ ମାନବର ପରମଧର୍ମ ବୋଲି ଶ୍ରୀକୃଷ୍ଣ ନିଜ ଉକ୍ତିରେ ବି କହିଛନ୍ତି। ଏଥିରେ ଗୋ ଘୃତର ଘରେ ଅବସ୍ଥାନ ସମସ୍ତ ନକରାତ୍ମକତାର ନାଶକୁ ବୁଝାଏ। ପୂଜା ସ୍ଥାନରେ ଗୋ ଘୃତର ଦୀପଟିଏ ପ୍ରଜ୍ୱଳନ ଘରର ସୁଖ ସମୃଦ୍ଧିକୁ ଆମନ୍ତ୍ରଣ କରିଥାଏ।ସେହିପରି ମହୁକୁ ଅତ୍ୟନ୍ତ ପବିତ୍ର ପ୍ରାକୃତିକ ଖାଦ୍ୟ ପଦାର୍ଥ ବୋଲି କହିଛନ୍ତି ଶ୍ରୀକୃଷ୍ଣୟ ମହୁ ଯୋଗୁ ଗୃହର ବାତାବରଣ ବିଶୁଦ୍ଧ ରହିବା ସହ ସକରାତ୍ମକତା ସୃଷ୍ଟି ଲାଗି ଏଥିରେ ଅପୂର୍ବ ଶକ୍ତି ରହିଛି। ଏଣୁ ଘରେ ଘୃତ ଭଳି ମହୁକୁ ସ୍ଥାନ ଦେବା ସହ ଏହାର ନିତ୍ୟ ବ୍ୟବହାର ଉପରେ ବି ଗୁରୁତ୍ୱ ଦେଇଥିଲେ। ଏହା ଛଡା ବାଦ୍ୟ ଯନ୍ତ୍ର ବୀଣାର ଘରେ ଉପସ୍ଥିତିକୁ ମଧ୍ୟ ଗୁରୁତ୍ୱପୁର୍ଣ୍ଣ କହିଛନ୍ତି। ବୀଣା ବାଗଦେବୀ ସରସ୍ୱତୀଙ୍କ ପ୍ରୀୟ ବାଦ୍ୟୟ ଏଣୁ ବୀଣା ଥିବା ସ୍ଥାନକୁ ସରସ୍ୱତୀଙ୍କ ଆଗମନ ହୋଇଥାଏ। ଫଳରେ ଗୃହରେ ଭଗବତୀଙ୍କ ନିବାଶ ଯୋଗୁ ଲୋକଙ୍କ ବୁଦ୍ଧିର ବି ବିକାଶ ହୋଇଥାଏ। ଏଣୁ ଘରେ ବୀଣାଟିଏ ବି ରଖିବାକୁ ଯୁଦ୍ଧିଷ୍ଠିରଙ୍କୁ ପରାମର୍ଶ ଦେଇଥିଲେ ଶ୍ରୀକୃଷ୍ଣ।

# ଗ୍ଲୋଇଂ ଓ ଆଟ୍ରାକ୍ଟିଭ ଫେସ୍ ପାଇଁ ଆପଣାନ୍ତୁ ଏହି ଜିନିଷ



କ୍ଷୀର କେବଳ ସ୍ୱାସ୍ଥ୍ୟ ଭଲ ହୋଇନଥାଏ ବରଂ ଏହା ଆମ ତ୍ୱଚା ପାଇଁ ମଧ୍ୟ ଲାଭଦାୟକ ହୋଇଥାଏ। ଯଦି ଆପଣ କ୍ଷୀରକୁ ରାତି ସାରା ତ୍ୱଚାରେ ଲଗାଇ ରଖିବେ,ତେବେ ଆପଣଙ୍କୁ କୌଣସି ମହଙ୍ଗା କ୍ରିମ୍ କିମ୍ବା ଲୋସନର ଆବଶ୍ୟକତା ପଡ଼ିବ ନାହିଁ। କଞ୍ଚା କ୍ଷୀର ଦିନରେ ଯେତିକି ଲାଭଦାୟକ ହୋଇନଥାଏ ରାତିରେ ତ୍ୱଚାରେ ଲଗାଇବା ସେତିକି ଲାଭଦାୟକ ହୋଇଥାଏ। ଏଥିରେ ଲାକ୍ଟିକ୍ ଏସିଡ ଥାଏ ଯାହା ରାତି ସାରା ଆପଣଙ୍କ ତ୍ୱଚାକୁ ରିପେୟାର କରିବାର କାମ କରିଥାଏ। ଏହା ଦ୍ୱାରା ତ୍ୱଚା ଉପରେ ବୟସର ପ୍ରଭାବକୁ କମ୍ କରିବାରେ ସାହାଯ୍ୟ ମିଳିଥାଏ। ଆସନ୍ତୁ ଜାଣିବା ରାତିରେ ତ୍ୱଚାରେ କଞ୍ଚା କ୍ଷୀର ଲଗାଇବାର ବିଧି

■ କଞ୍ଚା କ୍ଷୀରରେ ଲାକ୍ଟିକ୍ ଏସିଡ ଥାଏ। କ୍ଷୀରରେ ଥିବା ଏହି ତତ୍ତ୍ୱ ଆପଣଙ୍କ ତ୍ୱଚାରେ ଥିବା ଡେଡ ସ୍କିନକୁ ଏକ୍ସଫୋଲିଏଟ୍ କରିବାରେ ସାହାଯ୍ୟ କରିଥାଏ। ରାତିରେ କଞ୍ଚା କ୍ଷୀର ଲଗାଇ ଶୋଇଲେ ସକାଳେ ତ୍ୱଚା ସଫା ହୋଇଯାଇଥାଏ। କ୍ଷୀରରେ ଥିବା ଲାକ୍ଟିକ୍ ଏସିଡ ମାର୍କେଟରେ ମିଳୁଥିବା ସ୍କ୍ରବଠୁ ବହୁତ ଗୁଣକାରୀ।

■ କଞ୍ଚା କ୍ଷୀର ଆପଣଙ୍କୁ ସୁନ୍ଦର ଚମକଦାର ତ୍ୱଚା ଦେଇଥାଏ। ଏହା ତ୍ୱଚାକୁ ହାଇଡ୍ରେଟ୍ କରି ସ୍କିନକୁ ଡ୍ରାଏନେସରୁ ରକ୍ଷା କରିଥାଏ। ଯଦି ଆପଣ ରାତି ସାରା ତ୍ୱଚାରେ କ୍ଷୀର ଲଗାଇବେ,ତେବେ ଅନ୍ୟ ଦିନ ଆପଣଙ୍କ ତ୍ୱଚାରେ ଚମକ ଆସିବ। ଏହାକୁ ଆପଣ ଫେସ୍ ମାସ୍କ ଭାବେ ମଧ୍ୟ ବ୍ୟବହାର କରି ପାରିବେ।

■ କଞ୍ଚା କ୍ଷୀରରେ ଅନେକ ପୋଷକ ତତ୍ତ୍ୱ ରହିଥାଏ। ଏଥିରେ ଲାକ୍ଟୋଜ, ପ୍ରୋଟିନ୍ ,କ୍ୟାଲସିୟମ୍, ଭିଟାମିନ୍ ଏ,ବି-୧୨,ଡି ଏବଂ ଜିଙ୍କ ସାମିଲ ରହିଛି। ଶୋଇବା ବେଳେ ସ୍କିନରେ ସର୍କୁଲେସନ ବଢ଼ିଯାଇଥାଏ,ଯାହା ଦ୍ୱାରା କ୍ଷୀରରେ ଥିବା ସମସ୍ତ ପୋଷକ ତତ୍ତ୍ୱ ଭଲ ଭାବେ ସ୍କିନରେ ମିଶିଥାଏ। ଫଳରେ ସ୍କିନ୍ ମଇଶ୍ଚରାଇଜ ହୋଇଥାଏ।

■ ତ୍ୱଚାରେ କଞ୍ଚା କ୍ଷୀର ଲଗାଇ ଶୋଇବା ଦ୍ୱାରା ତ୍ୱଚା ତେଲିଆ ହୋଇନଥାଏ,ଯାହା ଦ୍ୱାରା ବ୍ରଣ ସମସ୍ୟା ହୋଇନଥାଏ। ଯଦି ଆପଣ ଏଥିରେ ଅଳ୍ପ ଲୁଣ ମିଶାଇ ତ୍ୱଚାରେ ଲଗାଇବେ ତେବେ ଆପଣଙ୍କ ବ୍ରଣ ସମସ୍ୟା ଦୂର ହୋଇଯିବ।

# ୫ ବର୍ଷରେ ଓଡ଼ିଶାରେ ହେବ ୭୫ ହଜାର କିମି ରାସ୍ତା




**ଭୁବନେଶ୍ୱର,୯।୧୧ (ମହାଭାରତ):** ଓଡ଼ିଶାରେ ଅନୁଷ୍ଠିତ ହେଉଛି ୮୪ତମ ଇଣ୍ଡିଆନ ରୋଡ୍ସ କଂଗ୍ରେସ (ଆଇଆର୍‌ସି) ମହାକୁମ୍ଭ। ୧୯୩୪ ମସିହାରୁ ଆଇଆର୍‌ସି ଗଠନ ହୋଇଥିବା ବେଳେ ଏଯାବତ୍ ଓଡ଼ିଶାରେ ଆଇଆର୍‌ସିର ୫ଟି ବାର୍ଷିକ ସମ୍ମିଳନୀ ଆୟୋଜିତ ହୋଇଛି ଏବଂ ପୁଣିଥରେ ୬ଷ୍ଠ ଥର ପାଇଁ ଆୟୋଜନ କରିବାର ସୁଯୋଗ ପାଇଛି ଓଡ଼ିଶା। ଏହି ମହାକୁମ୍ଭକୁ ଉଦ୍‌ଘାଟନ କରି ସମ୍ବୋଧିତ କରିବେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନିତିନ ଗଡ଼କରୀ। ୨୦୧୫ ପରେ ପୁଣି ଏକ ଦଶନ୍ଧି ବ୍ୟବଧାନରେ ଓଡ଼ିଶା ଆଇଆର୍‌ସି ଆୟୋଜନ କରିବାକୁ ଯାଉଛି। ସଡ଼କ ଭିତ୍ତିଭୂମିକୁ ନେଇ ବିଶେଷଜ୍ଞ ଓ ଯନ୍ତ୍ରୀଙ୍କ ମଧ୍ୟରେ ଜ୍ଞାନ ଆଦାନପ୍ରଦାନର ସେତୁ ପାଲଟିବ ଏହି ବୃହତ୍ତ ସମ୍ମିଳନୀ। ଆଜି ଜନତା ମଇଦାନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି ଓଡ଼ିଶାର ଆଇନ, ପୂର୍ତ୍ତ, ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଆଗାମୀ ୫ ବର୍ଷ ମଧ୍ୟରେ ଓଡ଼ିଶାରେ ୭୫ ହଜାର କିମି ରାସ୍ତା ନିର୍ମାଣ ହେବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ। ସମଗ୍ର ଭାରତରେ ସଡ଼କ ଭିତ୍ତିଭୂମିର ବିକାଶ ତଥା ଏ ନେଇ ନୀତି ନିର୍ଦ୍ଧାରଣ କରିବା ନିମନ୍ତେ ଆଇଆର୍‌ସି ଭଳି ଜାତୀୟ ସମ୍ମିଳନୀ ଆୟୋଜିତ ହେଉଛି । ଏହି ସମ୍ମିଳନୀ ଇଞ୍ଜିନିୟର, ନୀତି ନିର୍ଦ୍ଧାରକ, ଗବେଷକ, ଶିଳ୍ପ ବୃତ୍ତିଗତ ଏବଂ ଶିକ୍ଷାବିତ୍‌ଙ୍କ ପାଇଁ ଏକ ଅନନ୍ୟ ପ୍ଲାଟଫର୍ମ। ସମ୍ମିଳନୀରେ ହେବାକୁ ଥିବା ଅଧିବେଶନଗୁଡ଼ିକର ବିଷୟବସ୍ତୁ ରହିଛି 'ରାଜରାସ୍ତା ପ୍ରଯୁକ୍ତି ବିଦ୍ୟା ଏବଂ ନୀତିରେ ପ୍ରମୁଖ ଉନ୍ନତି'। ଆଇଆର୍‌ସି ଦେଶର ସଡକ ଇଞ୍ଜିନିୟର ଏବଂ ଯୋଜନାକାରୀଙ୍କ ପାଇଁ ଏକ ବୃତ୍ତିଗତ ସଂଗଠନ ଭାବେ କାର୍ଯ୍ୟ କରୁଛି। କେନ୍ଦ୍ର ଓ ରାଜ୍ୟ ସ୍ତରରେ ବିଭିନ୍ନ ସରକାରୀ ବିଭାଗ ଏଥିରେ ସଶ୍ଳିଷ୍ଟ। ଏନ୍‌ଏଚ୍‌ଏଆଇ, ଏମ୍‌ୟୁଡି, ବ୍ରୋ, ଏମ୍‌ଇଏସ୍, ଏନ୍‌ଆର୍‌ଆଇଡିଏ, ଏନ୍‌ଏଚ୍‌ଆଇଡିଏସ୍‌ଏଲ୍, ଏମ୍ ଓ ଆରଡ଼ି ବ୍ୟତୀତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପବ୍ଲିକ ୱାର୍କସ ବିଭାଗ, ପବ୍ଲିକ ସେକ୍ଟର ଅଣ୍ଡରଟେକିଂ, ଆଇଆଇଟି, ଇଞ୍ଜିନିୟରିଂ କଲେଜ, ଗବେଷଣା ସଂଗଠନ, ଠିକାଦାର ସଂସ୍ଥା, ଏହି କାର୍ଯ୍ୟରେ ନିୟୋଜିତ ଅଛନ୍ତି। ସମଗ୍ର ଦେଶରେ ସଡ଼କ, ସେତୁ ଏବଂ ସୁଡଙ୍ଗ ନିର୍ମାଣର ଯୋଜନା, ଡିଜାଇନ୍, ପରିଚାଳନା ଓ ରକ୍ଷଣାବେକ୍ଷଣରେ ନୂତନ କୌଶଳକୁ ପ୍ରେତ୍ସାହିତ କରିବା ଏହି ସଂଗଠନର ଲକ୍ଷ୍ୟ ବୋଲି ମନ୍ତ୍ରୀ କହିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ଆଇଆର୍‌ସିର ସଭାପତି ମନୋରଞ୍ଜନ ପରିଡ଼ା, ନିର୍ମାଣ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ (ଆଇଏଏସ୍), ସ୍ଥାନୀୟ ସଂଚାଳକ ଇଂ ମାନସ ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଆଇଆର୍‌ସିର ଏହି ବାର୍ଷିକ ସମ୍ମିଳନୀରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ରାଷ୍ଟ୍ରମନ୍ତ୍ରୀ ଅଜୟ ତମ୍ତା, ହର୍ଷ ମଲହୋତ୍ରା, ଓଡ଼ିଶାର ଆଇନ, ପୂର୍ତ୍ତ, ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ମଧ୍ୟପ୍ରଦେଶର ପୂର୍ବ ମନ୍ତ୍ରୀ ରାକେଶ ସିଂହ ଅତିଥି ଭାବେ ଯୋଗଦେଇ ମାର୍ଗଦର୍ଶନ କରିବେ। ଭାରତର ସଡ଼କ ଭିତ୍ତିଭୂମିକୁ ମଜଭୁତ ଓ ଉନ୍ନତ କରିବାକୁ ଯନ୍ତ୍ରୀ ଓ ବିଶେଷଜ୍ଞଙ୍କ ମଧ୍ୟରେ ମାନସମନ୍ଥନ ହେବ। ୩ ଦିନରେ ମୋଟ ୧୯ଟି ଅଧିବେଶନ ଅନୁଷ୍ଠିତ ହେବ। ୩୫୦୦ରୁ ଉର୍ଦ୍ଧ୍ୱ ପ୍ରତିଭାଗୀ ଅଂଶଗ୍ରହଣ କରିବେ। ନଭେମ୍ବର ୭ରୁ ୧୦ ତାରିଖ ପର୍ଯ୍ୟନ୍ତ ୪ ଦିନ ଧରି ସଡ଼କ ଭିତ୍ତିଭୂମି, ଉନ୍ନତୀକରଣ ଓ ନୂଆ ଜ୍ଞାନକୌଶଳ ସଂପର୍କରେ ଜ୍ଞାନର ଆଦାନପ୍ରଦାନ ହେବ।

# ବିକଶିତ ଓଡ଼ିଶା ପାଇଁ ଉଚ୍ଚସ୍ତରୀୟ ସଂସ୍କାର କମିଟି

**ଭୁବନେଶ୍ୱର,୯।୧୧ (ମହାଭାରତ):** ଓଡ଼ିଶା ସରକାର ଏକ ଦାୟିତ୍ୱସମ୍ପନ୍ନ, ପାରଦର୍ଶୀ ଏବଂ ଦକ୍ଷ ନାଗରିକ କେନ୍ଦ୍ରିକ ଶାନ ପ୍ରଣାଳୀ ବ୍ୟବସ୍ଥାରେ ବିକଶିତ ଓଡ଼ିଶା ୨୦୩୬ ଓ ୨୦୪୭ ଲକ୍ଷ୍ୟ ସାଧନ ପାଇଁ ପ୍ରତିବଦ୍ଧ ଅଟନ୍ତି। ରାଜ୍ୟରେ ସଂସ୍ଥାଗତ ଏବଂ ସଂଗଠିତ ବ୍ୟବସ୍ଥାର ଆବଶ୍ୟକତାକୁ ଅନୁଭବ କରି ସରକାର ପ୍ରଶାସନିକ ଢ଼ାଞ୍ଚାକୁ ସମୀକ୍ଷା କରିବା, ପ୍ରଣାଳୀଗତ ତ୍ରୁଟି ବା ପ୍ରତିବନ୍ଧକଗୁଡ଼ିକୁ ଚିହ୍ନଟ କରିବା ଏବଂ ଭବିଷ୍ୟତ ଦୃଷ୍ଟିକୋଣରୁ ସଂସ୍କାରମୂଳକ ପରାମର୍ଶ ଦେବା ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ପ୍ରୟାସ ଦେଶର ଅନ୍ୟ ରାଜ୍ୟରେ ଗଠିତ ସମାନ ସଂସ୍କାର ବ୍ୟବସ୍ଥାରୁ ପ୍ରେରଣା ଲାଭ କରି ଏବଂ ୨୦୪୭ ସୁଦ୍ଧା ଓଡ଼ିଶାକୁ ଶାସନ ପରିଚାଳନାରେ ଉତ୍କର୍ଷତା ଏବଂ ଅଗ୍ରଣୀ ଭାବେ ସ୍ଥିତ କରିବାକୁ ଲକ୍ଷ୍ୟ ରଖିଛି।

ଏହି ପରିପ୍ରେକ୍ଷୀରେ ରାଜ୍ୟପାଳଙ୍କ ଅନୁମୋଦନ କ୍ରମେ ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତରଫରୁ ଗତ ଅକ୍ଟୋବର ୨୭ ତାରିଖରେ ଏ ସମ୍ପର୍କରେ ପ୍ରଶାସନିକ ବ୍ୟବସ୍ଥା ଓ ଶାସନ ପରିଚାଳନା ପାଇଁ ସଂସ୍କାର କମିଟି ଗଠନ ନିମନ୍ତେ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି କମିଟିରେ ପ୍ରାକ୍ତନ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଯୁଗଳ କିଶୋର ମହାପାତ୍ର ଅଧ୍ୟକ୍ଷ ରହିଥିବା ବେଳେ ଏଥିରେ ଓ.ପି ଅଗ୍ରୱାଲ ସଦସ୍ୟ ଏବଂ ଟି.ଏମ୍. ବିଜୟ ଭାସ୍କର ମଧ ସଦସ୍ୟ ରହିଛନ୍ତି। ଏହି କମିଟି ବିକଶିତ ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭ ଆଭିମୁଖ୍ୟକୁ ଲକ୍ଷ୍ୟ ରଖି ବର୍ତ୍ତମାନ ରହିଥିବା ପ୍ରଶାସନିକ ଢ଼ାଞ୍ଚା, ନୀତି ଏବଂ ପ୍ରକ୍ରିୟାଗୁଡ଼ିକୁ ସମୀକ୍ଷା କରିବେ ଏବଂ ସେଥିରେ ରହୁଥିବା ଆବଶ୍ୟକ ସରଳୀକରଣ, ପାରଦର୍ଶିତା ଏବଂ ଉତ୍ତରଦାୟିତ୍ୱକୁ ନିଶ୍ଚିତ କରିବା ପାଇଁ ପରାମର୍ଶ ଦେବେ। ଏହି କମିଟି ଓଡ଼ିଶା, ଅନ୍ୟ ରାଜ୍ୟ ଓ ଆନ୍ତର୍ଜାତୀୟ ମଡେଲରୁ ସର୍ବଶ୍ରେଷ୍ଠ ଅଭ୍ୟାସଗୁଡ଼ିକ ଆଧାରରେ ସେବା ପ୍ରଦାନ କ୍ଷେତ୍ରରେ ଦକ୍ଷତା ବୃଦ୍ଧି, ଫଳାଫଳ ଭିତ୍ତିକ ଓ ଡିଜିଟାଲ ଅନୁପ୍ରୟୋଗ ବୃଦ୍ଧି ପାଇଁ ସଂସ୍କାର ସୁପାରିଶ କରିବେ। ସୁଦୃଢ଼ ଶାସନ ଫଳାଫଳ ପାଇଁ ଆନ୍ତଃ ବିଭାଗୀୟ ସମନ୍ୱୟ, ବିକେନ୍ଦ୍ରୀକରଣ ଏବଂ କ୍ଷେତ୍ର ପରିଦର୍ଶନକୁ ସୁଦୃଢ଼ କରି ଉନ୍ନତ ପରିଚାଳନା ଫଳାଫଳ ନିମନ୍ତେ ସୁପାରିଶ କରିବେ। ଭାଗିଦାରୀ ଶଶସନ ପରିଚାଳନା ପାଇଁ ସୁଯୋଗର ପରୀକ୍ଷା କରିବା, ନାଗରିକମାନଙ୍କ ଠାରୁ ମତାମତ ନେବା ସହିତ ଅଭିଯୋଗ ଶୁଣାଣି ଏବଂ ତଥ୍ୟ ପରିଚାଳିତ ନିଷ୍ପତ୍ତି ନେବାର ପରାମର୍ଶ ଦେବେ।

# ଉପକୂଳ ସୁରକ୍ଷା ପୋଲିସ୍ ପାଇଁ ଆହ୍ୱାନ

**ଭୁବନେଶ୍ୱର,୯।୧୧ (ମହାଭାରତ):** ଭୁବନେଶ୍ୱର ସ୍ଥିତ ପୋଲିସ ଭବନଠାରେ ଓଡିଶା ପୋଲିସ ରେଳବାଇ ଓ ଉପକୂଳ ସୁରକ୍ଷା ଆନୁକୂଲ୍ୟରେ ପୋଲିସ ଅଧିକାରୀମାନଙ୍କ ପାଇଁ ଏକ ଦିନିଆ ଦକ୍ଷତା ବୃଦ୍ଧି କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇ ଯାଇଛି। ଅଧିକାରୀମାନଙ୍କ ବୃତ୍ତିଗତ ଦକ୍ଷତା ଓ କାର୍ଯ୍ୟକୁଶଳତା ବୃଦ୍ଧି କରିବା, ରେଳବାଇ ଓ ଉପକୂଳ ସୁରକ୍ଷା ବିଷୟରେ ସଚେତନତା ଓ ଅପରାଧ ତଦନ୍ତରେ ବୈଷୟିକ ଜ୍ଞାନର ଭୂମିକା, ସାଇବର ଅପରାଧ, ଆଧୁନିକ ପ୍ରଣାଳୀରେ ତଦନ୍ତ, ଜାତୀୟ ଏବଂ ଅନ୍ତର୍ଜାତୀୟ ସାମୁଦ୍ରିକ ଆଇନ୍ ଭଳି ବିଭିନ୍ନ ଆଇନଗତ ଦିଗ ଉପରେ ସବିଶେଷ ଆଲୋଚନା କରାଯାଇଛି। ଡିଜିପି ଯୋଗେଶ ବାହାଦୁର ଖୁରାନିଆ ଯୋଗ ଦେଇ ଏହି କର୍ମଶାଳାକୁ ଆନୁଷ୍ଠାନିକ ଭାବେ ଉଦ୍ ଘାଟନ କରି ରେଳବାଇ ଓ ଉପକୂଳ ସୁରକ୍ଷାର କ୍ଷମତା ବୃଦ୍ଧି କରିବାରେ ଏହି କର୍ମଶାଳା ସହାୟକ ହେବ ବୋଲି କହିଥିଲେ। ରେଳବାଇ ଓ ଉପକୂଳ ସୁରକ୍ଷାକୁ ମଜବୁତ ତଥା ଆଧୁନିକୀକରଣ କରିବା ଆମର ମୂଳ ଲକ୍ଷ୍ୟ ବୋଲି ସେ କହିଛନ୍ତି। ମାନବ ସମ୍ବଳ ବୃଦ୍ଧି, ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟା ଓ କାର୍ଯ୍ୟଶୈଳୀରେ ଉନ୍ନତି ଆଣିବାକୁ ଓଡ଼ିଶା ପୋଲିସ ସର୍ବାଧିକ ଗୁରୁତ୍ୱ ଦେଉଛି। ଓଡ଼ିଶା ପୋଲିସକୁ ଦେଶର ସବୁଠୁ ଆଧୁନିକ ତଥା ସୁଦୃଢ଼ କରିବା ଓ ଏହାକୁ ଦେଶର ପ୍ରମୁଖ ପୋଲିସ ସଂଗଠନ ମାନଙ୍କ ମଧ୍ୟରୁ ଗୋଟିଏ କରିବାକୁ ରାଜ୍ୟ ସରକାର ଉଦ୍ୟମ କରିବା ସହ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ ଯୋଗାଇ ଦେଉଛନ୍ତି ବୋଲି ଆରକ୍ଷୀ ମହାନିର୍ଦ୍ଦେଶକ ତାଙ୍କର ବକ୍ତବ୍ୟ ରେ ଉଲ୍ଲେଖ କରିଥିଲେ। ସେ ଆହୁରି ମଧ କହିଥିଲେ ଲୋକ ମାନଙ୍କୁ ଫଳପ୍ରଦ ପୋଲିସ ସେବା ଯୋଗାଇଦେବା ପାଇଁ କର୍ମଚାରୀ ମାନଙ୍କ ମଧ୍ୟରେ ବୃତ୍ତିଗତ ଦକ୍ଷତା, ସମୟୋପଯୁକ୍ତ ପ୍ରସ୍ତୁତି ଓ ସମନ୍ୱୟ ରହିବା ହେଉଛି ମୁଖ୍ୟ ଚାବି। ଏହି କର୍ମଶାଳାରେ ଉପଲବ୍ଧ ଶିକ୍ଷଣୀୟ ତତ୍ତ୍ୱ ଗୁଡ଼ିକୁ ନେଇ କାର୍ଯ୍ୟ କ୍ଷେତ୍ରରେ ବିନିଯୋଗ କରି ରେଳବାଇ ଓ ଉପକୂଳ ସୁରକ୍ଷାକୁ ଆହୁରି ଶକ୍ତିଶାଳୀ କରିବାକୁ ସେ ଆହ୍ୱାନ ଦେଇଥିଲେ। କର୍ମଶାଳାରେ ଡା. କେଶବ କୁମାର,ଆଇପିଏସ୍ (ଅବସରପ୍ରାପ୍ତ ଡିଜିପି, ଗୁଜୁରାଟ) ଫରେନସିକ୍ ଉପଦେଷ୍ଟା, ଆସାମ ସରକାର, "ଅପରାଧ ତଦନ୍ତରେ ବୈଷୟିକ ଜ୍ଞାନ କୌଶଳର ବ୍ୟବହାର" ବିଷୟରେ ଆଲୋଚନା କରି ନିଜ ବ୍ୟକ୍ତିଗତ ଜୀବନର ଅଭିଜ୍ଞତା ସମ୍ପର୍କରେ ଆଲୋଚନା କରିଥିଲେ। ଭାରତୀୟ କୋଷ୍ଟ ଗାର୍ଡ ଅଧିକାରୀ, କମାଣ୍ଡାଣ୍ଟ ରବୀନ୍ଦ୍ର କୁମାର ଯୋଗ ଦେଇ ଅନ୍ତର୍ଜାତୀୟ ଓ ଜାତୀୟ ସମୁଦ୍ର ସୁରକ୍ଷା ଆଇନ ସହିତ ସାମୁଦ୍ରିକ ସୁରକ୍ଷା ସମସ୍ୟା ସଂକ୍ରାନ୍ତରେ ଉପସ୍ଥାପନା ପ୍ରଦାନ କରିଥିଲେ।




# ଭଦ୍ରକ ଜିଲ୍ଲା ବିକାଶ କାର୍ଯ୍ୟକ୍ରମରେ ସମୀକ୍ଷା

**ଭୁବନେଶ୍ୱର,୯।୧୧ (ମହାଭାରତ):** ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଶୁଭାରମ୍ଭ କରିବା ଅବସରରେ ଜିଲ୍ଲାର ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ଓ ସରକାରୀ ଯୋଜନା ସଂପର୍କରେ ସମୀକ୍ଷା କରିଥିଲେ। ଜିଲ୍ଲା ସଦଭାବନା ସଭାଗୃହରେ ଜିଲ୍ଲାପାଳ ଦିଲିପ ରାଉତରାଏ, ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନାରାୟଣ ସାହୁ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସରୋଜ କୁମାର ଦତ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ଏବଂ ବିଭିନ୍ନ ବିଭାଗର ପଦାଧିକାରୀମାନେ ଉପସ୍ଥିତ ଥିଲେ। ପ୍ରଥମେ ଜିଲ୍ଲାର ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ଆଲୋଚନା ହୋଇଥିଲା, ଏଥିରେ ଆରକ୍ଷୀ ଅଧୀକ୍ଷକ ଜିଲ୍ଲାରେ ବିଭିନ୍ନ ପର୍ବ ପର୍ବାଣୀକୁ ଶାନ୍ତି ଶୃଙ୍ଖଳା ସହିତ ପାଳନ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଇଥିବାର ସୂଚନା ପ୍ରଦାନ କରିଥିଲେ। ବିଶେଷ କରି ଐତିହାସିକ କାଳୀପୂଜା ଓ ଧାମନଗର ଉର୍ସ ରେ ହୋଇଥିବା ପ୍ରବଳ ଜନ ସମାଗମକୁ ଅତି ସୁସଂଗଠିତ ଭାବରେ ପରିଚାଳନା କରାଯାଇଥିଲା, ଯାହା ଫଳରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇନଥିଲା। ଏହା ଛଡା ମହିଳାଙ୍କ ଉପରେ ହେଉଥିବା ନିର୍ଯାତନା କୁ ରୋକିବା ପାଇଁ ପ୍ରତ୍ୟେକ ଥାନାରେ ଏକ ମହିଳା ଶକ୍ତି କେନ୍ଦ୍ର କ୍ରିୟାଶିଳ ଅଛି। ମିଶନ ଶକ୍ତି କାଫେ ସମସ୍ତ ବ୍ଲକ ଏବଂ ଜିଲ୍ଲା ମୁଖ୍ୟାଳୟରେ ଅବିଳମ୍ବେ କାର୍ଯ୍ୟାନ୍ୱିତ କରିବା ସହିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ଥାପନ କରିବାପାଇଁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ଅଙ୍ଗନଓ୍ୱାଡ଼ିର ନିଜସ୍ୱ ଗୃହ ଉପଲବ୍ଧି କରିବାପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ନିର୍ଦ୍ଦେଶ ଦେଇଥିଲେ।



# ବିଜେଡିର ନିର୍ବାଚନୀ ସଭାରେ କୁନି ପିଲା : ବିଜେପି

**ଭୁବନେଶ୍ୱର,୯।୧୧ (ମହାଭାରତ):** ଏକ ସଶକ୍ତ ଓ ସୁଦୃଢ଼ ଗଣତାନ୍ତ୍ରିକ ରାଷ୍ଟ୍ର ପାଇଁ ନିର୍ବାଚନ ମେରୁଦଣ୍ଡ ସଦୃଶ। ନିର୍ବାଚନ ମୁକ୍ତ, ଅବାଧ ଓ ନିରପେକ୍ଷ ହେବା ଉଚିତ, ଯାହା ଗଣତନ୍ତ୍ର ପାଇଁ ଶୁଭଙ୍କର ଅଟେ। କିନ୍ତୁ ଦୁଃଖର ବିଷୟ ବିଜୁ ଜନତା ଦଳ ୨୫ବର୍ଷ ଓଡ଼ିଶାକୁ ଶାସନ କରିଥିଲେ ମଧ ନିର୍ବାଚନ ସମୟରେ ଅଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚନ ପାରହେବା ପାଇଁ ଅପଚେଷ୍ଟା ଚଳାଇଛି। ନିର୍ବାଚନ ହାରିବା ଭୟରେ ଶାସକ ଦଳ ନିଜର ହିତାହିତ ଜ୍ଞାନ ହରାଇବସିଛି। ଶେଷରେ ବିଜେଡିର ଶେଷ ଭରସା କୁନି କୁନି ପିଲା ସାଜିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ନୂଆପଡା ନିର୍ବାଚନମଣ୍ଡଳୀ ନିର୍ବାଚନୀ ପ୍ରଚାର ଅବସରରେ ନିର୍ବାଚନ ଆଚରଣ ବିଧିର ଉଲ୍ଲଂଘନ ହେବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ନବୀନ ବାବୁଙ୍କୁ ସ୍ୱାଗତ ଜଣାଇବା ପାଇଁ କୋମନା ବ୍ଲକର ତରାବୋଡା ଗ୍ରାମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜେଡି ନେତାମାନେ କୋମଳମତି ଛୋଟ ଛୋଟ ପିଲାଙ୍କୁ ବ୍ୟବହାର କରିଥିଲେ। ଛୋଟ ଛୋଟ ପିଲାମାନେ ବିଜେଡିର ଦଳୀୟ ପତକା, ପୋଷାକ ପରିଧାନ କରି ସ୍ଲୋଗାନ ଦେଉଥିବାର ଦୃଶ୍ୟ ଗଣମାଧ୍ୟମ ତଥା ସାମାଜିକ ଗଣମାଧ୍ୟମରେ ପ୍ରକାଶିତ ହେଉଛି। ଶିଶୁ ସୁରକ୍ଷା ଆଇନର ଖୋଲାଖୋଲି ଉଲ୍ଲଂଘନ କରିଛି ବିଜେଡି। ଏହା ସଂପୂର୍ଣ୍ଣ ଭାବେ ଆଦର୍ଶ ନିର୍ବାଚନ ଆଚରଣ ବିଧିର ଖୋଲାଖୋଲି ଉଲ୍ଲଂଘନ। ଯାହାର ଭିଡିଓ ଓ ଫଟୋକୁ ନେଇ ତଥ୍ୟ ସହିତ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଏଥିରେ ସଂପୃକ୍ତ ଦୋଷୀଙ୍କ ବିରୁଦ୍ଧରେ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେପି ପ୍ରତିନିଧିମଣ୍ଡଳ ଦାବୀ କରିଛି ବୋଲି ବରିଷ୍ଠ ବିଜେପି ନେତା ଗୋଲକ ମହାପାତ୍ର କହିଛନ୍ତି।



# କଂଗ୍ରେସର ନୂଆପଡ଼ା ଇସ୍ତାହାର

**ଭୁବନେଶ୍ୱର,୯।୧୧ (ମହାଭାରତ):** ବିକଶିତ ନୂଆପଡାର ସ୍ୱପ୍ନ ସାକାର କରିବାକୁ ନେଇ କଂଗ୍ରେସର ଇସ୍ତାହାର ଉନ୍ମୋଚନ କାର୍ଯ୍ୟକ୍ରମ ଆଜି ନୂଆପଡାସ୍ଥିତ ଖୁଣ୍ଟିଆ ଭବନଠାରେ ପିସିସି ସଭାପତି ଭକ୍ତ ଚରଣ ଦାସ, କଂଗ୍ରେସ ବିଧାୟକ ପ୍ରାର୍ଥୀ ଘାସିରାମ ମାଝୀ ଓ ଦଳର ବରିଷ୍ଠ ନେତୃବୃନ୍ଦଙ୍କ ଉପସ୍ଥିତିରେ ଲୋକାର୍ପଣ ହୋଇଯାଇଛି। ଇସ୍ତାହାର ଚାରି ପର୍ଯ୍ୟାୟକୁ ନେଇ ଘୋଷଣା ହୋଇଛି। କଂଗ୍ରେସର ଅବଦାନ : କଂଗ୍ରେସ ସରକାର ସମୟରେ ବିକାଶ ମୂଳକ କାର୍ଯ୍ୟ କଣ କରିଥିଲା। କଂଗ୍ରେସ ଇସ୍ତାହାର : ଆଗାମୀ ଦିନରେ କଣ ସବୁ ବିକାଶମୂଳକ କାର୍ଯ୍ୟକ୍ରମ କରିବାକୁ ଚାହୁଁଛି। ପ୍ରତିକାର ଲୋଡ଼ା : ବିଭିନ୍ନ କ୍ଷେତ୍ରରେ ସରକାର ଅଚଳବସ୍ଥା ସୃଷ୍ଟି କରିଛନ୍ତି ତାକୁ ସୁଧାରି ଏସବୁ କ୍ଷେତ୍ରକୁ କାର୍ଯ୍ୟକ୍ଷମ କରିବା।

ବିଜେଡି ବିଜେପି : ବିଜେଡି ସରକାରରେ ଥିବାବେଳେ କଣ ସବୁ ପ୍ରତିଶୃତି ଦେଇଥିଲେ ଏବଂ ଦୀର୍ଘ ୨୪ ବର୍ଷଧରି ନୂଆପଡାକୁ ଅଣଦେଖା କରିଥିଲେ ତଥା ବର୍ତ୍ତମାନର ବିଜେପି ସରକାର କିଭଳି ପ୍ରତ୍ୟେକ ଦିନ କଞ୍ଚା ମିଛ କହୁଛନ୍ତି ଏସବୁ ବିଷୟ ଲୋକଙ୍କ ଗୋଚରାର୍ଥେ ପ୍ରକାଶ କରାଯାଇଛି। ମାଟିର ପୁଅ ଘାସିରାମ : କଂଗ୍ରେସ ପ୍ରାର୍ଥୀ ଶ୍ରୀ ମାଝୀ କିଭଳି ବିଗତ ୪୦ ବର୍ଷଧରି ଜନତାଙ୍କ ସେବାରେ ଅବିରାମ ସଂଘର୍ଷ କରି ଲୋକଙ୍କ ସୁଖ ଦୁଃଖର ସାଥୀ ହୋଇ ପାରିଛନ୍ତି ଆଲୋଚନା କରାଯାଇଛି। ଇସ୍ତାହାରରେ କଂଗ୍ରେସ ନୂଆପଡା ବିକାଶ ଯୋଜନା ପ୍ରସ୍ତୁତ କରିବା ସହ ବିଧାୟକ ପ୍ରାର୍ଥୀଙ୍କ ଏକ ଆବେଗପୂର୍ଣ୍ଣ ନିବେଦନ ମଧ ଅଛ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ସାଂସଦ ସପ୍ତଗିରି ଉଲ୍ଲାକା, ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ୍ କଂଗ୍ରେସ ଇସ୍ତାହାର ସମ୍ପର୍କରେ ବର୍ଣ୍ଣନା କରିଥିବା ବେଳେ ପିସିସି ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ପିସିସି କୋଷାଧ୍ୟକ୍ଷ ଇଂ ସିଦ୍ଧାର୍ଥ ସ୍ୱରୂପ ଦାସ, ପିସିସି ଉପସଭାପତି ସନ୍ତୋଷ ସିଂ ସାଲୁଜା, ଡ ଲଲାଟେନ୍ଦୁ ମହାପାତ୍ର ଉପସ୍ଥିତ ଥିଲେ।

# ଗୁରୁ ନାନକଙ୍କ ଜୟନ୍ତୀରେ ଭାଇଚାରାର ବାର୍ତ୍ତା

**ଭୁବନେଶ୍ୱର,୯।୧୧ (ମହାଭାରତ):** ଗୁରୁ ବାବା ନାନକଙ୍କ ଜନ୍ମ ଦିନ ଉପଲକ୍ଷେ ଖାରବେଳ ନଗର ୟୁନିଟ-୩ ସ୍ଥିତ ଗୁରୁଦ୍ୱାରା ସିଂ ସଭା ଚଳଚଞ୍ଚଳ ହୋଇଛି। ଗୁରୁବାବା ନାନକଙ୍କ ପ୍ରତି ମାନ୍ୟକାରୀଙ୍କ ଶ୍ରଦ୍ଧା ଓ ଉତ୍ସାହ ଦେଖିବାକୁ ମିଳିଛି। ମାନବବାଦ ଏବଂ ଭାଇଚାରାର ବାର୍ତ୍ତା ବାଣ୍ଟିବା ପାଇଁ ଅହମଦୀୟା ମୁସଲିମ ସମ୍ପ୍ରଦାୟ ଭୁବନେଶ୍ୱରର ମୌଲାନା ହଲିମ ଖାଁ, ସଚିବ ମୁବାରକ ଅହମଦ ଏବଂ ତାହେର ଅହମଦ ଖାଁ ପ୍ରମୁଖ ଗୁରୁଦ୍ୱାରାକୁ ଯାଇ ସେବାଦାରଙ୍କ ସହ ଭେଟ କରି ମିଷ୍ଟାନ ଓ ବିଶ୍ୱଭାଇଚାରାର ବାର୍ତ୍ତା ବହନ କରିଥିଲେ। କାର୍ଯ୍ୟକ୍ରମରେ ଗୁରୁପର୍ବ ସଂପର୍କୀତ ଭଜନ ଓ କୀର୍ତ୍ତନ ପାଠ କରାଯାଇଥିଲା। ଗୁରୁ ବାନା ନାନକ କୁହନ୍ତି କେବେବି କାହାରି ଅଧିକାରକୁ ଛଡ଼ାଇ ନିଅ ନାହିଁ। ଦୁନିଆରେ କେହି ବ୍ୟକ୍ତି ଭ୍ରମରେ ନରହୁ କି କୌଣସି ଗୁରୁ ବିନା କେହି ଅନ୍ୟ ପାରିକୁ ପହଞ୍ଚିପାରିବ। ଗୁରୁ ଦ୍ୱାରା ସୁଖି ରହିବ ପରିବାର। ଈଶ୍ୱର ଏକ। ସେ ସର୍ବତ୍ର ବିଦ୍ୟମାନ। ସେଥିଯୋଗୁଁ ଆମ ସଭିଙ୍କୁ ମିଳିମିଶି ରହିବା ଉଚିତ। ଏ ଦୁନିଆ ଦୁଃଖ କଷ୍ଟରେ ଭରା, ଯାହାକୁ ନିଜ ଉପରେ ଭରସା ଅଛି ସେହିଁ ବୀଜୟ ଲାଭ କରିବ। କେବଳ ସେହି କଥା କହିବା ଉଚିତ ଯାହା ଆମକୁ ସମ୍ମାନ ଦେଇପାରିବ। ନା କେହି ହିନ୍ଦୁ, ନା କେହି ମୁସଲମାନ ଆମେ ସମସ୍ତେ ମନୁଷ୍ୟ ସେଥି ଯୋଗୁଁ ଆମେ ସମାନ। ଜୀବନରେ କେବେ ହେଲେ ଏହା ଭାବ ନାହିଁ କି କୌଣସି କାର୍ଯ୍ୟ କଠିନ। ଲାଳଚ ମନର ମଇଳା ଏବଂ ମିଛ ଜିହ୍ୱାର ମଇଳା। ଆଖିର ମଇଳା ପର ସ୍ତ୍ରୀ ଉପରେ ଲୋଲୁପ ଦୃଷ୍ଟି ପକାଇବା। ଏହି ବନ୍ଧୁମିଳନ ଅବସରରେ ଗୁରୁଦ୍ୱାରା କମିଟିର ମୁଖ୍ୟ ମହିନ୍ଦର ସିଂ ଏବଂ ଯସପାଲ ସିଂ ପ୍ରମୁଖ ଯୋଗ ଦେଇଥିଲେ।



# ସ୍କାଉଟ୍ ଗାଇଡ୍‌ର ପ୍ରତିଷ୍ଠା ଦିବସ



**ଭୁବନେଶ୍ୱର,୯।୧୧ (ମହାଭାରତ):** ନଭେମ୍ବର ୭ ତାରିଖ ଭାରତ ସ୍କାଉଟସ୍ ଓ ଗାଇଡ଼ସ୍‌ର "ପ୍ରତିଷ୍ଠା ଦିବସ" ପ୍ରତିବର୍ଷ ପାଳିତ ହୋଇଆସୁଅଛି। ବିଶେଷ କରି ଚଳିତ ବର୍ଷ ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ସାରା ଭାରତରେ ଆନନ୍ଦ ଉଲ୍ଲାସରେ ଏହି ପ୍ରତିଷ୍ଠା ଦିବସଟିକୁ ପାଳିତ ହେବା ସହ ଏହି ଦିବସଟିକୁ ସ୍ମରଣୀୟ କରିବା ପାଇଁ ରାଜ୍ୟର ସବୁ ଜିଲ୍ଲାରେ କବ୍, ବୁଲ୍‌ବୁଲ୍, ସ୍କାଉଟ ଗାଇଡ୍, ରୋଭର ଏବଂ ରେଞ୍ଜରମାନେ ରାଜ ରାସ୍ତାରେ ସଚେତନତା ରାଲି କରିବା ସହିତ ସ୍କାଉଟ ଏବଂ ଗାଇଡ୍‌ର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ସ୍ୱତନ୍ତ୍ର ଭାବେ ତିଆରି ହୋଇଥିବା ଲୋଗୋଟିକୁ ସମସ୍ତଙ୍କୁ ପ୍ରଦାନ କରିବା ପାଇଁ ଜାତୀୟ ଉପସଭାପତି ତଥା ରାଜ୍ୟ ମୁଖ୍ୟ କମିଶନର ଡଃ. କାଳି ପ୍ରସାଦ ମିଶ୍ର ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ସ୍କାଉଟ ଗାଇଡ୍‌ମାନେ ଓଡିଶାର ମାନ୍ୟବର ରାଜ୍ୟପାଳ ଏବଂ ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ମୁଖ୍ୟ ପୃଷ୍ଠପୋଷକ ଡଃ. ହରିବାବୁ କମ୍ଭମପତି ମହୋଦୟଙ୍କୁ ପ୍ରତୀକ ପତାକା ପ୍ରଦାନ କରି ଆଶିର୍ବାଦ ଗ୍ରହଣ କରିଛନ୍ତି।

# ଶିଶୁର ଜୀବନ ବଞ୍ଚାଇଲେ ଡାକ୍ତର

**ଭୁବନେଶ୍ୱର,୯।୧୧ (ମହାଭାରତ):** ଜନ୍ମ ସମୟରେ ମାତ୍ର ୭୦୦ ଗ୍ରାମ ଓଜନ ସହ ଗୁରୁତର ସ୍ୱାସ୍ଥ୍ୟାବସ୍ଥାରେ ଥିବା ଏକ ସମୟପୂର୍ବ ଶିଶୁପୁତ୍ରର ଜୀବନ ବଂଚାଇବାରେ ସଫଳ ହୋଇଛନ୍ତି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ୍ କ୍ୟାମ୍ପସ - ୧ର ଡାକ୍ତର ଓ ନର୍ସିଂ ଟିମ୍। କେନ୍ଦ୍ରାପଡ଼ା ଜିଲ୍ଲାର ଜଣେ ମହିଳା ୨୫ ସପ୍ତାହର ଜଣେ ଶିଶୁପୁତ୍ରକୁ ଜନ୍ମ ଦେଇଥିବା ବେଳେ ଗୁରୁତର ଅବସ୍ଥାରେ ଶିଶୁଟିକୁ ଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲ୍‌ର ନବଜାତ ଶିଶୁ ରୋଗ ବିଭାଗ ଏନ୍‌ଆଇସିୟୁରେ ଭର୍ତି କରାଯାଇ ଚିକିତ୍ସା କରାଯାଇଥିଲା ବୋଲି ହସ୍ପିଟାଲ ପକ୍ଷରୁ କୁହାଯାଇଛି। ଶିଶୁଟି ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରୁଥିବାରୁ ତାକୁ ପ୍ରାୟ ଅଢ଼େଇ ମାସ ପର୍ଯ୍ୟନ୍ତ ନନ୍ ଇନ୍‌ଭେସିଭ୍ ଭେଂଟିଲେସନ୍‌ରେ ରଖାଯାଇଥିଲା। ସମୟ ପୂର୍ବରୁ ଶିଶୁଟି ଜନ୍ମ ଗ୍ରହଣ କରିଥିବାରୁ ତା' ଶରୀରରେ ଅନେକ ସମସ୍ୟା ମଧ ଦେଖାଯାଇଥିଲା। ଶିଶୁଟିକୁ ଏନ୍‌ଆଇସିୟୁରେ ଡାକ୍ତର ଓ ନର୍ସମାନେ ସ୍ୱତନ୍ତ୍ର ଧ୍ୟାନ ଦେଇ ଚିକିତ୍ସା କରିଥିଲେ। ଶିଶୁଟିର ଅବସ୍ଥା ଖୁବ ଗୁରୁତର ଥିବା ଦୃଷ୍ଟିରୁ୧୦୦ ଦିନ ଏନ୍‌ଆଇସିୟୁରେ ରହିବା ପରେ ତାଙ୍କୁ ହସ୍ପିଟାଲ୍‌ରୁ ଡିସ୍‌ଚାର୍ଜ କରାଯାଇଥିଲା। ନବଜାତ ଶିଶୁ ରୋଗ ବିଭାଗର ମୁଖ୍ୟ ଡାକ୍ତର ଦେବାଶିଷ ନନ୍ଦଙ୍କ ନେତୃତ୍ୱରେ ଡାକ୍ତର ରତନ ଦାସ, ଡାକ୍ତର ବିଜୟ କୁମାର, ଡାକ୍ତର ବିନୀତ ପାଣିଗ୍ରାହୀ, ଡାକ୍ତର ଭାବଗ୍ରାହୀ ମଲ୍ଲିକ୍, ଡାକ୍ତର ଶ୍ରୁତି କର, ଡାକ୍ତର ପାୟଲ ପ୍ରଧାନ, ଡାକ୍ତର ଦେବୀପ୍ରସାଦ ସାହୁ, ଡାକ୍ତର ସୁରେଶ ତ୍ରିପାଠୀ, ଡାକ୍ତର ଶିତିକଣ୍ଠ ନାୟକ, ଡାକ୍ତର ପୁଜିଆ.ଜେ, ଡାକ୍ତର ସାରଥ ଚନ୍ଦ୍ରିକା ଏବଂ ଡାକ୍ତର କଳ୍ପିତା ସାହୁ ଶିଶୁଟିର ଚିକିତ୍ସା କରିଥିଲେ। ଶିଶୁଟି ସୁସ୍ଥ ହେବା ପରେ ଡାକ୍ତର ନନ୍ଦ ଖୁସି ବ୍ୟକ୍ତ କରିବା ସହ ତାଙ୍କ ଟିମ୍‌କୁ ଶୁଭେଚ୍ଛା ଜଣାଇଛନ୍ତି।

# ବନାଞ୍ଚଳ ଉନ୍ନୟନ ସମିତିର ପରିଚାଳନା ବୈଠକ

**ଭୁବନେଶ୍ୱର,୯।୧୧ (ମହାଭାରତ):** ଓଡିଶା ବନାଞ୍ଚଳ ଉନ୍ନୟନ ସମିତିର ୩୭ତମ ପରିଚାଳନା ବୈଠକ ଗୃହ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବନାଞ୍ଚଳ ଉନ୍ନୟନ ସମିତିର ସମସ୍ତ କାର୍ଯ୍ୟାଧାରା ଉପରେ ଆଲୋଚନା ହୋଇଥିଲା। ପ୍ରାରମ୍ଭରେ ପୂର୍ବ ସମସ୍ତ ବୈଠକର ନିଷ୍ପତ୍ତି ଗୁଡିକୁ ସମୀକ୍ଷା ପୂର୍ବକ ଏହାର ପ୍ରଗତି ଓ ଅନୁପାଳନ ନିଶ୍ଚିତ କରାଯାଇଥିଲା। ସ୍ଥାୟୀ ଜଙ୍ଗଲ ପରିଚାଳନାରେ ଶତପ୍ରତିଶତ ସଫଳତା ହାସଲ କରିବା ସହିତ ବୃକ୍ଷରୋପଣ, ମୃତ୍ତିକା ଏବଂ ଆର୍ଦ୍ରତା ସଂରକ୍ଷଣ, ଜଙ୍ଗଲ ନିଆଁ ପ୍ରତିରୋଧକ ବ୍ୟବସ୍ଥା ଏବଂ ଜଙ୍ଗଲ ସୀମାରେ ଥିବା ନୂତନ ପିଲାର ନିର୍ମାଣ ଓ ପୁରାତନ ପିଲାର ରକ୍ଷଣା ବେକ୍ଷଣ ସହିତ ୧୨ଟି ବନଖଣ୍ଡରେ ସମସ୍ତ ଯୋଜନାବଦ୍ଧ କାର୍ଯ୍ୟ ସମାପ୍ତ ହୋଇଛି। କୃଷି ବନୀକରଣ ଯୋଜନା ଏବଂ ସମ୍ପ୍ରଦାୟର ଅଂଶଗ୍ରହଣ ମାଧ୍ୟମରେ ୮,୮୮୫ ହେକ୍ଟର ଭୂମିରେ ୮୮.୫% ଲକ୍ଷ୍ୟପୂରଣ ହୋଇଛି। ଏହା ମାଧ୍ୟମରେ ୧୯,୩୫୬ ଘରୋଇ ପରିବାର ସିଧାସଳଖ ଲାଭାନ୍ୱିତ ହୋଇଛନ୍ତି। ସମୁଦାୟ ଅଂଶଗ୍ରହଣ ଦ୍ୱାରା ଏହି କାର୍ଯ୍ୟ ସଫଳ ହୋଇଛି। ଜୀବିକା ଉନ୍ନୟନ କ୍ଷେତ୍ରରେ ଧର୍ଯ୍ୟ ଲକ୍ଷ ଠାରୁ ଅଧିକ ୪,୪୦୬ଟି ସ୍ୱୟଂ ସହାୟକ ଗୋଷ୍ଠୀ ଗଠିତ ହୋଇଛି। ଆୟ ଏବଂ ବଜାର ସଂଯୋଗକୁ ସୁନିଶ୍ଚିତ କରିବା ପାଇଁ ବିଭିନ୍ନ ବିଭାଗରେ ୫ଟି ବହୁମୁଖୀ ଉତ୍ପାଦ କ୍ଲଷ୍ଟର କାର୍ଯ୍ୟ କରୁଛି। ଦକ୍ଷତା ବିକାଶ କ୍ଷେତ୍ରରେ ଜଙ୍ଗଲ ପରିଚାଳନା ଏବଂ ଜୀବିକା ଉପରେ ୩୪ ଟି ବିଷୟଗତ କ୍ଷେତ୍ରକୁ ଅନ୍ତର୍ଭୁକ୍ତ କରାଯାଇ ୨.୦୮ ଲକ୍ଷରୁ ଅଧିକ ଅଂଶଗ୍ରହଣକାରୀଙ୍କ ପାଇଁ ୫,୦୯୩ ପ୍ରଶିକ୍ଷଣ ଆୟୋଜନ କରାଯାଇଥିଲା।

# ଶାନ୍ତି ପଥେ କାଶ୍ମୀର

ନିକଟରେ ଅନୁଷ୍ଠିତ ସଂସଦୀୟ ନିର୍ବାଚନରେ ବିପୁଳ ମତଦାନ ପ୍ରମାଣ କରୁଛି ଯେ, କାଶ୍ମୀରବାସୀ ଦେଶର ମୁଖ୍ୟସ୍ରୋତରେ ଅଛନ୍ତି। ଦେଶର ସମ୍ବିଧାନ ପ୍ରତି ସେମାନଙ୍କର ଆସ୍ଥା ଓ ବିଶ୍ୱାସ ରହିଛି। କାଶ୍ମୀରରେ ସୁରକ୍ଷା ବାହିନୀ ଉପରକୁ ଟେକା ପଥର ମାଡ଼ ଏବେ ଇତିହାସ। ଏହା ସମ୍ଭବ ହୋଇଛି ମୋଦି ସରକାରଙ୍କ ଆତଙ୍କବାଦ ପ୍ରତି ଜିରୋ ଟଲେରାନ୍ସ ନୀତି ଯୋଗୁ। ଏଥିରେ ବିଚଳିତ ହୋଇ ଆତଙ୍କବାଦୀ ସଙ୍ଗଠନ ଗୁଡ଼ିକ ସେମାନଙ୍କ ସ୍ଥିତି ଜାହିର କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ଗତ ୬ ମରସ ଭିତରେ ଘଟିଥିବା ଆତଙ୍କବାଦୀଙ୍କ ଆକ୍ରମଣରେ ଅନେକ ସାଧାରଣ ଲୋକ ଏବଂ ଜଣେ ସୁରକ୍ଷା କର୍ମୀ ନିହତ ହୋଇଛନ୍ତି। ଏହା ମଧ୍ୟରେ ରହିଛି ପହଲଗାମ ଆତଙ୍କୀ ହମଲା। ଏହା ପରେ ଗୃହମନ୍ତ୍ରୀ ଅମିତ ଶାହା ଏକ ଉଚ୍ଚସ୍ତରୀୟ ବୈଠକରେ ପରିସ୍ଥିତିର ସମୀକ୍ଷା କରିଛନ୍ତି। କାଶ୍ମୀର ଉପତ୍ୟକାରେ ଆତଙ୍କବାଦ ପ୍ରତି ଜିରୋ ଟଲେରାନ୍ସ ନୀତିକୁ ସେ ଦୋହରାଇଛନ୍ତି। ସାଧାରଣ ଲୋକଙ୍କ ଧନଜୀବନର ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ସେ ସୁରକ୍ଷା ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆତଙ୍କବାଦୀଙ୍କୁ ଉପଯୁକ୍ତ ଜବାବ ଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖ ଯୋଗ୍ୟ ଯେ, କାଶ୍ମୀର ଉପତ୍ୟକାରେ ଆତଙ୍କୀ କାର୍ଯ୍ୟକଳାପରେ ସମ୍ପୃକ୍ତ ଅଧିକାଂଶ ହେଉଛନ୍ତି ଅନୁପ୍ରବେଶକାରୀ ବିଦେଶୀ ନାଗରିକ। ତେଣୁ କାଶ୍ମୀର ଉପତ୍ୟକାରେ ଆତଙ୍କବାଦର ଦମନ ଲାଗି ପ୍ରଥମେ ଅନୁପ୍ରବେଶକୁ ରୋକାଯିବା ଜରୁରୀ। ଏଥିଲାଗି ସୀମାରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯିବା ଉଚିତ। ସେହିପରି ଗତ ୩ ମାସ ମଧ୍ୟରେ ଦେଶର ବିଭିନ୍ନ ମାଓ ଉପଦ୍ରୁତ ରାଜ୍ୟରେ ଅନେକ ମାଓବାଦୀ ସୁରକ୍ଷା ବାହିନୀ ଗୁଳିରେ ପ୍ରାଣ ହରାଇଛନ୍ତି। ମାଓବାଦୀଙ୍କ ସହ ଅଧିକାଂଶ ଏନକାଉଣ୍ଟର ଛତିଶଗଡ଼ରେ ହୋଇଛି। ଗତ ବର୍ଷ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏକ ସମୀକ୍ଷା ବୈଠକରେ ମାଓଦମନ ଅଭିଯାନକୁ ତ୍ୱରାନ୍ୱିତ କରିବା ଲାଗି ଅର୍ଦ୍ଧସାମରିକ ବାହିନୀକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାର ସୁଫଳ ଏବେ ମିଳୁଛି। ଏହା ରାତାରାତି ସମ୍ଭବ ନୁହେଁ। ଏଥିନିମନ୍ତେ ସମୟ ଆବଶ୍ୟକ। ମାଓଦମନ ଅଭିଯାନରେ ସଫଳତା ପଛରେ ଏକ ବଡ଼ କାରଣ ହେଲା। ଗୁଇନ୍ଦା ବ୍ୟବସ୍ଥାର ସୁଦୃଢ଼ୀକରଣ। ମାଓବାଦୀଙ୍କ ଗୁପ୍ତ ଆଡ୍ଡା, ସେମାନଙ୍କକ ଗତିବିଧି ଏବଂ ସେମାନଙ୍କୁ ମିଳୁଥିବା ସହାୟତା ସମ୍ପର୍କରେ ଗୁପ୍ତ ତଥ୍ୟ ମିଳିଲେ ମାଓଦମନ ଅଭିଯାନ ସହଜ ଏବଂ ସୁବିଧାଜନକ ହୋଇପାରିବ। ଛତିଶଗଡ଼ ଏବଂ ଝାଡ଼ଖଣ୍ଡରେ ଏହି କାରଣରୁ ମାଓଦମନ ଅଭିଯାନରେ ସଫଳତା ମିଳିଛି। କାଶ୍ମୀର ଉପତ୍ୟକାରେ ଆତଙ୍କବାଦ ଦମନ ଲାଗି ମଧ୍ୟ ସମାନ ଆବଶ୍ୟକତା ରହିଛି। ଅତ୍ୟାଧୁନୀକ ବ୍ୟବସ୍ଥା ସହିତ ଗୁଇନ୍ଦା ବ୍ୟବସ୍ଥାର ସୁଦୃଢ଼ୀକରଣ ନିହାତି ଜରୁରୀ। ଏଥିଲାଗି ସାଧାରଣ ଜନତାଙ୍କୁ ସୁରକ୍ଷା ବ୍ୟବସ୍ଥା ସହ ଯୋଡ଼ିବାକୁ ପଡ଼ିବ। ସାଧାରଣ ଜନତା ଯେତେବେଳେ ସୁରକ୍ଷା କର୍ମୀଙ୍କୁ ସହଯୋଗ କରିବେ ସେତେବେଳେ ଆତଙ୍କବାଦର ମୁକାବିଲା ସହଜ ହୋଇପାରିବ। ଅତୀତରେ କାଶ୍ମୀର ଉପତ୍ୟକାରେ ସୁରକ୍ଷା ବାହିନୀକୁ ଏଭଳି ସହଯୋଗ ମିଳୁନଥିଲା। ସାଧାରଣ ଜନତା ସ୍ୱଇଚ୍ଛାରେ ହେଉ ବା ବାଧ୍ୟବାଧକତାରେ ହେଉ ଆତଙ୍କବାଦୀଙ୍କୁ ସୁରକ୍ଷା ପ୍ରଦାନ କରୁଥିଲେ। ଏବେ ସେ ପରିସ୍ଥିତିରେ ପରିବର୍ତ୍ତନ ଆସିଛି। କାଶ୍ମୀରବାସୀ ଏବେ ସୁରକ୍ଷାବାହିନୀକୁ ସହାୟତାର ହାତ ବଢ଼ାଉଛନ୍ତି। ଆତଙ୍କବାଦକୁ ସମୂଳେ ନିପାତ କରିବାକୁ ଏବେ ସୁବର୍ଣ୍ଣ ସୁଯୋଗ।

# ଦୂତଙ୍କୁ କଷ୍ଟଦେବା ଶାସ୍ତ୍ର ବିରୁଦ୍ଧ

॥ ଅଜୟ କୁମାର ବେହେରା ॥

> “ପୋଲିସ ପ୍ରଶାସନରେ ପ୍ରତି ଥାନାଦାରଙ୍କ ମାର୍ଫତ ରାଜକାନୁନ ବିବରଣୀ ଜଣାଇ କାମରେ ଲଗାଉଛନ୍ତି। ନେତାମାନେ ଏମ୍.ପି ହେଲେ ଦଲ୍ଲୀରେ, ଏମଏଲଏ ହେଲେ ରାଜଧାନୀରେ ରହି ତାଙ୍କର ପ୍ରତିନିଧିଙ୍କ ଦ୍ୱାରା ନିର୍ବାଚନ ମଣ୍ଡଳୀରେ ସ୍ୱ ସ୍ୱ ଇପସିତ ଉନ୍ନତିକରଣ ଫରମାନ ଲଗାଇ କାର୍ଯ୍ୟ କରୁଛନ୍ତି। ଦିଲ୍ଲୀର ବାଦଶାମାନେ ସର୍ବତ୍ର ଯିବା ସମ୍ଭବ ନଥିଲା ତାଙ୍କର ଆଦେଶରେ ଦେଶ ସାରା ବାଦଶା କାନୁନ ଜାହିରି କରୁଥିଲେ।

ରାମାୟଣରେ ଦୁଇଟି ଦୂତଙ୍କର ବିଶେଷ ତଥ୍ୟ ରହିଛି ପ୍ରଥମ ହନୁମାନ ଦ୍ୱିତୀୟ ଅଙ୍ଗଦ। ପ୍ରଭୁ ଶ୍ରୀରାମଙ୍କ ସେ ଥିଲେ ଦୂତ ବା ଦୌତ୍ୟ ପ୍ରତିନିଧି। ଦୁଇ ମୁଖ୍ୟଙ୍କ ମଧରେ ପରସ୍ପର ଭାବ ଆଦାନ ପ୍ରଦାନ କରିବା ପାଇଁ ମାଧ୍ୟମ ଏଇ ଦୂତ। ଏକ ସ୍ଥାନରୁ ଅନ୍ୟ ସ୍ଥାନ ନିଶ୍ଚେ କିଛି ଦୂର ପ୍ରତି ସ୍ଥାନରେ ଆଚରଣ ଲୋକଚାର କିନ୍ତୁ ନିୟମ କାନୁନ, ଧର୍ମାଚରଣ, କଥିତ ଭାଷା ଓ ଲିଖିତ ଭାଷା ଭିନ୍ନ ହୋଇଥାଏ। ଏକ ରାଜ୍ୟ ମଧରେ ଭାଷା ଭିନ୍ନ ଏବେ ଜଣାପଡୁଛି। ରାଜ୍ୟରୁ ରାଜ୍ୟାନ୍ତର ଭାଷା ମଧ ଏପରି ହୋଇଥାଏ। ଦେଶରୁ ଦେଶାନ୍ତର ଭାଷା ସଂସ୍କୃତି ନିଶ୍ଚେ ଭିନ୍ନ। କଟକ ଭାଷା ପଶ୍ଚିମ ଓଡ଼ିଶା ଦକ୍ଷିଣ ଓଡ଼ିଶା, ଉତ୍ତର ଓଡ଼ିଶାର କଥିତ ତଫାତ ଭାଷା ଏବେ ପଡୁଛି। ଉତ୍ତର ଭାରତର ହିନ୍ଦୀଭାଷା ମାତ୍ର ତାମିଲନାଡୁରେ ତାମିଲଭାଷା ଆନ୍ଧ୍ରରେ, କର୍ଣ୍ଣାଟକ, କେରଳରେ ମହାରାଷ୍ଟ୍ର, ଗୁଜୁରାଟରେ ଭିନ୍ନ ଭିନ୍ନ ଭାଷା। ଯଦି ଏକ ରାଜ୍ୟର ଜଣେ କର୍ତ୍ତା। ଅନ୍ୟ ରାଜ୍ୟର କର୍ତ୍ତାଙ୍କ ନିକଟକୁ କୌଣସି ସମ୍ବନ୍ଧ ସ୍ଥାପନ ପାଇଁ ଚେଷ୍ଟା କରନ୍ତି ଏପାଇଁ ସେ ଭାଷା ଜ୍ଞାତ ହେବା ଦରକାର। ଏଥିପାଇଁ ଦୋଭାଷୀ ବା ବହୁଭାଷୀ ଜ୍ଞାନ ଥିବା ବ୍ୟକ୍ତିର ଆବଶ୍ୟକ। ଯେ ଜଣଙ୍କର ଭାଷା ଅନ୍ୟ ଜଣଙ୍କୁ ବୁଝାଇବାରେ କଷ୍ଟ ହୁଏନାହିଁ। ଶ୍ରୀରାମଙ୍କ ଘର ହିନ୍ଦୀ ଭାଷୀ ଅଯୋଧ୍ୟା, ରାବଣଙ୍କର ଘର ଲଙ୍କା ଯେଉଁଠି ହିନ୍ଦୀ ଅବଧି ଭାଷା ଯାହା ତାମିଲଭାଷା ଓ ସିଂହଳୀ ଭାଷା। ଏହି କ୍ଷେତ୍ରରେ ଯାଇଥିବା ଦୂତ କେମିତି ତାଙ୍କୁ ବୁଝାଇବେ ? ଏହା ଏକ ସମୟ, ଏକ ଭାଷାର ତତସମ ଶବ୍ଦ ଅନ୍ୟଙ୍କର ବୋଧ ଭାଷାରେ ବୁଝାଇବା ପାଇଁ ଦୋଭାଷୀ କଥକଙ୍କର ନିହାତି ଦୁଇ ଭାଷାର ଅଭିଧାନ ଜ୍ଞାନ ଥିବା ଦରକାର। ଦୁଇ ରାଜ୍ୟ ବା ଦୁଇ ଦେଶର ମାଧ୍ୟମିକ ରାଜ୍ୟ ଦୁଇ ସୀମା ଭାଷା ପାଇଁ ଅନେକ ଲୌକିକ ଜ୍ଞାନ ଆହରଣ କରିଥାନ୍ତି। ଏ ସମୟରେ ଶୁଦ୍ଧ ହିନ୍ଦୀ ଓ ତାମିଲ ସିଂହଳୀ ଭାଷାରେ ଦୁଇ ପକ୍ଷ କଥୋପକଥନ ହେଲେ କେବେ ଭାବ ବୁଝି ହେବନାହିଁ ଏଥିପାଇଁ ଅନେକ ସ୍ଥଳରେ ମାଧ୍ୟମ ଭାଷା ଇଂରାଜୀ ରହିଛି। ଭାରତରେ ଜାତୀୟ ଭାଷା ପୂର୍ବରୁ ସଂସ୍କୃତ ଭାଷା ଥିଲା ହେଲେ ଗଣତନ୍ତ୍ର ପ୍ରାସନରେ ହିନ୍ଦୀ ଭାଷାକୁ ଜାତୀୟ ଭାଷା କରାଯାଇଛି। ଏହାବାଦ ଅନେକ ଆଞ୍ଚଳିକ ଲିଖିତ ଓ କଥିତ ଭାଷା ଅଛି, ପୂର୍ବେ ସ୍ଥିର ଲିଖିତ ଭାଷା ନଥିଲା ଓ ପ୍ରତ୍ୟେକ ଭାଷାକୁ ଅନ୍ୟ ଭାଷାରେ କିପରି ବୁଝାଯାଇ ଭାବ ପ୍ରକାଶ କରାଯାଇ ପାରିବ ଏ ସମସ୍ୟା ଥିଲା। ଅନେକ ଭାଷାରେ ଠାର ଭାଷା ଅଛି, ଆମ ଓଡ଼ିଆ ଭାଷାରେ କରଣୀ ଭାଷା ଥିଲା। ଲୋକେ ଦର୍ପଣୀ ଭାଷା ଓ ଶଣିଠାରରେ ଭାଷା ବୁଝିବା ଥିଲା। ମାତ୍ର ଆଉ ଏକ ଭାଷା ରହିଛି ଯାହା ଶରୀରର ଅଙ୍ଗଭଙ୍ଗୀର ଭାଷା ଓ ହୃଦୟର ଭାଷା ଯେତେବେଳେ ବିଦେଶୀ ସମୁଦ୍ର ଜଳପଥରେ ଜଳଯାତ୍ରାରେ ଆସି ଭାରତ ଭୂଖଣ୍ଡରେ ପହଞ୍ଚି ଥିଲେ ସେମାନଙ୍କୁ ସାଗର ତଟଲୋକେ ଶତ୍ରୁ ଭାବି କିଛି କ୍ଷେପଣ କରି (ଇଟା, ପଥର, ଟେକା) ଫୋପାଡ଼ି ବ୍ୟସ୍ତ କରୁଥିଲେ ହେଲେ ତାଙ୍କ ପାଖରେ ରକ୍ଷା ପାଇବାକୁ ତତ୍କାଳ କିଛି ଉପାୟ ନଥିଲା ସେମାନେ ସଙ୍ଗରେ ନେଇ ଆସିଥିବା ଆଳୁକୁ ଫିଙ୍ଗି ଥିଲେ। ସ୍ଥାନୀୟ ବାସିନ୍ଦାମାନେ ଏହା କ'ଣ ? ଜାଣିବା ପାଇଁ ତାଙ୍କୁ ପଚାରିବା ଚେଷ୍ଟା କଲେ ତାପରେ ଆସିଲା ମିତ୍ରତା ଓ ଆଳୁର ପ୍ରୟୋଗ ଚାଷ ଇତ୍ୟାଦି। ଏମିତି ହାକିମୀ ଚିକିତ୍ସାର ଉପକାର ନମିଳିବା ସ୍ଥଳେ ପାଶ୍ଚାତ୍ୟ କନ୍ୟାର ଦାରୁଣ ରୋଗ ଆରୋଗ୍ୟ କାରଣରୁ ଏଥିରେ ବ୍ରିଟିଶ ଦୂତମାନେ ଭାରତରେ ରାଜ୍ୟ ଅନୁକମ୍ପା ପାଇଥିଲେ।

ଚକ୍ଷୁ ଦ୍ୱାରା ଅନେକ ଭାଷା ପ୍ରେମୀଯୁଗଳ ମଧରେ ବୁଝାପଡ଼େ। ଅନେକ ଯୁବତୀଙ୍କୁ ଇଙ୍ଗିତ ଚକ୍ଷୁରେ ଦୁଷ୍ଟ ଅଭଦ୍ର ଯୁବକ ଦେଇଥାନ୍ତି। ତ୍ରେତା ଯୁଗରେ ଋଷିମୁନୀମାନେ ଥିଲେ। ଋଷିମାନେ ସଂସ୍କୃତ ଭାଷାରେ ସବୁ ଶାସ୍ତ୍ର ଲେଖିଛନ୍ତି ଓ ପଢୁଥିବା ବେଦ ବା ପ୍ରୟୋଗ କରୁଥିବା ବେଦମନ୍ତ୍ର ସଂସ୍କୃତରେ ଥିଲା ସେମାନେ ତାଙ୍କର ଛାତ୍ର ମାନଙ୍କୁ ସଂସ୍କୃତ ମାର୍ଫତ ପଢ଼ାଉଥିଲେ। ଏମିତିକି ଶ୍ରୀରାମ ଓ ତାଙ୍କର ଭାଇମାନେ ସଂସ୍କୃତରେ ପଢ଼ିଛନ୍ତି। ରାବଣ, କୁମ୍ଭକର୍ଣ୍ଣ, ବିଭୀଷଣ ଆଦି ଋଷିକୁମାର, ବିଶ୍ରବା ଋଷିଙ୍କର ସେମାନେ ସନ୍ତାନ ଏମାନେ ବି ସଂସ୍କୃତ ପାଠ କରିଛନ୍ତି। ହେଲେ ତାଙ୍କର ମାମୁଁଘର ଭାଷା ଥିଲା ଭିନ୍ନ ଆଚାର, ବ୍ୟବହାର, ଜୀବନଧାରଣର ମାନ ଥିଲା ଭିନ୍ନ ଖାଦ୍ୟ ଭକ୍ଷଣ ଥିଲା ଭିନ୍ନ। ହନୁମାନ ଜଣେ ଏମିତି ବ୍ୟକ୍ତି ସେ ପ୍ରଖ୍ୟାତ ସଂସ୍କୃତ ପଣ୍ଡିତ ଜ୍ଞାନୀ ମାନଙ୍କର ଅଗ୍ରଗଣ୍ୟ। ଅନେକ ଭାଷାରେ ଜ୍ଞାତ ଥିଲେ ହେଲେ ଏକ ଶବ୍ଦର ନାନାଦି ଅର୍ଥ ବିଶ୍ଳେଷଣ ଥିବାରୁ ରାବଣ ସହିତ ତାଙ୍କର ଯୁକ୍ତିତର୍କ ହୋଇଥିଲା। ହନୁମାନଙ୍କ ବୋଧରେ ରାବଣଙ୍କ ଭାଷା ଶୈଳୀ ପ୍ରୟୋଗ ଜାଣି ତାର ଅନେକ କଥାରେ ହଁ ଭରି ନିଜ ଲାଙ୍ଗୁଳରେ ଅଗ୍ନି ସଂଯୋଗ ପାଇଁ ରାଜି ହୋଇଥିଲେ ଯାହା ହନୁମାନ ଜଣେ ଦୂତ ସେ ଅବଧ୍ୟ ତାଙ୍କୁ ରାବଣ ବିକଳାଙ୍ଗ ଚେଷ୍ଟା ଭାବନା ଓଲଟ ହୋଇ ସ୍ୱର୍ଣ୍ଣଲଙ୍କା ଦଗ୍ଧୀଭୂତ ହୋଇଥିଲା। ରାବଣ ଦୂତକୁ କଷ୍ଟ ଦେଇ ଶ୍ରୀରାମଙ୍କୁ ନିଜ ବଳ ପରାକ୍ରମ ସୂଚନା ଦେବା ଚିନ୍ତା ଫସର ଫାଟି ଯାଇଥିଲା। ମନ୍ତ୍ରୀ ସଚିବ ସବୁରାଜା ପ୍ରଶାସକଙ୍କର ରହିଛି। ରାଜହତ ଅଛନ୍ତି, ରାଜ ପ୍ରତିନିଧି ଅଛନ୍ତି। ରାଜଧାନୀ ସଦାବ୍ୟସ୍ତ ରାଜା ବା ମୁଖ୍ୟ ପ୍ରଶାସକ କେବେ ସର୍ବତ୍ର ଚାହିଁଲେ ବି ଯାଇ ନପାରନ୍ତି। ଏପାଇଁ ଅତି ଦରକାରୀ କାମରେ ଚିଫ ସେକ୍ରେଟାରୀ, ଜିଲ୍ଲା କଲକ୍ଟେର, ହସିଲଦାର, ବିଡ଼ିଓଙ୍କୁ ତାଙ୍କର ଆଦେଶ ଫରମାନ ପ୍ରୟୋଗ ପାଇଁ ସଦା ଲଗାଉଛନ୍ତି।

ପୋଲିସ ପ୍ରଶାସନରେ ପ୍ରତି ଥାନାଦାରଙ୍କ ମାର୍ଫତ ରାଜକାନୁନ ବିବରଣୀ ଜଣାଇ କାମରେ ଲଗାଉଛନ୍ତି। ନେତାମାନେ ଏମ୍.ପି ହେଲେ ଦଲ୍ଲୀରେ, ଏମଏଲଏ ହେଲେ ରାଜଧାନୀରେ ରହି ତାଙ୍କର ପ୍ରତିନିଧିଙ୍କ ଦ୍ୱାରା ନିର୍ବାଚନ ମଣ୍ଡଳୀରେ ସ୍ୱ ସ୍ୱ ଇପସିତ ଉନ୍ନତିକରଣ ଫରମାନ ଲଗାଇ କାର୍ଯ୍ୟ କରୁଛନ୍ତି। ଦିଲ୍ଲୀର ବାଦଶାମାନେ ସର୍ବତ୍ର ଯିବା ସମ୍ଭବ ନଥିଲା ତାଙ୍କର ଆଦେଶରେ ଦେଶ ସାରା ବାଦଶା କାନୁନ ଜାହିରି କରୁଥିଲେ। ବ୍ରିଟିଶ ରାଜ୍ୟର ପ୍ରତିନିଧି ଭାରତରେ ଲର୍ଡ଼ଥିଲେ ଏଇ ଲର୍ଡମାନେ ଜମିଦାର ରାଜାଙ୍କ ଦ୍ୱାରା ଖଜଣା କର ଆଦାୟ କରୁଥିଲେ। ଲୋକେ ରାଜ ଭୟରେ ବାଧ୍ୟ ହୋଇ କର ବାନ୍ଧୁଥିଲେ ନ ହେଲେ କାର୍ଯ୍ୟାନୁଷ୍ଠାନ ଜମି ବା ରାଜ୍ୟ ତାଲୁକ ନିଲାମ ହେଉଥିଲା ଅତଏବ ରାଜ ପ୍ରତିନିଧି ସଦା ଥିଲେ ଏବେ ଅଛନ୍ତି। ଜଣେ ରାଜ୍ୟ ମୁଖ୍ୟଙ୍କ ଯାତ୍ରାପଥରେ ଯେତେ ନିରାପତ୍ତାରକ୍ଷୀ କାମ କରନ୍ତି ତାଙ୍କର ଆଦେଶ ଜାହିର କରିବା ପାଇଁ ସେତେ ଦରକାର ନାହିଁ। ତାପରେ ମନ୍ତ୍ରଣା ଦାତାଙ୍କୁ ମୂଳ ଆଦେଶ ଦେଇ ତାହା କେମିତି କାମ କରିବ ଏହା ତାଙ୍କ ବୁଦ୍ଧି କରାମତିରେ କହିବାକୁ ପରାମର୍ଶ ଦେଇଥାନ୍ତି। ଦୂତ ବିଶ୍ୱାସର ପାତ୍ର ବା ଯାତ୍ରୀ, ସ୍ତ୍ରୀଲୋକ ଦୂତୀ କାର୍ଯ୍ୟ କରିପାରନ୍ତି। ରାଜ ଅନ୍ତଃପୁରର ଅଳି ଅଳି ରାଜକୁମାରୀ ସହ ଭିନ୍ନ ଦେଶର ରାଜକୁମାର ସମ୍ବନ୍ଧ ଦୂତୀମାନେ କରୁଥିଲେ। ହଂସଦୂତ, ମେଘଦୂତ ସମ୍ବନ୍ଧରେ ସଂସ୍କୃତ କାବ୍ୟରେ ଉଦାହରଣ ଅଛି, ଶ୍ରୀକୃଷ୍ଣ ଶ୍ରୀରାଧାଙ୍କ ମଧରେ ସମ୍ବନ୍ଧ ଦୂତୀଙ୍କ ଦ୍ୱାରା ହେଉଥିଲା। ଯୋଗବଳାଙ୍କ ମଧରେ ଦୂତୀ ଥିଲେ। ଦୂତୀ କାର୍ଯ୍ୟରେ ମାଳୁଣୀ, ବାରିକଆଣି, ଧୋବଣୀ ବ୍ୟବହାରରେ ଆସୁଥିଲେ। ପାରାପକ୍ଷୀ ଦୂତ କାର୍ଯ୍ୟ କରିବା ସମସ୍ତେ ଜାଣନ୍ତି। ଏବେ ମଧ ପାରାପକ୍ଷୀ ଦୂତ କାମରେ ଆସୁଛନ୍ତି। ନିମନ୍ତ୍ରଣ କରିବା କାର୍ଯ୍ୟ ଦୂତ ଦ୍ୱାରା କରାଯାଏ ଏ କାମ ନାପିତମାନେ ତୁଲାଉ ଥିଲେ। ଡାକ ବିଭାଗ ଦୂତକାର୍ଯ୍ୟ କରୁଛନ୍ତି। ପ୍ରେରକ ଗ୍ରାହକ ମଧରେ ଯୋଗସୂତ୍ର ଡାକ ବିଭାଗ କରି ଆସୁଛି। ମୁଦ ଚିଠି, ଖୋଲାଚିଠି, ବେରିଂ ଚିଠି, ରେଜେଷ୍ଟ୍ରି ଚିଠି, ପାର୍ସଲ, ମନିଅର୍ଡ଼ର ସବୁ ଗ୍ରାହକ ପାଇବା ଦୂତ ଦ୍ୱାରା ହିଁ ସାଧିତ ହେଉଛି। ଏବେ ଟେଲିଗ୍ରାମ ବାର୍ତ୍ତା। ବିଲୁପ୍ତ ମାତ୍ର ଦିନେ ଟେଲିଗ୍ରାମ ନେଇ ବାର୍ତ୍ତାବହ ମାନେ ଉଦ୍ଦିଷ୍ଟ ବ୍ୟକ୍ତିଙ୍କୁ ଦେଉଥିଲେ। ଯୁଦ୍ଧ ଭୂମିରେ କୂଟନୀତି ପ୍ରୟୋଗ ପାଇଁ ଦୂତ ପ୍ରେରଣ ହୁଏ। ଏହି ଦୂତମାନେ ମଧ ରକ୍ତପାତ ସମୟ ଅର୍ଥ କ୍ଷୟ, ବଳ କ୍ଷୟରୁ ତ୍ରାହି କରିପାରନ୍ତି। ମନ୍ତ୍ରପୁତ ତୀର ବି ଦୂତ କାମ କରେ। ତରଣୀ ସେନ ଓ ଶ୍ରୀରାମଙ୍କ ପ୍ରଥମ ତୀର ଏପରି ପ୍ରୟୋଗରେ ଥିଲା।

ଏସମୟରେ ମୋବାଇଲ ଫୋନ ଏ କାର୍ଯ୍ୟ ତୁଲାଉଛନ୍ତି ହେଲେ ଏଥିରେ ଗୋପନୀୟତାର ବିଶ୍ୱାସ ଲୁଟ ସମ୍ଭବନା ଆସିଗଲାଣି। ଯୁଗେ ଯୁଗେ ବିଶ୍ୱାସ ଘାତକ ଅଛନ୍ତି। ମନୁଷ୍ୟ ସ୍ୱ ସ୍ୱାର୍ଥ ପାଇଁ ପିଶାଚ ରାକ୍ଷସ ସମୟକୁ ହୋଇପାରେ ଏ ଯୁଗରେ ଏହାବାଦ ଯାଇନାହିଁ। ବିଶ୍ୱସନୀୟ ବ୍ୟକ୍ତି ବାଛିବା ଅତି କଠିନ। ତେବେ କିଛି ସତ୍ୟ ବି ରହିଛି ବୋଲି ଦୁନିଆ ତିଷ୍ଠି ରହିଛି। ଦୂତ ପ୍ରତିନିଧି ରାଜ କର୍ମଚାରୀ ରାଜାଙ୍କ ପରି ଶକ୍ତିଶାଳୀ ମୂଳ ଫାଇଲରୁ ଆଦେଶ ବିଳମ୍ବ ବା ନହୋଇ ପାରିବା ରାଜକର୍ମଚାରୀଙ୍କ ଦ୍ୱାରା ହିଁ ହୋଇପାରେ। ଫାଇଲ ଗାଏବ ଠିକ ସମୟକୁ ହୋଇପାରେ। ପୂର୍ବେ ଜାତିଆଣ ଭାବ ଟାଣ ଥିଲା, ଗ୍ରାମର ଚଉକିଆ ଜଣେ ତତ୍କାଳ ନିମ୍ନ ଜାତିର ବା ଭିନ୍ନ ଧର୍ମର ରହୁଥିଲେ ସେ ଯାଇ ଥାନାର ଦାରୋଗା ବା ମୁଖ୍ୟକର୍ତ୍ତାଙ୍କୁ ଗଣ୍ଡଗୋଳ କର୍ତ୍ତା, ଚୋର, ରାହାଜନୀକାରୀ ଅପରାଧି ଖବର ଜଣାନ୍ତି। ଥାନାରୁ ଚଉକିଆଙ୍କୁ ଆଦେଶ ମିଳିଥାଏ ଅଭିଯୁକ୍ତକୁ ଧରି ଥାନାକୁ ନେଇଯିବା ପାଇଁ। କାହାରି ଘରକୁ ତତ୍କାଳ ଚୌକିଆ ଗଲେ ତାକୁ ଘର ଅଟକ, ଜାତି ଅଟକ, କରାଯାଉଥିଲା। ନିଆଁ, ପାଣି ବନ୍ଦ କରାଯାଉଥିଲା। ଅତଏବ କେହି ଅପରାଧ ନକରିବା ପାଇଁ ଏକ ବଡ଼ ଉପାୟ ତତ୍କାଳ ଥିଲା, ଚୌକିଆ ଗ୍ରାମକୁ ଆସିଲେ ଅତଏବ ଗ୍ରାମରେ ଜଳୁଥିଲା, ଯାହା ଏ ସମୟରେ ଖୋଦ ଏସ.ପି, ଡି.ଜି. ଆସିଲେ ବି ଏପରି ହେଉନାହିଁ। ଧର୍ମ ଭୟ ଓ ସାମାଜିକ ବନ୍ଧନ ଭୟ, ଅପରାଧିକରଣ ବିରୋଧି ଥିଲା। ରାଜ ପ୍ରତିନିଧି ଦୂତ ସମ୍ମାନନୀୟ, ପୁରାଣରେ ବିଭିନ୍ନ ପର୍ଯ୍ୟାୟରେ ଦୂତ ପ୍ରେରଣ କରାଯିବା ଉଦାହରଣ ଅଛି। ଇତିହାସରେ ଅଛି, ଏ ସମୟରେ ଏପରି ବିଭିନ୍ନ ପ୍ରକାରରେ କରାଯାଉଛି। ହେଲେ ଛୋଟ କଥାକୁ ଏକ ଜଟିଳ କଥାରେ ଆକ୍ରୋଶରେ କରାଯାଇ ପରିବେଶ ଗୋଳମାଳ ଜନମତ ବିଭ୍ରାନ୍ତ କରାଯାଉଛି। ତେବେ ଘୋଷିତ ଯୋଜନାର ଅଟକଳ ଅର୍ଥ ଠିକ କାମରେ ଲାଗୁଛିକି ନାହିଁ। ପୁଣି ଏ ଅର୍ଥ କେଉଁ ତହବିଲରୁ ଅଣାଯାଇଛି। ଏହା ତଦାରଖ କରାଯିବା ନିହାତି ଜରୁରୀ। ପ୍ରିୟାପ୍ରୀତି ତୋଷଣରେ ଏବେକାର ନେତା ଲିପ୍ତ। ଏହି ପ୍ରିୟାପ୍ରୀତି ସବୁ ଦଳର ଶାସକ ଦଳର କାର୍ଯ୍ୟରୁ ବିରୁଦ୍ଧ ଦଳର ଲୋକେ କାମ ଭାଗ ନପାଇଲେ ଏପରି ଅପପ୍ରଚାର କରାଯାଇ ଜନମତ ବିଭ୍ରାନ୍ତ କରାଯାଉଛି। ଦେଶ ପ୍ରଗତି ଦିଗକୁ ଆଗେଇଲେ ଅନେକ ନୂଆ ଢାଞ୍ଚା ଆବଶ୍ୟକ। ଏ ପାଇଁ ସ୍ଥିର ରହି ପ୍ରଗତି ଦିଗକୁ ଅପେକ୍ଷା କରାଯିବା ଦରକାର। ବର୍ତ୍ତମାନ ଆଧୁନିକ ବିଜ୍ଞାନର ନୂଆ ଟେକନିକ ବହୁ ଆଗେଇ ଗଲାଣି। କୌଣସି ପୋଲ, ରାସ୍ତା, ଅନୁଷ୍ଠାନର ଆରମ୍ଭ ଉଦ୍ଘାଟନ ପ୍ରତ୍ୟକ୍ଷ ନକରାଯାଇ ରାଜଧାନୀରେ ବା ଦୂରରେ ବସି ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, କମ୍ପ୍ୟୁଟର ମୋବାଇଲ ମାର୍ଫତ ଭର୍ଚୁଆଲ ମୋଡ଼ରେ କରୁଛନ୍ତି। ଏପରିକି ରେଳଗାଡ଼ିର ପ୍ରଥମ ଶୁଭାରମ୍ଭ ଦିଲ୍ଲୀରେ ରହି ପ୍ରଧାନମନ୍ତ୍ରୀ ପୁରୀରୁ ଛାଡ଼ିବା ଗାଡ଼ିର କରୁଛନ୍ତି ଅତଏବ ଯନ୍ତ୍ର ବି ଦୂତ କାର୍ଯ୍ୟ କରିଲାଣି ଏଥିରେ କେହି ବିରୋଧ କରୁନାହାଁନ୍ତି। ଏଥିରେ ବିରୋଧିମାନେ ତଟସ୍ଥ ହୋଇ ଘଟଣା ସଂଦର୍ଶନ କରୁଛନ୍ତି।

ବରେଣ୍ୟ ବାଣୀ' ପିସି ସରକାର ଲେନ, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# କଳା ଅବତାର, ଅଂଶାବତାର ଓ ରାମାବତାର

॥ ଡା.ଦିଲ୍ଲୀପ କୁମାର ମହାରଣା ॥

ଭଗବାନଙ୍କର କଳା ବା ଅଂଶ ନେଇ ଯଦି କୌଣସି ଅବତାର ପୃଥିବୀରେ ଅବତୀର୍ଣ୍ଣ ହୁଅନ୍ତି ତାହେଲେ ତାଙ୍କୁ ଭଗବାନଙ୍କର କଳା ଅବତାର ବୋଲି କୁହାଯାଏ। ଭଗବାନଙ୍କର କଳା ବା ଅଂଶ ନେଇ ଯଦି କୌଣସି ଅବତାର ପୃଥିବୀରେ ଅବତୀର୍ଣ୍ଣ ହୁଅନ୍ତି ତାହେଲେ ତାଙ୍କୁ ଭଗବାନଙ୍କର କଳାବତାର ବୋଲି କୁହାଯାଏ। ଭଗବାନଙ୍କର ଯେତେ ଗୁଡ଼ିଏ ଅବତାର ଅଛି ତା ମଧ୍ୟରୁ ଅଂଶାବତାର ବା କଳାବତାର ଅଧିକ। କଳାବତାର ଓ ଅଂଶାବତାର ମଧ୍ୟରେ ସାମ୍ୟ ସୁସ୍ପଷ୍ଟ। ଏ ସମ୍ପର୍କରେ ଭାଗବତରେ ଯଥେଷ୍ଟ ଆଲୋଚନା କରାଯାଇଛି। ଭାଗବତ ଦଶମସ୍କନ୍ଦ ପଞ୍ଚମ ଅଧ୍ୟାୟ ୨୪ ପଦରେ ଶେଷନାଗଙ୍କୁ କଳାବତାର ବୋଲି ବର୍ଣ୍ଣନା କରାଯାଇଥିଲା ବେଳେ ଏକାଦଶ ସ୍କନ୍ଦ ଦ୍ୱିତୀୟ ଅଧ୍ୟାୟ ପ୍ରଥମ ପଦରେ ଅଂଶାବତାର ବୋଲି କୁହାଯାଇଛି ତେଣୁ ଅଂଶାବତାର ଓ କଳାବତାର ଭିତରେ ଶବ୍ଦର ପାର୍ଥକ୍ୟ ପରିଲକ୍ଷିତ ହେଲେ ମଧ୍ୟ ଅର୍ଥଗତ ସାମ୍ୟ ସୁସ୍ପଷ୍ଟ। କଳାବତାର ବା ଅଂଶାବତାର ପ୍ରାଚୀନତା ଦେଖିବାକୁ ଗଲେ ମନେ ହୁଏ ଯେ ଏହା ବହୁ ପ୍ରାଚୀନ କାଳରୁ ସାହିତ୍ୟର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖିତ। ସେଥିରେ ଅବତାର ସହିତ କଳାରୂପ ଓ କଳାଶକ୍ତିର ମଧ୍ୟ ବ୍ୟବହାର ହୋଇଛି।

ବିଷ୍ଣୁଙ୍କର ଅବତାର ମଧ୍ୟରେ ହେଉଛି ସପ୍ତମ ଅବତାର। ଏହି ଅବତାର ସମ୍ପୂର୍ଣ୍ଣ ମାନବ ଅବତାର। ଜଣେ ପ୍ରତାପୀ ମେଧା, ପ୍ରଜ୍ଞାଦୀପ୍ତ, ସ୍ଥିତପ୍ରଜ୍ଞା, ବିଚକ୍ଷଣ ଓ ବୀର ଭାବରେ ରାମାବତାର ଚିତ୍ରିତ ହୋଇଛି। ଧର୍ମର ପ୍ରତିଷ୍ଠା ଏବଂ ଅଧର୍ମ ବିରୁଦ୍ଧରେ ସଂଗ୍ରାମ ତଥା ଦୁଷ୍ଟ ସଂହାର ପାଇଁ ଭଗବାନ ମାନବ ଦେହରେ ଅବତୀର୍ଣ୍ଣ ହୁଅନ୍ତି। ଏହି ମୌଳିକ କାରଣ ଲାଗି ରାମଅବତାରର ପ୍ରୟୋଜନ। ଅତ୍ୟାଚାରୀ ରାବଣର ଅତ୍ୟାଚାରରେ ଜର୍ଜରିତ ଧରଣୀକୁ ଉଦ୍ଧାର କରିବା ପାଇଁ ଏବଂ ସତ୍ୟ ଧର୍ମ ନ୍ୟାୟର ପ୍ରତିଷ୍ଠା ପାଇଁ ରାବଣର ବିନାଶ ପାଇଁ ବିଷ୍ଣୁଙ୍କର ରାମଚନ୍ଦ୍ର ଅବତାର।

ପ୍ରାଚୀନ ଯୁଗଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଭାରତୀୟ ସାହିତ୍ୟରେ ଯେଉଁ ଦୁଇଜଣ କାବ୍ୟ ନାୟକ ସାହିତ୍ୟକୁ ଋଦ୍ଧିମନ୍ତ କରିପାରିଛନ୍ତି ସେମାନେ ହେଲେ ରାଘବ ଶ୍ରୀରାମଚନ୍ଦ୍ର ଏବଂ ବାସୁଦେବ ଶ୍ରୀକୃଷ୍ଣ। ଭାରତୀୟ ସଂସ୍କୃତି ମୁଖ୍ୟତଃ ଏହି ଦୁଇଜଣଙ୍କୁ କେନ୍ଦ୍ର କରି ଗତି କରିଆସିଛି। ରାମଚନ୍ଦ୍ରଙ୍କର ଅବତାରତ୍ୱ ଅପେକ୍ଷା କାବ୍ୟ ନାୟକତ୍ୱ ଅଧିକ ମାତ୍ରାରେ ପ୍ରତିପାଳିତ। କାବ୍ୟ କବିତା ଗୁଡ଼ିକରେ ତାଙ୍କର ବେଦତ୍ୱ ଅପେକ୍ଷା ମାନବୀୟ ଗୁଣାବଳୀକୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି। ତେଣୁ ରାମ ସାହିତ୍ୟ ପାଠକଲେ ପାଠକ ଭୁଲିଯାଏ ସେ ରାମଚନ୍ଦ୍ର ଜଣେ ସାଧାରଣ ମାନବ। ପାଠକ ହଜିଯାଏ କାବ୍ୟ ଭିତରେ ମଜିଯାଏ ତାର ଚରିତ୍ର ଗୁଣାବଳୀ ଗୁଡ଼ିକରେ ଭିଜିଯାଏ ତାଙ୍କର ଆଦର୍ଶ ଅନ୍ତର୍ନିହିତ ସତ୍ତା ଭିତରେ। କବି ଜଗନ୍ନାଥ ଦାସ ତାଙ୍କ ‘ଟୀକା ରାମାୟଣ’ରେ ରାମଚନ୍ଦ୍ରଙ୍କର ଅବତାର ଗୁଣ ଅପେକ୍ଷା ମାନବୀୟ ଗୁଣର ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି। କବି ରାମଚନ୍ଦ୍ରଙ୍କର ଜନ୍ମ ବୃତ୍ତାନ୍ତ ଆରମ୍ଭ କରିବାକୁ ଯାଇ ବର୍ଣ୍ଣନା କରିଛନ୍ତି ଯେ ରାମଚନ୍ଦ୍ର ହେବେ ସମ୍ପୂର୍ଣ୍ଣ ମାନବ ଯେଉଁଠି ଶଙ୍ଖ, ଚକ୍ର, ଗଦା ପଦ୍ମଧାରୀ ଚତୁର୍ଭୁଜ ଅପେକ୍ଷା ଦୁଇଭୁଜଧାରୀ ମାନବ ଶକ୍ତି, ସାହାସ ସଂଗ୍ରାମର ଅଧିକାରୀ ଅପେକ୍ଷା ଏକ ସାଧାରଣ ମାନବ ରୂପରେ ଗ୍ରହଣ କରିବା ଲାଗି ରାମଚନ୍ଦ୍ରଙ୍କର ଜନ୍ମ ପଛରେ ଥିଲା ପରମବ୍ରହ୍ମଙ୍କର ପରମ ନିର୍ଦ୍ଦେଶ। ସାଧାରଣତଃ ରାବଣର ନିଧନ ହେଉ ବା ଧର୍ମ ସଂସ୍ଥାପନା ନିମିତ୍ତ ହେଉ ଏହି ସବୁ ମଧ୍ୟରେ ଗୋଟିଏ ଅଖଣ୍ଡ ଚେତନା ସ୍ରୋତ ପ୍ରବାହିତ ହେଉଛି ତାହା ହେଉଛି ଇଚ୍ଛାମୟଙ୍କର ଲୀଳା ଯାହାକି ସାଧାରଣ ମଣିଷଙ୍କର ଅପେକ୍ଷା ଏକ ଅଲୌକିକ କାର୍ଯ୍ୟ ରୂପେ ଦୃଷ୍ଟିଗୋଚର ହୋଇପାରେ। କବି ଜଗନ୍ନାଥ ଦାସ ତାଙ୍କ ‘ଟୀକା ରାମାୟଣ’ ରେ ରାମଚନ୍ଦ୍ରଙ୍କୁ ଏକ ମାନବୀୟ ଚରିତ ରୂପେ କଳ୍ପନା କରିଥିଲେ ହେଁ ଅନେକ ସ୍ଥଳରେ ଦର୍ଶାଇଛନ୍ତି ଯେ ରାମଚନ୍ଦ୍ରଙ୍କ ଦ୍ୱାରା ତାଡ଼କା ନିଧନ ପରେ ତାଡ଼କାର ସ୍ୱର୍ଗ ପ୍ରାପ୍ତ ହେଲା। ଏହି ଦୃଶ୍ୟ ଦେଖି ବିଶ୍ୱାମିତ୍ର ବିଶ୍ୱାସ କଲେ ଯେ ରାମଚନ୍ଦ୍ର ହିଁ ସ୍ୱୟଂ ବିଷ୍ଣୁ। ବିଷ୍ଣୁଙ୍କର ସମସ୍ତ କାର୍ଯ୍ୟ ଓ ଗୁଣାବଳୀରେ ଅନୁରଞ୍ଜିତ ତେଣୁ ବିଶ୍ୱାମିତ୍ର ଭାବିଲେ ରାମଚନ୍ଦ୍ର ସାଧାରଣ ମଣିଷ ନୁହଁନ୍ତି। ରାମ ଅବତାରର ପୂର୍ବବର୍ତ୍ତୀ ଅବତାରଗୁଡ଼ିକରେ ଭଗବାନଙ୍କର ପ୍ରକଟିତ ଲୀଳାଖେଳା ପରି ରାମ ଅବତାରରେ ମଧ ସେହିପରି ଲୀଳା ଖେଳା ପ୍ରକଟିତ।

ସାରଳା ମହାଭାରତର ବନପର୍ବରେ ରାମଚରିତ ସଂକ୍ଷେପ ଭାବରେ ବର୍ଣ୍ଣିତ ହୋଇଛି। ଏତଦବ୍ୟତୀତ ଭୀଷ୍ମ ପର୍ବରେ ମଧ ରାମ ଅବତାରର ଉଲ୍ଲେଖ ପରିଲକ୍ଷିତ ହୁଏ। ଏଥିରେ ବିଷ୍ଣୁ ରାମାବତାର ଗ୍ରହଣ କରିବା କଥା କୁହାଯାଇଛି। ଏଥିରୁ ସ୍ପଷ୍ଟ ଭାବରେ ଅନୁମତି ହୁଏ ଯେ ସାରଳା ଦାସ ରାମ ବିଷ୍ଣୁ ଓ ଜଗନ୍ନାଥଙ୍କୁ ଏକ ଓ ଅଭିନ୍ନ ବୋଲି ପରିକଳ୍ପନା କରିଛନ୍ତି। ବାଲ୍ମିକୀ ରାମାୟଣ ଓ ଜଗମୋହନ ରାମାୟଣ ରାମଚରିତ୍ରକୁ ଅନୁଧ୍ୟାନ କଲେ ସ୍ପଷ୍ଟ ଅନୁମତି ହୁଏ ଯେ ବାଲ୍ମିକୀ ରାମଚନ୍ଦ୍ରଙ୍କୁ ଦେବତା ଅପେକ୍ଷା ମାନବୀୟ ଗୁଣରେ ଭୂଷିତ କରିଥିଲାବେଳେ ବଳରାମ ଦାସ ରାମଚନ୍ଦ୍ରଙ୍କୁ ମାନବ ଅପେକ୍ଷା ଦେବତାର ଆସନ ପ୍ରଦାନ କରିଛନ୍ତି। ତେଣୁ ବଳରାମ ଦାସଙ୍କ ରାମାୟଣରେ ରାମଚନ୍ଦ୍ର ବିଷ୍ଣୁଙ୍କର ଅବତାର ରୂପରେ ପ୍ରକଟିତ। ବ୍ରହ୍ମାଙ୍କ ବଳରେ ବଳିୟାନ ରାବଣର ନିଧନ ପାଇଁ ବିଷ୍ଣୁ ରାମ ଅବତାରରେ ଆବିର୍ଭୁତ ହୋଇଛନ୍ତି। ରାମଚନ୍ଦ୍ର ଭଗବାନଙ୍କର ଏକ ଅବତାର ଏଥିରେ ସନ୍ଦେହର ଅବକାଶ ନାହିଁ। କିନ୍ତୁ ବିଭିନ୍ନ ସମାଲୋଚକଙ୍କ ଦୃଷ୍ଟିରେ ସେ ଭିନ୍ନ ରୂପ ଧାରଣ କରିଛନ୍ତି। ଏହି ଭିନ୍ନ ଭିତରେ ସେ ଅଭିନ୍ନ, ରୂପ ଭିତରେ ସେ ଅରୂପ। ଆକାର ଭିତରେ ନିରାକାର ଓ କାଳ ଭିତରେ ସେ କାଳାତୀତ।

ଶିଖରପୁର ଉପରସାହି, କଟକ,ଦୂରଭାଷ : ୮୨୮୦୯୬୩୨୮୩/ ୯୪୩୮୫୮୩୨୮୯

# ଜୀବନ ଯୁଦ୍ଧର ଲଢ଼େଇରେ ଦିବ୍ୟାଙ୍ଗ ପୁଷ୍ପଲତା

॥ ସୁଶାନ୍ତ ଭୂୟାଁ ॥

ଲିଙ୍କରୋଡ଼ର ଗଳିପୋଲରୁ ଖାନନଗର ମୁଖ୍ୟ ରାସ୍ତା ପୂର୍ବରୁ ରେଳପୋଲର କିଛି ଦୂରର ବାମ ପାର୍ଶ୍ୱରେ ନୂଆଁଣିଆ ଭଙ୍ଗା ଛପର ଘର ଭିତରେ ଦିବ୍ୟାଙ୍ଗ ପୁଷ୍ପଲତାଙ୍କ ଛୋଟିଆ ଦୋକାନଟିଏ। ଯେଉଁଥିରେ ପାଞ୍ଚ ପ୍ରାଣୀ କୁଟୁମ୍ବ ପ୍ରତିପୋଷଣ ହୁଅନ୍ତି। ପିଲାଟି ଦିନରୁ ମେଧାବୀ ଛାତ୍ରୀଟିଏ ହୋଇ ପରିବାରର ସୁଖ ଦୁଃଖରେ ସାଥି ହେବାସହ ସମାଜ ସେବା ପାଇଁ ତାଙ୍କର ବହୁତ ଇଚ୍ଛା ଥିଲା। ହେଲେ ଭାଗ୍ୟ ସାଥ ଦେଲାନାହିଁ। ପୋଲିଓର ଅଭାବନୀୟ ସ୍ୱାସ୍ଥ୍ୟ ଦୁଃଖ ତାଙ୍କ ଦୁଇ ପାଦକୁ ବାନ୍ଧିଦେଲା। ସ୍ୱର୍ଗତଃ ସୁଦର୍ଶନ ସାହୁ ଓ ମା'ବାସନ୍ତୀ ଦେବୀଙ୍କ ଝିଅ ହେଉଛନ୍ତି ପୁଷ୍ପଲତା। ତିନି ଭଉଣୀ ଓ ଗୋଟିଏ ଭାଇଙ୍କୁ ନେଇ ତାଙ୍କର ହସ ଖୁସିର ଦୁନିଆ ଭିତରେ ପୋଲିଓର ଯନ୍ତ୍ରଣାଦାୟକ ଚଡ଼କ ସମଗ୍ର ପରିବାକୁ ମ୍ରିୟମାଣ କରିଦେଲା। ସ୍ଥାନୀୟ କୁସୁମଦେବୀ ମହାବିଦ୍ୟାଳୟରୁ ଯୁକ୍ତ+୨ ପାଠପଢ଼ିଥିବା ପୁଷ୍ପଲତା ପରିବାରର ଦାନାପାଣିର ଝଡ଼କୁ ନିଜ ମୁଣ୍ଡ ଉପରକୁ ନେଇଗଲେ। ବାପାଙ୍କର ପଚାଶ ବର୍ଷର ଛୋଟିଆ ବିସ୍କୁଟ ଷ୍ଟେସନାରୀ ସହ ସରକାରୀ ସ୍ୱୀକୃତି ପ୍ରାପ୍ତ ଭାଙ୍ଗ ଦୋକାନର ଦାୟିତ୍ୱ ସେ ନେଲେ। ଇତିମଧ୍ୟରେ ଦଶ ବର୍ଷ ହେଲାଣି ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଦୋକାନରେ ସେ ଚଳତଶକ୍ତିହୀନ ହୋଇଥିବାରୁ ବସି ରହି ଦୋକାନ ଚଳାଉଛନ୍ତି। ଷୋଳବର୍ଷ ତଳୁ ରେଳବାଇର ଜାଗା ଉପରେ ତିଆରି ହୋଇଥିବା ତାଙ୍କ ଚାଳଛପର ମୁଣ୍ଡ ଗୁଞ୍ଜିବାର ଗୁଜୁରାଣର ସଂସ୍ଥାନଟି ଆଜି ଅନେକ ସମସ୍ୟା ଦେଇ ଗତି କରୁଛି। ସରକାରଙ୍କ କୌଣସି ସାହାଯ୍ୟ ସୁଯୋଗ ଏଯାବତ ସେ ପାଇନାହାଁନ୍ତି। ସରକାରୀ ଜାଗା ଉପରେ ଅସ୍ଥାୟୀ ଘରଟି କରିଥିବାରୁ ଚାଳଛପରର ଘରର ଭବିଷ୍ୟତକୁ ନେଇ ସେ ବଡ଼ ଚିନ୍ତାଗ୍ରସ୍ତ। ନିଜ ଅସୁସ୍ଥ ଓ ପରିଣତ ବୟସର ମାଆ ବାସନ୍ତୀ ଦେବୀ ଓ ତାଙ୍କର ଭଲ ମନ୍ଦ ତଥା ଦୈନନ୍ଦିନ କାର୍ଯ୍ୟ ତୁଲାଇବା ନିମିତ୍ତ ଭଉଣୀ ଲକ୍ଷ୍ମୀପ୍ରିୟା ଓ ଭିଣୋଇଙ୍କୁ ପାଖରେ ରଖିଛନ୍ତି।

ସରକାର ଦିବ୍ୟାଙ୍ଗ ମାନଙ୍କ ଥଇଥାନ ପାଇଁ ବିଶେଷକରି ମହିଳାମାନେ ଯେଉଁମାନଙ୍କ ଦାନା ପାଣିରେ ପରିବାର ପ୍ରତିପୋଷଣ ହେଉଛି ସେମାନଙ୍କ ଆର୍ଥିକ ଅଗ୍ରଗତି ଓ ଭରଣପୋଷଣ ପାଇଁ ଅନେକ ପର୍ଯ୍ୟାପ୍ତ ଯୋଜନା ରହିଛି। ବର୍ତ୍ତମାନର ରେଳବାଇର ଜାଗା ତାଙ୍କୁ ଲିଜ ସୂତ୍ରରେ ମିଳୁ ବୋଲି ତାଙ୍କର ଗୁହାରି ରହିଛି। ଭେଣ୍ଡିଂ ଜୋନଟିଏ ପାଇଲେ ନିରାପଦ ଭାବରେ ଦୁଇ ପଇସାର ଗୁଜୁରାଣ ଚଳାଇପାରିବେ। ତେବେ ତାଙ୍କର ସବୁଠାରୁ ବଡ଼ ଆବଶ୍ୟକତା ହେଉଛି ଗୋଟିଏ ତିନିଚକିଆ ଟ୍ରଲି। ସେ ଜଣେ ଚାଲିବା ପାଇଁ ଅକ୍ଷମ ହୋଇଥିବାବେଳେ ସର୍ବନିମ୍ନ ଯାତାୟତ ପାଇଁ ଟ୍ରଲି ଖଣ୍ଡେ ଅତ୍ୟନ୍ତ ପ୍ରୟୋଜନୀୟ ଓ ଗୁରୁତ୍ୱପୂର୍ଣ୍ଣ। ମେଧାବୀ ଛାତ୍ରୀଟି ହୋଇଥିବାରୁ ତାଙ୍କର ପାଠପଢ଼ା ପ୍ରତି ବହୁତ ଆଗ୍ରହ ତ ରହିଥିଲା ଯାହାର ଫଳସ୍ୱରୂପ ପ୍ରତିଦିନ ସେ ଚାରିପାଞ୍ଚଟି ଖବର କାଗଜ କିଣନ୍ତି। ଏହି ପ୍ରତିନିଧି ତାଙ୍କୁ ଭେଟିବାବେଳେ ତାଙ୍କ ପାଖରେ ‘ପ୍ରଗତିବାଦୀ’ ଠାରୁ ଅନ୍ୟ ଦୁଇ ତିନଟି ଖବର କାଗଜ ମଧ ଦେଖିବାକୁ ପାଇଥିଲେ। ଏଯାବତ କୌଣସି ସରକାରୀ ସହାୟତା ସେ ପାଇନାହାଁନ୍ତି ତାହା ହିଁ ବଡ଼ ଆଶ୍ଚର୍ଯ୍ୟର କଥା। ସ୍ଥାନୀୟ ସାଇ କମିଟି ଓ ଅଧିବାସୀ ବୃନ୍ଦଙ୍କର ତାଙ୍କ ଉପରେ ବହୁତ ଶ୍ରଦ୍ଧା ରହିଛି। ନିଜେ ଚଳତଶକ୍ତିହୀନ ହୋଇଥିଲେ ମଧ ନିଜ ସକ୍ଷମ ଅନୁଯାୟୀ ଯେତିକି ସମ୍ଭବ ଦାନଧର୍ମ କରନ୍ତି। ଦୋକାନକୁ ଆସୁଥିବା କୌଣସି ଗରିବ ଅସହାୟଙ୍କୁ ସେ ଯାହାବି ଟିକେ ହେଉ ଖାଲି ପେଟରେ ଫେରାନ୍ତି ନାହିଁ। ଦୋକାନର ପଛପଟେ ବୋହି ଯାଉଛି କାଠଯୋଡ଼ି ନଈ। ନଈର ଜଳଧାର ପ୍ରବାହିତ ପରି ଏପରି ଜଣେ ଚଳତଶକ୍ତିହୀନ ଅଥଚ ପରିବାର ଓ ସମାଜ ସେବାକୁ ବିନା ଦୁଃଖରେ ଆଗେଇ ନେଉଥିବା ମେହନତୀ ଝିଅଟିର ପ୍ରତିଜ୍ଞାବଦ୍ଧତା ଓ ସାଧୁ ସଙ୍କୋଚତା ପ୍ରଶଂସନୀୟ ନିଶ୍ଚୟ। ତାଙ୍କ ଦୋକାନରେ ଛାଡ଼ି ଯାଇଥିବା କିଛି ଅଜଣା ଲୋକଙ୍କ ମୂଲ୍ୟବାନ ସାମଗ୍ରୀ ସେ ଖୋଜିଲୋଡି ଫେରାଇଛନ୍ତି। ନାଁ ଚାହିଁଛନ୍ତି ପୁରସ୍କାର ନାଁ ପ୍ରଶଂସା। ଆଜିର ପ୍ରଚାର ସର୍ବସ୍ୱ ସମାଜ ସେବା ଯୁଗରେ ନିଜକୁ ବିଜ୍ଞପିତ କରିବା ପାଇଁ ସେ କେବେ ଚାହିଁନାହାଁନ୍ତି। ନିଜ ଆତ୍ମ ସମ୍ମାନ ଓ ସ୍ୱାଭିମାନକୁ ତଳେ ପକାଇ କାହା ପାଖରେ ହାତି ପାତି ନାହାଁନ୍ତି କି ମୁଣ୍ଡ ଝୁକାଇ ନାହାଁନ୍ତି। ପ୍ରଶାସନ ତାଙ୍କ ଅଭିଯୋଗକୁ ସହୃଦୟତାର ସହିତ ଶୁଣନ୍ତୁ। ତାଙ୍କ ନିଃସ୍ୱାର୍ଥପର ସେବା ଓ ଦିବ୍ୟାଙ୍ଗ ହୋଇ ମଧ ସ୍ୱାଭିମାନର ସହ ଜୀବନ ଯୁଦ୍ଧରେ ଲଢୁଥିବାର ପ୍ରତିଜ୍ଞାବଦ୍ଧତାକୁ ଶତ ସହସ୍ର ସଲାମ।

## ରଣପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ମହିଳାଙ୍କୁ ଦୁର୍ବ୍ୟବହାର: ମହିଳାଙ୍କୁ ଠେଲିଦେଲେ ସିକ୍ୟୁରୀଟି ଗାର୍ଡ



ରଣପୁର, (ମହାଭାରତ) : ରଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆମ୍ବୁଲାନ୍ସ ନ ଥିବା ଯୋଗୁ ଅତି ଗୁରୁତର ଅବସ୍ଥାରେ ଜଣେ ଲୋକର ଜୀବନ ଗତ ଶନିବାର ଦିନ ଚାଲିଯାଇଥିଲା। ଜୀବନ ଯାଇଥିବା ଲୋକ ଜଣକ ହେଲେ ବକ୍ରକୋଟ ପଞ୍ଚାୟତ ଛତିପୁର ଗ୍ରାମର ବବ୍ଳୁ ବାହାନ ସାମନ୍ତରାୟ। ଗତ ଶନିବାର ଦିନ ବବ୍ଳୁ କୌଣସି କାରଣରୁ ପୋକମରା ଔଷଧ ଖାଇ ଆତ୍ମହତ୍ୟା ର ପ୍ରୟାସ କରିଥିଲେ। ତାଙ୍କ ଝିଅ ଓ ସ୍ତ୍ରୀ ତୁରନ୍ତ ରଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ବାବୁ ଙ୍କ ଅବସ୍ଥା ଅତି ସଂକଟାପର୍ଣ୍ଣ ହେବାରୁ ଅଧିକ ଚିକିତ୍ସା ପାଇଁ ତାଙ୍କୁ ଡାକ୍ତର ଭୁବନେଶ୍ୱର କୁ ରେଫର କରିଥିଲେ। କିନ୍ତୁ ବହୁସମୟ ଧରି ଆମ୍ବୁଲାନ୍ସ କୁ ଅପେକ୍ଷା କରି ଶେଷରେ ବହୁ ବିଳମ୍ବ ହେବାରୁ ବାବୁ ବାହାନଙ୍କ ଜୀବନ ଚାଲିଯାଇଥିଲା। ସ୍ୱାମୀ ର ଅକାଳ ବିୟୋଗ କୁ ସହ୍ୟ ନ କରିପାରି ଅସହାୟ ଝିଅ ଓ ସ୍ତ୍ରୀ ମେଡିକାଲ ଭିତରେ ସ୍ୱାମୀର ଶବ ପାଖରେ କାନ୍ଦ ବୋବାଳି କରୁଥିବା ସହ ଆତ୍ମୀୟ ମାନଙ୍କୁ ଖବର ଜଣାଉଥିବା ବେଳେ ଦୁଇଜଣ ସେହି ମେଡିକାଲ ପୁରୁଷ ସିକ୍ୟୁରିଟି ଗାର୍ଡ ଆସି ବବ୍ଳୁ ଙ୍କ ସ୍ତ୍ରୀ ଙ୍କୁ ଠେଲା ପେଲା କରି ତଳକୁ ଚାଲ ତଳକୁ ଚାଲ କହି ଧମକ ଚମକ ଦେଉଥିବାର ଭିଡିଓ ଏବେ ସୋସିଆଲ ମିଡ଼ିଆ ରେ ଭାଇରଲା ହେଉଛି। ଏଥିରେ ଶିକ୍ଷିତ ସମାଜ ର ପ୍ରଶ୍ନ ପୁରୁଷ ହେଇ ନାରୀଙ୍କୁ କିପରି ଠେଲା ପେଲା କରୁଛି ଓ ଆଇନ କୁ ଉଲଂଘନ କରୁଛି। ଏଠି ସାଧାରଣ ରେ ଗୁଜବ ଉଠୁଛି ରଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅନେକ ଦିନ ହେଲା ଏପରି ସିକ୍ୟୁରିଟି ଗାର୍ଡ ଙ୍କ ଦୌରାତ୍ମ୍ୟ ବଢିବାର ଦେଖିବାକୁ ମିଳୁଛି। ଏବଂ ରୋଗୀଙ୍କୁ ଖରାପ ବ୍ୟବହାର କରୁଥିବାର କୁହାଯାଇଛି। ଡାକ୍ତରଙ୍କ ଜାଣନ୍ତରେ ଏପରି ଘଟଣା ସିକ୍ୟୁରିଟି ଗାର୍ଡ ମାନେ କରୁଛନ୍ତି ବୋଲି ଗୁଜବ ହେଉଥିବା ବେଳେ ବଡ ବଡ଼ିଆ ଙ୍କ ଛତ୍ରଛାୟାତଳେ ରହି ରୋଗୀଙ୍କୁ ଅପବ୍ୟବହାର କରାଯାଉଥିବା କୁହାଯାଇଛି। ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଙ୍କୁ ନିବେଦନଏହି ସିକ୍ୟୁରିଟି ଗାର୍ଡ ଉପରେ ଦୃଢ଼ ଆଇନୀଗତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଏବଂ କେବେ ଏହାର ସ୍ଥାୟୀ ସମାଧାନ ହେବ ଅପେକ୍ଷାରେ ଅଞ୍ଚଳ ବାସି।

## ବ୍ୟାସନଗର ସହରରେ ବଢି ଚାଲିଛି ଧର୍ମାନ୍ତିକରଣ




ଯାଜପୁର, (ମହାଭାରତ) : ଯାଜପୁର ଜିଲ୍ଲା ବ୍ୟାସନଗର ରେ ଖ୍ରୀଷ୍ଟିଆନ ପାଦ୍ରୀ ମାନେ ନିରୀହ ଆଦିବାସୀ, ହରିଜନ ବସ୍ତି ବାସିନ୍ଦାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଧର୍ମ ପରିବର୍ତ୍ତନ କରାଇବାର ସଂଗୀନ ଅଭିଯୋଗ ହୋଇଛି ଗତ କିଛିଦିନ ପୂର୍ବରୁ ମୁଣ୍ଡମାଳ ୨୬ ନମ୍ବର ୱାର୍ଡ ରେ ବେଆଇନ ଭାବେ ଚାଲୁଥିବା ଧର୍ମାନ୍ତରିକରଣ କୁ କିଛି ହିନ୍ଦୁ ସଂଗଠନ ବନ୍ଦ କରି ଥିବା ବେଳେ ଆଜି ପୁଣି ବ୍ୟାସ ନଗର ସ୍ଥିତ ୪ନମ୍ବର ୱାର୍ଡ ହୁଡ଼ିସାହି ରେ ନିରୀହ ଲୋକଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଧର୍ମାନ୍ତୀକରଣ କରୁଥିବାର ଖବର ପାଇଥିଲେ ବିଶ୍ୱହିନ୍ଦୁ ପରିଷଦର ପୂର୍ବତନ ବ୍ୟାସନଗର ସଂଯୋଜକ ସୁଶୀଲ କୁମାର ମଲ୍ଲିକ। ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଧର୍ମାନ୍ତୀକରଣକୁ ବିରୋଧ କରିବା ସହ ପୋଲିସ କୁ ଖବର ଦେଇଥିଲେ । ଖବର ପାଇ ଯାଜପୁର ରୋଡ଼ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଧର୍ମାନ୍ତୀକରଣ କରୁଥିବା ବିଧର୍ମୀ ମାନଙ୍କୁ ଥାନାକୁ ଆଣିଥିଲେ । ବାହାରୁ ଆସି ରହୁଥିବା ଲୋକମାନଙ୍କୁ ତୁରନ୍ତ ଏଠାରୁ ବିଦା କରାଯିବା ସହ ଧର୍ମାନ୍ତିକରଣ କରୁଥିବା ଲୋକମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛି ବିଶ୍ୱହିନ୍ଦୁ ପରିଷଦର ପୂର୍ବତନ ସଂଯୋଜକ । ଯାଜପୁର ରୋଡ଼ ଥାନା ଅଞ୍ଚଳରେ ବାରମ୍ବାର ଏଭଳି ଧର୍ମ ପରିବର୍ତ୍ତନ କରାଯିବା ଘଟଣା ପୋଲିସର କାର୍ଯ୍ୟ ଉପରେ ପ୍ରଶ୍ନ ସୃଷ୍ଟି କରିଛି ଲ ଏ ସମ୍ପର୍କ ରେ ପୋଲିସର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ ।

## ନାବାଳିକାଙ୍କୁ ବାହାର ରାଜ୍ୟରେ ବିକ୍ରୀ ଅଭିଯୋଗ: ଦୁଇ ଗିରଫ

କନ୍ଧମାଳ, (ମହାଭାରତ) : ବାହାର ରାଜ୍ୟରେ ଚାକିରିର ପ୍ରଲୋଭନ ଦେଖାଇ ନାବାଳିକାଙ୍କୁ ମଧ୍ୟପ୍ରଦେଶରେ ବିକ୍ରି ଅଭିଯୋଗ । ଏଭଳି ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା କୋଟଗଡ଼ ଥାନା ଅଞ୍ଚଳରେ । ପରିବାର ପକ୍ଷରୁ କୋଟଗଡ଼ ଥାନାରେ ଏତଲା ପରେ ଏହାର ପର୍ଦାଫାସ କରିଛି କୋଟଗଡ଼ ପୁଲିସ । ମଧ୍ୟପ୍ରଦେଶର ଦୁଇଜଣ ସମେତ ସ୍ଥାନୀୟ ଅଞ୍ଚଳର ଜଣେ ଦଲାଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ୍ । ସୂଚନା ପ୍ରକାରେ ଦୁଇ ମାସ ପୂର୍ବେ ଜଣେ ଦଲାଲ୍ ନାବାଳିକାଙ୍କୁ ନେଇ ମଧ୍ୟପ୍ରଦେଶରେ ବିକ୍ରି କରିଥିବା ପରିବାର ପକ୍ଷରୁ କୋଟଗଡ଼ ଥାନାରେ ଅଭିଯୋଗ ହୋଇଥିଲା । କୋଟଗଡ଼ ପୁଲିସ ଚଢ଼ଉ କରି ଦଲାଲ ସମେତ ନାବାଳିକାଙ୍କୁ କିଣିଥିବା ଦୁଇ ଭାଇଙ୍କୁ ଗିରଫ କରିଛି । ଗିରଫ ଦଲାଲ ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ଅଞ୍ଚଳର ଶଶୀଭୂଷଣ ପାଣି ହୋଇଥିବା ବେଳେ ଅଭିଯୁକ୍ତ ଦୁଇ ଭାଇ ମଧ୍ୟପ୍ରଦେଶର ସନ୍ଦୀପ ପଟେଲ୍ ଓ ମହେଶ ପଟେଲ୍ ହୋଇଥିବା ଜଣାପଡ଼ିଛି । ଦଲାଲ୍ ଶଶୀଭୂଷଣ କିଛିଦିନ ହେବ କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ବ୍ଲକ୍‌ର ମାଲିପଡ଼ାରେ ରହୁଥିବା ବେଳେ କୋଟଗଡ଼ ଥାନା ଅଞ୍ଚଳର ଜନୈକ ବ୍ୟକ୍ତିଙ୍କ ଘରକୁ ଯାଇ ତାଙ୍କ ସହିତ ସମ୍ପର୍କ ବଢ଼ାଇଥିଲା । ତାଙ୍କ ୧୪ ବର୍ଷର ଝିଅକୁ ୧୮ ହଜାର ଟଙ୍କା ଦରମାରେ ଚାକିରି କରାଇ ଦେବ ବୋଲି କହି ପ୍ରଲୋଭନ ଦେଖାଇଥିଲା । ରୋଜଗାର କଲେ ଘର ଚଳିବ ବୋଲି ଭାବି ବାପା ତା'ସହ ଝିଅକୁ ପଠାଇ ଦେଇଥିଲେ । ଶଶୀଭୂଷଣ ନାବାଳିକାଙ୍କୁ ନେଇ ଅନ୍ୟ ଜଣେ ମଧ୍ୟସ୍ଥି ସହଯୋଗରେ ମଧ୍ୟପ୍ରଦେଶରେ ପହଞ୍ଚିଥିଲା । ନାବାଳିକାଙ୍କୁ ବିକ୍ରି କରିବା ନେଇ ପୂର୍ବରୁ ସମସ୍ତ ପ୍ରକାର ବ୍ଲୁପ୍ରିଣ୍ଟ୍ ପ୍ରସ୍ତୁତ ସରିଥିଲା । ଯୋଜନା ମୁତାବକ ମଧ୍ୟ ପ୍ରଦେଶରେ ପହଞ୍ଚିବା ମାତ୍ରେ ଦୁଇ ଭାଇ ସନ୍ଦୀପ ଓ ମହେଶ ସେମାନଙ୍କ ପାଖରେ ପହଞ୍ଚି ନାବାଳିକାଙ୍କୁ ନେଇ ୭୦ ହଜାର ଟଙ୍କା ଦେଇଥିଲେ । ଶଶୀଭୂଷଣ ସେଠୁ ଫେରି ଆସିଥିଲା। ଦୁଇମାସ ବିତିଯାଇଥିଲେ ସୁଦ୍ଧା ଝିଅ ସହ ଯୋଗାଯୋଗ ହୋଇପାରି ନଥିଲା । କିଛିଦିନ ପରେ ନାବାଳିକା ଜଣକ କୌଣସି ପ୍ରକାରେ ପରିବାର ଲୋକଙ୍କୁ ଫୋନ୍ କରି ଘଟଣା ସମ୍ପର୍କରେ ଜଣାଇଥିଲା । ପରେ ନାବାଳିକାଙ୍କ ବାପା କୋଟଗଡ଼ ଥାନରେ ଲିଖିତ ଅଭିଯୋଗ କରିଥିଲେ ।

## ବୈରାଟପୁର ପ୍ରିମିଓର ଲିଗ କ୍ରିକେଟ: ପଞ୍ଚମ ଦିନରେ ଜସସି ଫାଇଟର ଏବଂ ଏସଏସ ଫାଇଟର ବିଜୟ



ଉଦଳା, (ମହାଭାରତ) : ଉଦଳା ବ୍ଲକ ବୈରାଟପୁର ପ୍ରିମିଓର ଲିଗ ୨୦୨୫ ସିଜିନ-୧ ଟୁର୍ନାମେଣ୍ଟ ଚାଲୁ ରହିଥିବା ୧୧ଦିନ ଧରି ଏହି ଖେଳ ଚାଲିବ । ଆଜି ବୈରାଟପୁର ଖେଳ ପଡିଆ ଠାରେ ପ୍ରିମିଓର ଲିଗ ର ପଞ୍ଚମ ଦିନ ମ୍ୟାଚ ରେ ପ୍ରଥମେ ଦୁର୍ଗା ଫାଇଟର ଏବଂ ଏସଏସ ଫାଇଟର ମଧ ରେ ଅନୁଷ୍ଠିତ ହୋଇଥିଲା । ଏସ ଏସ ଫାଇଟର ପକ୍ଷରୁ ଦୀପକ ବେହେରା ୪୫ ବଲ ରେ ୯୦ ରନ କରି ଟିମ କୁ ଜିତାଇବାରେ ସହଯୋଗ କରିଥିଲେ । ଏସ ଏସ ଫାଇଟର ଟିମ ର ଦୀପକ ବେହେରା ମ୍ୟାନ ଅଫ ଦା ମ୍ୟାଚ ବିବେଚିତ ହୋଇଥିଲେ କ୍ଷ ଅନ୍ୟ ଏକ ମ୍ୟାଚ ରେ ଏଲିଟ ଇଲେଭେନ କୁ ଭେଟିଥିଲା ଜସସି ଫାଇଟର । ଏଲିଟ ଇଲେଭେନ ଟସ ଜିତି ଜସସୀ ଫାଇଟର କୁ ବ୍ୟାଟିଂ ର ଆହ୍ୱାନ ଦେଇଥିଲା । ଜସସି ଫାଇଟର ୧୫ ଓଭର ରେ ୧୩୬ ରନ କରିଥିବା ବେଳେ ଏଲିଟ ଇଲେଭେନ ୧୫ ଓଭର ରେ ୧୨୦ ରନ କରି ମ୍ୟାଚ ହାରିଯାଇଥିଲା । ଜସସି ଫାଇଟର ପକ୍ଷରୁ ରତିକାନ୍ତ ନାୟକ ମ୍ୟାନ ଅଫ ଦା ମ୍ୟାଚ ପୁରସ୍କୃତ ହୋଇଥିଲେ । ଆଜିର ଏହି ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଉପଖଣ୍ଡ ପୋଲିସ ଅଧିକାରୀ ହୃଷିକେଶ ନାୟକ ଏବଂ ଯୁବ ନେତା କାହ୍ନୁ ଚରଣ ଖଣ୍ଡେଇ ଯୋଗ ଦେଇ ଯୋଗ ଦେଇ ଖେଳାଳି ମାନଙ୍କୁ ସ୍ୱାଗତ କରିବା ସହ ମ୍ୟାନ ଅଫ ଦା ମ୍ୟାଚ ଏବଂ ଗୁରୁପ୍ରିତ ମିଶ୍ର ସୁପର ସିକ୍ସ ପୁରସ୍କାର ପ୍ରଦାନ କରିଥିଲେ । ଖେଳ କୁ କେମିତି ସରସ ସୁନ୍ଦର କରିବା ସହ ଆଗାମୀ ଦିନରେ ଜିଲ୍ଲା ଏବଂ ରାଜ୍ୟ ସ୍ତର ରେ ଖେଳାଳି ମାନେ ପଦର୍ଶନ କରି ପଞ୍ଚାୟତ ର ନାମ ରଖିବେ ସେଇଥିନେଇ ଉପସ୍ଥିତ ଦୁଇ ଟିମ ର ଖେଳାଳି ଙ୍କୁ ଉପଦେଶ ଦେଇଥିଲେ ମୁଖ୍ୟ ଅତିଥି । ଆଜିର ଖେଳ ପରିଚାଳନା ରେ ହୃଦୟ ରଞ୍ଜନ ବେହେରା ଏବେ ହେମନ୍ତ ବେହେରା ରହିଥିବା ବେଳେ ଆଜିର କାର୍ଯ୍ୟକ୍ରମ ର ବିପିଏଲ ର ଉପଦେଷ୍ଟା ଦୀପକ ମିଶ୍ର, ସ୍ୱରୂପ ମହାପାତ୍ର, ମୁକେଶ ରଣା, ସ୍ୱପ୍ନେଶ୍ୱର ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ ।

## ସହରରେ ଛତୁ ଫୁଟିଲା ଭଳି ମାଛ ମାଂସ ଦୋକାନ। ପୌର ପରିଷଦର ଲଗାମ ନାହିଁ

ଗଜପତି, (ମହାଭାରତ) : ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ରେ ଦିନକୁ ଦିନ ମାଛ, ମାଂସ ଦୋକାନ ଛତୁ ଫୁଟିଲା ଭଳି ଗାଡ଼ି ଉଠି ଛି ଏହାକୁ ନିୟ ତ୍ର ଣ କରିବାରେ ବିଫଳ । ଏମାନଙ୍କୁ ଅନୁମତି ଦଉଛି କିଏ କାହା ସାହସ ରେ ଏମାନେ ସହର ଗଳି କନ୍ଦି ରେ ଦୋକାନ ଖୋଲା ଯାଇଛି । ମାଛ, ମାଂସ ଯାଞ୍ଚ ହଉଛି କି। ନା। ନାହିଁ । ଭ ଲ ନ। ଖ ରାପ ଲୋକେ ଜାଣିବେ କିପରି । ଏପରି ଅନେକ ପ୍ରଶ୍ନ ଲୋକଙ୍କ ମନରେ ପ୍ରଶ୍ନ ଉଙ୍କି ମାରିବା ସ୍ୱଭ ବିକ ଏହାର ଦା ୟ ତ୍ୟ କାହାର ପୌର ପାରିଷଦ ନ। ଜିଲ୍ଲା ପ୍ରଶାସନ ଦାୟ ତ୍ୱ ସମସ୍ତଙ୍କୁ ଚକିତ କରିଛି। ଗଜପତି ଷ୍ଟା ଡି ୟ ମ ଠାରୁ ପୁରୁଣା କୋର୍ଟ ପର୍ଯ୍ୟନ୍ତ ଚାଲିଛି ମାଛ ମାଂସ ଦୋକାନ ରାସ୍ତା କଡ଼ରେ ଦୀର୍ଘ ଦିନ ହେଲା। ମାଛ ମାଂସ ବଜାର ରହିଛି କିନ୍ତୁ କିନ୍ତୁ କାହାର ପ୍ରୋ ରୋ ଚ ନ। ରେ ଏହି ଦୋକାନ ଗାଡ଼ି ଉଠି ଛି । ସହର ଟ୍ରାଫିକ ସମସ୍ୟା ସହ ପରିବେଶ ଅପରିଷ୍କାର ହଉଛି। ନା ସେମାନଙ୍କ ପାଖରେ ଡ ଷ୍ଟ ବିନ ରହିଛି। ନ । ପରିଷ୍କାର କରୁଛନ୍ତି ପ ରିବେସ ଦୂଷିତ ଦୁର୍ଗନ୍ଧ ହେବ ଶୁ ନିଶ୍ଚିତ ଏହି କାମ କାହାର ଦ। ଇ ତ୍ୱ ସାଧାରଣ ରେ ପ୍ରଶ୍ନ ବଚୀ ସୃଷ୍ଟି କରିଛି। ନୂତନ ମାଛ ମାର୍କେଟ ହେବ ବୋଲି ପୌର ପାରିଷଦ ହେବ କହୁ ଥିବା ବେଳ କେବେ ହେବ ସହ ର ବାସୀ ଙ୍କ ଦେଖିବା ବାକୁ ବାକି ରହିଲା ଏଥି ପ୍ରତି ସରକାର ଦୃଷ୍ଟି ପଡ଼ିଲେ ଜନ ସାଧ ରଣ ଉପକୃତ ହୋଇ ପାରିବେ ବୋଲି ସାଧା ର ଣ ରେ ମତ ପ୍ରକାଶ ପାଉଛି।




## ଶରୀର ବିକଳାଙ୍ଗ ହେଲେ ଉଦ୍ୟମ ପ୍ରଶସନିୟ !

ଜୁନାଗଡ଼, (ମହାଭାରତ): ଅଦମ୍ୟ ଦୃଢ଼ ଇଚ୍ଛା ଶକ୍ତି ଆଗରେ ସବୁ କିଛି ହାର ମାନେ। ଜୀବନର ଯେକୌଣସି ପରିସ୍ଥିତିରେ ମଧ, ନିଜର ଅଙ୍ଗୀକାର ବଦ୍ଧତାକୁ ସୃଜନ ଶିଳ କରିବା ପାଇଁ ଦୃଢ଼ ମନବଲ୍ ନିହାତି ଆବଶ୍ୟକ। ଫଳ ସ୍ୱରୂପ ସଫଳତା ସାମ୍ନାରେ ଝଲସି ଉଠେ ଏହି ଭଳି ଏକ ଅଦମ୍ୟ ମଣିଷ ପରି ମଣିଷ ଟିଏ ବିରଞ୍ଚ ନାରାୟଣ ସିଂ । କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଗୋଷ୍ଠୀ ଶିକ୍ଷା ଅଧିନରେ ଥିବା ଚାରବାହାଲ କ୍ଲଷ୍ଟର ଅନ୍ତର୍ଗତ ସାଗର ପଡ଼ା ପ୍ରାଥମିକ ବିଦ୍ୟାଳୟର ଗଣ ଶିକ୍ଷକ ବିରଞ୍ଚି ନାରାୟଣ ସିଂହ ସାର୍ ଦୀର୍ଘ ଦିନ ହେବ ଦିବ୍ୟାଙ୍ଗ ହୋଇ ସ୍କୁଲର ଛାତ୍ର ଛାତ୍ରୀଙ୍କୁ ଡ୍ରିଲ୍ କ୍ଲାସ କରାନ୍ତି। କାର୍ଯ୍ୟରତ ଗଣ ଶିକ୍ଷକ ଉକ୍ତ ବିଦ୍ୟାଳୟରେ ୨୦୦୯ ମସିହାରେ ଭିନ୍ନକ୍ଷମ ହିସାବରେ ନିଯୁକ୍ତି ପାଇଲେ ଓ ଏହି ସ୍କୁଲରେ ଯୋଗଦେଇ ଥିଲେ। ସେହି ଦିନରୁ ଆଜି ଯାଏଁ ଶ୍ରୀ ସିଂ ପିଲାମାନଙ୍କୁ ଡ୍ରିଲ କ୍ଲାସ ଅବା ଯୋଗ କ୍ଲାସ କରାଇ ଆସୁଛନ୍ତି। ସଂପୃକ୍ତ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏଁ ଶିକ୍ଷ୍ୟା ଦାନ କରାଯାଏ। ଏହି ସ୍କୁଲରେ ପୁଅ ଓ ଝିଅ ମିଶି ୭୯ ଜଣ ପାଠ ପଢୁଥିବା ବେଳେ,ମାତ୍ର ଦୁଇ ଜଣ ଶିକ୍ଷକ ଅଛନ୍ତି, ତହିଁରୁ ସ୍କୁଲର ସହଶିକ୍ଷକ ଭାବରେ ଦିବ୍ୟଙ୍ଗ ବିରଞ୍ଚି ନାରାୟଣ ସିଂହ ସାର୍ ଛାତ୍ର ଛାତ୍ରୀଙ୍କୁ ଯୋଗ ସହିତ ଖେଳ କୁଦରେ ପିଲାମାନଙ୍କୁ ନିୟୋଜିତ କରାନ୍ତି । ସିଂ ସାର୍ ୨୦୦୯ ରୁ ଆଜି ଯାଏଁ ରେଗୁଲାର ହୋଇପାରୁ ନ ଥିବାରୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୁନାଗଡ ଓ ଜିଲ୍ଲା ଶିକ୍ଷ୍ୟା ଅଧିକାରୀ ଭବାନିପାଟଣା କୁ ମଧ ଲିଖିତ ଆକାରେ ଅନୁରୋଧ ବାରମ୍ବାର କରିଆସିଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ ତାଙ୍କର କଥା କୁ ଶିକ୍ଷା ବିଭାଗ ତଥା ଶିକ୍ଷା ଅଧିକାରୀ ମାନେ କର୍ଣ୍ଣପାତ କରୁନଥିବା ସେ କୁହନ୍ତି। ଦୀର୍ଘ ଦିନରୁ ତାଙ୍କର ଶିକ୍ଷକ କଟା ଜାରୀ ରହିଥିଲେ ହେଁ ମୂଳ ଦରମା ବୃଦ୍ଧି ହେଉ ନ ଥିବାରୁ ସେ ଦୟନୀୟ ଭାବେ କାଳାକୀପାତ୍ କରୁଛନ୍ତି, ସରକାର ଏ ଦିଗରେ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି କରୁଛନ୍ତି।

## ପୁଲିସ ହାତରେ ଚେନ୍ ଲୁଟେରା ଗ୍ୟାଙ୍ଗ



ଅନୁଗୁଳ: (ମହାଭାରତ) ତାଳଚେରର ବିଭିନ୍ନ ସ୍ଥାନରେ ଚେନ୍ ଲୁଟ୍ କରୁଥିବା ଏକ ଗ୍ୟାଙ୍ଗକୁ ଧରିଛି ପୁଲିସ । ୨ ଜଣ ଚେନ୍ ଲୁଟେରା ସହ ଏହି ଚୋରା ସୁନା କିଣିଥିବା ୪ ଜଣଙ୍କୁ ପୁଲିସ ଗିରଫ କରିବାରେ ସଫଳ ହୋଇଛି । ସେମାନଙ୍କ ପାଖରୁ ପାଖାପାଖି ୧୦ ଲକ୍ଷ ଟଙ୍କାର ସୁନା ଅଳଙ୍କାର ସହ ଦୁଇଟି ବାଇକ୍, ଗୋଟିଏ ଭୁଜାଲି, ୩ଟି ମୋବାଇଲ ଫୋନ୍ ଓ ୪୪ ହଜାର ଟଙ୍କା ଜବତ କରାଯାଇଛି। ଆଜି ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଅନୁଗୁଳ ଏସ୍ ?ପି ରାହୁଲ ଜୈନ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଲୁଟେରାଙ୍କ ସଂପର୍କରେ ସୂଚନା ଦେଇଛନ୍ତି । ସେ କହିଛନ୍ତି, କିଛି ଦିନ ହେଲା ତାଳଚେର ସହରରେ ସୁନା ଚେନ୍ ଲୁଟେରା ଉତ୍ପାତ କରୁଥିଲେ । ବିଭିନ୍ନ ସ୍ଥାନରେ ଏକୁଟିଆ ଯାଉଥିବା ମହିଳାଙ୍କ ପାଖରୁ ଚେନ୍ ଝାମ୍ପି ନେଇ ଫେରାର୍ ହୋଇ ଯାଉଥିଲେ । ଏନେଇ ତାଳଚେର, କଳିୟରୀ, ଗୋପାଳପ୍ରସାଦ ଓ ସମଲ ଥାନାରେ ୧୨ଟି ମାମଲା ରୁଜୁ ହୋଇଥିଲା। ୩ ମାସରେ ୧୦ଟି ଚେନ୍ ଲୁଟ୍ ମାମଲା ହେବାରୁ ପୁଲିସ ଏହାକୁ ଗୁରୁତର ସହ ନେଇଥିଲା । ପରେ ଅନୁଗୁଳ ଏସ୍ ?ପି ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଏହି ଲୁଟେରାଙ୍କୁ ଧରିବା ପାଇଁ ଜାଲ ବିଛାଇଥିଲେ। ତାଳଚେର ଥାନା ଅଧିକାରୀଙ୍କ ନେତୃତ୍ୱରେ କରାଯାଇଥିବା ଏହି ଟିମ୍‌ରେ ବଛା ବଛା ପୁଲିସ ଅଧିକାରୀଙ୍କୁ ଏହି ଦାୟିତ୍ୱ ଦିଆଯାଇଥିଲା।ଏହି ସ୍ୱତନ୍ତ୍ର ଟିମ ବିଭିନ୍ନ ସ୍ଥାନରେ ଚଢାଉ କରି ଦୁଇଜଣ ଲୁଟେରା କୁ ସୁଶୀଲ ନାଏକ ଏବଂ ଅଖିଳ ନାଏକଙ୍କୁ ଗିରଫ କରିଥିବାବେଳେ ସେମାନଙ୍କ ସହଯୋଗୀ ଭିକି ନାଏକ ଫେରାର ରହିଛି ।ଏହି ସୁନାକୁ କିଣୁଥିବା ୪ ଜଣଙ୍କୁ ମଧ ଧରିବାରେ ସଫଳ ହୋଇଥିଲା। ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## କୋରୁକୋଣ୍ଡାରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ମାଲକାନଗିରି, (ମହାଭାରତ) : ଜିଲ୍ଲା କୋରୁକୋଣ୍ଡା ବ୍ଲକ ପରିସରରେ ଆଜି ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷ ଜିତୁ ବୁରୁଡ଼ି ଯୋଗ ଦେଇ ଠାକୁର ଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନିର୍ମଳ ଧାରୁଆ ଯୋଗ ଦେଇ ଶିବିର ସମ୍ବନ୍ଧରେ ଉପସ୍ଥିତ ଲୋକମାନଙ୍କୁ ଅବଗତ କରାଇଥିଲେ। ଏଥିସମେତ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ରାଜୀବ ପୂଜାରୀ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶଙ୍କର ସେନ ଖଣ୍ଡୁଆଳ, ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ବିନାୟକ ପାତ୍ର, ମାଲକାନଗିରି ବିଧାୟକ ପ୍ରତିନିଧି ମୁଁୟା ମାଡକାମୀ ପ୍ରମୁଖ ମଞ୍ଚାସୀନ ଥିଲେ। ଆଜିର ଏହି ଶିବିରରେ ସର୍ବମୋଟ ୨୨୭ ଜଣ ପଞ୍ଜିକୃତ କରାଇ ନିଜ ନିଜର ପରୀକ୍ଷା କରାଇଥିଲେ। ଦୃଷ୍ଟି ବାଧିତ ବିଭାଗରେ ୫୧, ଶ୍ରବଣ ବାଧିତ ବିଭାଗରେ ୪୬, ଅସ୍ଥିଶଲ୍ୟ ବିଭାଗରେ ୭୩, ମାନସିକ ବାଧିତ ବିଭାଗରେ ୨୯ ଏବଂ ଅନ୍ୟାନ୍ୟ ବିଭାଗରେ ୨୮ ଜଣ ପରୀକ୍ଷା କରାଇଥିଲେ। ସମସ୍ତ ବିଭାଗ ଗୁଡିକରେ ବିଶେଷଜ୍ଞ ଡାକ୍ତର ମାନେ ଉପସ୍ଥିତ ରହି ଲୋକମାନଙ୍କର ପରୀକ୍ଷା କରିଥିଲେ। ମାନସିକ ବିଶେଷଜ୍ଞ ଡାକ୍ତର ଏମ ଅଭିଦ ହୁସେନ, ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ବ୍ରଜେଶ କୁମାର, ଦୃଷ୍ଟି ବାଧିତ ବିଶେଷଜ୍ଞ ଡାକ୍ତର ଅଶୋକ କୁମାର ଖମାରୀ, ଶ୍ରବଣ ବାଧିତ ବିଶେଷଜ୍ଞ ଡାକ୍ତର ନିରଞ୍ଜନ ବେହେରା ଏବଂ ମେଡ଼ିସିନ ବିଶେଷଜ୍ଞ ଡାକ୍ତର ବାସନ୍ତୀ ହାଁସଦା ପ୍ରମୁଖ ଆଜିର ଶିବିରରେ ଉପସ୍ଥିତ ରହି ପରୀକ୍ଷା କରିଥିଲେ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରାଜେଶ ଗୌଡ଼ ପରିଚାଳନା କରିଥିଲେ।

## କୁନି ଝିଅ ମଞ୍ଚରେ ମହିଳା ସୁରକ୍ଷା ପାଇଁ ଦେଲେ ବାର୍ତ୍ତା

ଅନ୍ତରଙ୍ଗ, (ମହାଭାରତ) : ଅନ୍ତରଙ୍ଗ ବ୍ଲକ ତାଳେଦା ଦେବୀ ନଦୀ ପଠା ରେ ଥିବା ବାଲିଯାତ୍ରା ପଡିଆର ସାଂସ୍କୃତିକ ମଞ୍ଚ ରେ ୮ ବର୍ଷ ରେ କୁନି ଝିଅ ମହିଳା ସୁରକ୍ଷା ପାଇଁ 'ଉଇ ୱାଣ୍ଟ ଫର ଜଷ୍ଟିସ ' ନୃତ୍ୟ ରେ ହଜାର ହଜାର ଦର୍ଶକ ଙ୍କୁ ସ୍ତମ୍ଭୀଭୁତ କରିଦେଲେ। ତାଳଦା ଦୀପା ଅଞ୍ଚଳ ରେ ବାଲିଯାତ୍ରା ର ଦ୍ୱିତୀୟ ବର୍ଷ ରେ ସାଂସ୍କୃତିକ କାର୍ଯ୍ୟକ୍ରମ ରେ ଅନେକ କୁନି ପ୍ରତିଭା ଙ୍କୁ ସେମାନଙ୍କ କଳା ପଦର୍ଶନ କରିବା ପାଇଁ ସୁଯୋଗ ଦିଆଯାଇଥିଲା ମାତ୍ର ୮ ବର୍ଷ ର ଝିଅ ରେସ୍ମା ଦେଖାଇଲେ ଏମିତି ନୃତ୍ୟ କେବଳ ମଞ୍ଚ ତଳେ ବସିଥିବା ଦର୍ଶକ ନୁହନ୍ତି ବରଂ ମଞ୍ଚ ବାହାରେ ଥିବା ଶହ ଶହ ଦର୍ଶକ ତାଜୁବ ହୋଇଯାଇଥିଲେ ।କାରଣ ଜାଣିଲେ ଆପଣ ବି ଆଶ୍ଚର୍ଯ୍ୟ ହେଇଯିବେ, ତାଙ୍କ ରେ କଂସେପ୍ଟ ଥିଲା ମହିଳା ଙ୍କ ସ୍ୱାଧୀକାର ଓ ସୁରକ୍ଷା ପାଇଁ ଜନସାଧାରଣ ଓ ସରକାର ଙ୍କୁ ପରାମର୍ଶ ଦେଇଥିଲେ ତାଙ୍କ ନୃତ୍ୟ ମାଧ୍ୟମ ରେ ଜଣେଇଥିଲେ ଯେ ଆମେ ଏବେ ବି ଅବହେଳିତ ଆମକୁ ଏଭଳି ସୁରକ୍ଷା ଦିଅ ସନ୍ଧ୍ୟା ସମୟ ରେ ଆମେ ବି ମୁଣ୍ଡ ଟେକି ନିଜକୁ ସୁରକ୍ଷିତ ମନେ କରି ରାଜ ରାସ୍ତା ରେ ଚାଲି ପାରିବୁ।ଅନେକ ସ୍ଥାନରେ ବାଲିଯାତ୍ରା ଚାଲିଛି ମାତ୍ର କେଉଁଠି ମେଲୋଡି ତ କେଉଁଠି ନଗ୍ନ ଦୃଶ୍ୟ ପାଇଁ ଟିକେଟ କଟା ଯାଉଛି, ଏଠିକର ପରମ୍ପରା ସମ୍ପୂର୍ଣ୍ଣ ନିଆରା, ସଂସ୍କୃତି କୁ ବଜାୟ ରଖିବାକୁ ତାଳଦା ଓ ତରାସାହି ପଞ୍ଚାୟତ ର ମୁଖ୍ୟ ଉଦ୍ଦେଶ୍ୟ ଯାହାକୁ ରେସ୍ମା ନାମକ କୁନି ଝିଅ ପ୍ରମାଣିତ କରିଛି ଯାତ୍ରା ମଞ୍ଚ ରେ।

## ଆସିକା ଓକିଲ ସଙ୍ଘ ପକ୍ଷରୁ ବରିଷ୍ଠ ଆଇନଜୀବୀ ରବୀନ୍ଦ୍ର ନାଥ ଶର୍ମା ସମ୍ମାନିତ

ଆସିକା(ମହାଭାରତ): ଆସିକା ଓକିଲ ସଙ୍ଘ ପକ୍ଷରୁ ଆଜି ବରିଷ୍ଠ ଆଇନଜୀବୀ ରବୀନ୍ଦ୍ର ନାଥ ଶର୍ମାଙ୍କୁ ସମ୍ମାନିତ କରାଯାଇଛି । ଏହି ଅବସରରେ ଓକିଲ ସଙ୍ଘ ସଭାଗୃହ ଠାରେ ଓକିଲ ସଙ୍ଘ ସଭାପତି ଅଜିତ ଚୌଧୁରୀଙ୍କ ନେତୃତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା।ଓଡିଶା ବାର କାଉନ୍ସିଲ ଅଧ୍ୟକ୍ଷ ସୀତାଂଶୁ କୁମାର ଦ୍ୱିବେଦୀ, ଉପାଧ୍ୟକ୍ଷ ରାଜୀବ କୁମାର ମହାନ୍ତି, ଓଡିଶା ଆଇନଜୀବୀ ପରିଷଦର ସଭ୍ୟ ସଂଜୀବ କୁମାର ପାଣିଗ୍ରାହୀ,ତପନ ବିଶ୍ୱାଳ, ଆସିକା ଓକିଲ ସଙ୍ଘ ସଭାପତି ନାରାୟଣ ମୁନି ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ। ବରିଷ୍ଠ ଆଇନଜୀବୀ ରବୀନ୍ଦ୍ର ନାଥ ଶର୍ମା ଆସିକା ତଥା ଗଞ୍ଜାମ ଜିଲ୍ଲାର ଜଣେ ଜଣାଶୁଣା ଓକିଲ ହୋଇଥିବା ବେଳେ ପଚାଶ ବର୍ଷ ଧରି ଓକିଲାତି କରି ବେଶ ସୁନାମ ଅର୍ଜନ କରିଛନ୍ତି।ଓକିଲ ସଂଘର ସଭାପତି ଅତୀତ ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଏହାପରେ କୋର୍ଟ ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା।୧୯୫୭ ମସିହାରେ ଆସିକା ସିଭିଲ କୋର୍ଟ ପ୍ରତିଷ୍ଠା ହୋଇ ଖ୍ୟାତି ଲାଭ କରିଥିବା ବେଳେ ୨୭-୯-୧୯୭୫ରୁ ନିଜ ଓକିଲାତି ଜୀବନ ଆରମ୍ଭ କରି ସିଭିଲ, କ୍ରିମିନାଲ, ଫେମିଲି ଡିସପୁଟ ଭଳି ମକଦମା ଲଢ଼ି ଅଧାବଧି ଏହି ପେଶାକୁ ୫୦ ବର୍ଷ ଧରି ଜାରି ରଖିଛନ୍ତି।ଆଜି ତାଙ୍କର ଏହି ନିର୍ବିଚ୍ଛିନ ଓକିଲାତି ସେବା ପାଇଁ ବାର ପକ୍ଷରୁ ଉଚ୍ଚ ପ୍ରଶଂସା କରିବା ସହ ତାଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରା ଯାଇଥିଲା। ବରିଷ୍ଠ ଓକିଲ ରବୀନ୍ଦ୍ର ନାଥ ଶର୍ମା ତାଙ୍କ ବକ୍ତବ୍ୟରେ ଆସିକା ଓକିଲ ସଂଘର ଇତିହାସ ସାଙ୍ଗକୁ ଏହି ବାରରେ ସ୍ୱର୍ଗତ ଲିଙ୍ଗରାଜ ପାଣିଗ୍ରାହୀ, ଜଷ୍ଟିସ ବାସୁଦେବ ପାଣିଗ୍ରାହୀ, ସ୍ୱର୍ଗତ ଦ୍ୱିତୀକୃଷ୍ଣ ପଣ୍ଡା, ଆସିକା ପୂର୍ବତନ ସାଂସଦ ନିତ୍ୟାନନ୍ଦ ପ୍ରଧାନ ଭଳି ଅନେକ ସୁନାମ ଧନ୍ୟ ଆଇନଜୀବୀ ଏଠାରେ ଓକିଲାତି କରି ସୁନାମ ଅର୍ଜନ କରିଥିଲେ, ଆଜିର ଯୁବ ଆଇନଜୀବୀ ମାନେ ଓକିଲାତିକୁ ପେଶା କରିବାକୁ ହେଲେ ନିୟମିତ ଆଇନ ଅଧ୍ୟୟନ, ସିନିୟର ମାନଙ୍କୁ ସମ୍ମାନ ଓ କୋର୍ଟକୁ ନିୟମିତ ଆସି କୋର୍ଟ ହଲରେ କେସ ପରିଚାଳନା ଅନୁଧ୍ୟାନ କଲେ ଭବିଷ୍ୟତରେ ଜଣେ ସୁଦକ୍ଷ ଆଇନଜୀବୀ ହୋଇପାରିବେ ବୋଲି ପରାମର୍ଶ ଦେଇଥିଲେ।ଏଥିରେ ଓକିଲ ସଂଘର ଉପସଭାପତି ଛବିଳ ରାମ ମିଶ୍ର, ସହ ସମ୍ପାଦକ ମାନସ ପୂର୍ଣ୍ଣ ଆଚାର୍ଯ୍ୟ, କୋଷାଧ୍ୟକ୍ଷ ରାଘବ ନାହାକ ଓ ବରିଷ୍ଠ ଆଇନଜୀବି ସୁଧାଂଶୁ କୁମାର ପଣ୍ଡା, ଭାସ୍କର ସ୍ୱାଇଁ, ସୁରେନ୍ଦ୍ର ପଣ୍ଡା, ଦିଲ୍ଲୀପ କୁମାର ପାଣିଗ୍ରାହୀ,ଅନିଲ କୁମାର ପାଣିଗ୍ରାହୀ,ବ୍ରହ୍ମପୁର ଓକିଲ ସଙ୍ଘ ପକ୍ଷରୁ ରାମକୃଷ୍ଣ ପାଣିଗ୍ରାହୀ, ଦିଲ୍ଲୀପ କୁମାର ପାତ୍ର, ପ୍ରକାଶ ଚନ୍ଦ୍ର ପାତ୍ର, ଭଞ୍ଜନଗର ଓକିଲ ସଙ୍ଘ ପକ୍ଷରୁ ସୁଧୀର କୁମାର ମହାପାତ୍ର, ଲକ୍ଷ୍ମୀ ମହାପାତ୍ର, ଅଳକା ମଞ୍ଜରୀ ପଟ୍ଟନାୟକ, ପୋଲସରା ପକ୍ଷରୁ ଅଗସ୍ତି ବରାଡ଼, ଦିଗପହଣ୍ଡିରୁ ରସାନନ୍ଦ ନାୟକ, ବୁଗୁଡ଼ାରୁ ହର ଦାଶ, ଅମର ପଟ୍ଟନାୟକ, ସୋରଡ଼ାରୁ ଶିବ ପ୍ରସାଦ ବାହିନୀପତି ସହିତ ହିଞ୍ଜିଳି, ଶେରଗଡ଼,ସୋରଡ଼ା, କବିସୂର୍ଯ୍ୟନଗର, ପାଟପୁରରୁ ବହୁ ଆଇନଜୀବୀ ଯୋଗଦେଇଥିଲେ।ଆସିକା ବାର ଆସୋସିଏସନ ଯୁବ ଆଇନଜୀବି ଦେବକାନ୍ତ ଶର୍ମା, ସଞ୍ଜୟ ପାତ୍ର, ପ୍ରିୟାଂଶୁ ପରିଡା, ଉମା ବରାଡ଼ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ

ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ତଥା ଶ୍ରୀ ଅନ୍ନ ଓ ବିସ୍ତୃତ ଖାଦ୍ୟ ମେଳା ପ୍ରଦର୍ଶନୀ ଆଜି ଗଜପତି ଷ୍ଟାଡିୟମ୍ ଠାରେ ପାଳିତ ହୋଇଯାଇଛି। ଆଜିର କାର୍ଯ୍ୟକ୍ରମରେ ଗଜପତି ଜିଲ୍ଲାପାଳ ଶ୍ରୀମତୀ ମଧୁମିତାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଖାଦ୍ୟ ମେଳାରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ସାଂସଦ ବ୍ରହ୍ମପୁର ଡ଼.ପ୍ରଦୀପ କୁମାର ପାଣିଗ୍ରାହୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ମାନ୍ୟବର ବିଧାୟକ ମୋହନା ଦାଶରଥି ଗମାଙ୍ଗ, ସଭାପତି ଜିଲ୍ଲାପରିଷଦ ଗାବରା ତିରୁପତି ରାଓ, ଅଧ୍ୟକ୍ଷା ପୌର ପରିଷଦ ପାରଳାଖେମୁଣ୍ଡି ନିର୍ମଳା ସେଠୀ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ଏମ. ପ୍ରକାଶ ରାଓ ପ୍ରମୁଖ ମଞ୍ଚାସିନ ଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଥମେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀଯୁକ୍ତ ଏମ. ପ୍ରକାଶ ରାଓ, ସ୍ୱାଗତ ଭାଷଣ ପ୍ରଦାନ କରି ମାଣ୍ଡିଆ ଚାଷର ପୃଷ୍ଠଭୂମି, ପ୍ରୋଟିନ୍, ଡାଏଟାରୀ ଫାଇବର, ପୁଷ୍ଟିସାର ଅନେକ ଭିଟାମିନର ରହିଅଛି ବୋଲି ଅଭିଭାଷଣ ରଖିଥିଲେ। ସେହିପରି ମାନ୍ୟବର ସାଂସଦ ବ୍ରହ୍ମପୁର ଅଭିଭାଷଣରେ ଗଜପତି ଜିଲ୍ଲାରେ ମାଣ୍ଡିଆ ଚାଷ ଏକ ଅର୍ଥକାରୀ ଫସଲ ଓ ଜିଲାର ସମସ୍ତ ବ୍ଲକରେ ମାଣ୍ଡିଆ ଚାଷ ଉତ୍ତମ ମାନର ଚାଷ କରିବା ପାଇଁ ଚାଷୀ ଭାଇ ଭଉଣୀମାନଙ୍କୁ ଅନୁରୋଧ, ମାଣ୍ଡିଆ ଚାଷ କରି ଜୀବିକା ଉପାର୍ଜନ କରିବା ସହିତ ଭଲ ଲାଭବାନ ହୋଇ ପାରିବ ବୋଲି ସୂଚନା ଦେଇଥିଲେ। ଏହା ସହିତ ମଣ୍ଡିଆରୁ ପ୍ରୋଟିନ୍,ଡାଏଟାରୀ ଫାଇବର ଏବଂ ଆନେକ ପୁଷ୍ଟିକର ଗୁଣରେ ଭରପୁର ଅଟେ। ମାଣ୍ଡିଆ ଅନେକ ଭିଟାମିନର ଏକ ସମୃଦ୍ଧ ଉତ୍ସ ରହିଅଛି । ଏହା ଗ୍ଲୁଟେନ ମୁକ୍ତ, ରକ୍ତଶର୍କରା ଏଂ କୋଲେଷ୍ଟର ସ୍ତରକୁ ହ୍ରାସ କରେ ଏହି ପୁଷ୍ଟି କର ଖାଦ୍ୟ ଶିଶୁର ଶାରୀରିକ, ମାନସିକ ବିକାଶ ଓ ଅଭିବୃଦ୍ଧି ପାଇଁ ଗୁରୁ ପୂର୍ଣ୍ଣ ଅଟେୟ କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ ତରଫରୁ ସମସ୍ତଙ୍କୁ ମାଣ୍ଡିଆ ଚାଷକୁ ପ୍ରୋତ୍ସାହିତ କରିବା ପାଇଁ ସମସ୍ତ ଗ୍ରାମପଞ୍ଚାୟତ ସ୍ତରରେ ପ୍ରଚାର ପ୍ରସାର କରି ମାଣ୍ଡିଆ ଚାଷ କରିବା ପାଇଁ ଆହ୍ୱାନ କରିଥିଲେ। ଜିଲ୍ଲା କୃଷି ବିଭାଗ ଦ୍ୱାରା ଷ୍ଟୋଲ କଲି ଚାଷୀମାନେ ମାଣ୍ଡିଆରୁ ବିଭିନ୍ନ ପ୍ରକାର ତିଆରି ହୋଇଥିବା ଜିନିଷ ପ୍ରଦର୍ଶନ କରାଯାଇଥିଲା । ଜିଲ୍ଲାର ଉତ୍କୃଷ୍ଟ ଶ୍ରୀ ଅନ୍ନ ଫସଲ ଚାଷୀ ଭାବରେ ୧୦ ଜଣଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧନା କରାଯାଇଛି ।ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଫାଲଗୁନୀ ମାଝୀ, ମୁଖ୍ୟ ଉଦ୍ୟାନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶଙ୍କର କେରକେଟା,ଉପ-ଜିଲ୍ଲାପାଳ ପାରଳାଖେମୁଣ୍ଡି ଅନୁପ ପଣ୍ଡା,ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ପୃଥ୍ୱୀରାଜ ମଣ୍ଡଳ ଉପସ୍ଥିତ ରହି ପରିଚାଳନା କରିଥିଲେ।

## ମେଧାବୀ ଛାତ୍ର ଭାରତ ଭୂଷଣ ଙ୍କୁ ସମ୍ବର୍ଦ୍ଧନା

ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ସାହାରପଡ଼ା ବ୍ଲକ ଦାମାହୁଦା ପଞ୍ଚାୟତ ଗଜାପଥର ଗ୍ରାମର ଦୟାନିଧି ମହାନ୍ତ ଓ ଶକୁନ୍ତଳା ମହାନ୍ତ ଙ୍କ ସୁଯୋଗ୍ୟ ସନ୍ତାନ ଭାରତ ଭୂଷଣ ମହାନ୍ତ ଚଳିତ ବର୍ଷର ନୀଟ ପରୀକ୍ଷାରେ ସଫଳତା ଲାଭ କରି ଭବାନୀପାଟଣା ମେଡ଼ିକାଲ କଲେଜ ରେ ଡାକ୍ତରୀ ପଢ଼ିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବାରୁ ଗୋଜା ପଥର ଉଚ୍ଚ ବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ନାଏକ ଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ରୂପେ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ପୂର୍ବତନ ପ୍ରଧାନ ଶିକ୍ଷକ ଶିକ୍ଷାବିତ୍ ମହେଶ୍ୱର ମହାନ୍ତ ମେଧାବୀ ଛାତ୍ରଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ ।ସମ୍ମାନିତ ଅତିଥି ରୂପେ ମେଧାବୀ ଛାତ୍ରଛାତ୍ରୀ ସମ୍ବର୍ଦ୍ଧନା ମଞ୍ଚ ତରଫୟରୁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସ୍ୱାମ ପାଟଣା ର ବିଜ୍ଞାନ ଶିକ୍ଷକ ତଥା ଭାଷ୍ୟକାର ପାର୍ଥସାରଥୀ ବେଜ ଓ ପାଟଣା ବ୍ଲକ୍ ର ଶିକ୍ଷକ ନେତା ପ୍ରମୋଦ କୁମାର ମହାନ୍ତ ଭାରତ ଭୂଷଣ ଏବଂ ତାଙ୍କ ପିତାଙ୍କୁ ଉତ୍ତରୀୟ ପ୍ରଦାନକରି ସମ୍ବର୍ଦ୍ଧନା କରିଥିଲେ। ସ୍ୱାମ ପାଟଣା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ କର୍ମଚାରୀ ତଥା ସାମାଜିକ କର୍ମୀ ବିଦ୍ୟାଧର ମହାନ୍ତ ଭାରତ ଭୂଷଣ ଙ୍କୁ ସମ୍ବର୍ଦ୍ଧନା ପତ୍ର ପ୍ରଦାନ କରିବା ସହିତ ତାଙ୍କର ମାତା ଙ୍କୁ ମଧ୍ୟ ପ୍ରଶଂସା ପତ୍ର ସହିତ ବସ୍ତ୍ର ଓ ଉପବସ୍ତ୍ର ପ୍ରଦାନ ପୂର୍ବକ ଆଶୀର୍ବାଦ କରିଥିଲେ। ଗୋଜା ପଥର ଉଚ୍ଚ ବିଦ୍ୟାଳୟର ଶିକ୍ଷକ ରମେଶ ଚନ୍ଦ୍ର ସ୍ୱାଇଁ, ତ୍ୟବ୍ରତ ରାଉତ, ଶତ୍ରୁଘ୍ନ ଖୁଣ୍ଟିଆ ଓ ଅବସର ପ୍ରାପ୍ତ ଶିକ୍ଷକ ନନ୍ଦକିଶୋର ମହାନ୍ତ ଭାରତ ଭୂଷଣଙ୍କୁ ଉତ୍ସାହିତ କରିବା ସହିତ ତାଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ଏହି କାର୍ଯ୍ୟ କ୍ରମରେ ପୁରାତନ ଛାତ୍ର ସଂସଦର କର୍ମକର୍ତ୍ତା ଭକ୍ତବନ୍ଧୁ ମହାନ୍ତ, ହୃଷୀକେଶ ମହାନ୍ତ, ରୋହିତ କୁମାର ମହାନ୍ତ ଯୋଗ ଦେଇ ଏହାକୁ ସଫଳ କରିଥିଲେ।

### ନିର୍ବାଚନ ପରଠାରୁ ନୂଆ ଭତ୍ତା ମଞ୍ଜୁରୀ ନାହିଁ

# ଅପେକ୍ଷାରେ ୧୬ ହଜାରରୁ ଉର୍ଦ୍ଧ୍ୱ ହିତାକାରୀ




ନୟାଗଡ଼, ( ମହାଭାରତ ) : ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ଅପେକ୍ଷାରେ ରହିଥିବା ସମସ୍ତ ହିତାଧିକାରୀଙ୍କୁ ନୂତନ ଭତ୍ତା ମଞ୍ଜୁର ହୋଇଥିଲା। ନିର୍ବାଚନକୁ ଦେଢ଼ ବର୍ଷ ବିତିଥିବା ବେଳେ ସରକାର ନୂତନ ଭତ୍ତା ମଞ୍ଜୁର କରିବା ପାଇଁ କୌଣସି ପଦକ୍ଷେପ ନେଇ ନଥିବା ବେଳେ ନୟାଗଡ଼ ଜିଲ୍ଲାରେ ୧୬ ହଜାରରୁ ଉର୍ଦ୍ଧ୍ୱ ହିତାଧିକାରୀ ଭତ୍ତା ପାଇବା ପାଇଁ ଅପେକ୍ଷାରେ ରହିଥିବା ସୂଚନା ମିଳିଛି । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀଙ୍କ ସୂଚନା ମୁତାବକ, ଜିଲ୍ଲାରେ ୧୬ ହଜାରରୁ ଉର୍ଦ୍ଧ୍ୱ ହିତାଧିକାରୀ ଭତ୍ତା ପାଇଁ ଆବେଦନ କରି ଅପେକ୍ଷାରେ ରହିଛନ୍ତି। ସମାନ ଭାବେ ରାଜ୍ୟ ସରକାର ୮୦ ବର୍ଷରୁ ଉର୍ଦ୍ଧ୍ୱ ଓ ୮୦ ପ୍ରତିଶତ ଦିବ୍ୟାଙ୍ଗଙ୍କ ପାଇଁ ୩୫୦୦ ଟଙ୍କା ଭତ୍ତା ବ୍ୟବସ୍ଥା କରିଛନ୍ତି। ଜିଲ୍ଲାକୁ ଦୁଇଟି ପର୍ଯ୍ୟାୟରେ ମିଳିଥିବା ମଞ୍ଜୁରୀକୁ ବାଦ୍ ଦେଲେ ଆହୁରି ୧୨୦୦ ହିତାଧିକାରୀ ୩୫୦୦ ଭତ୍ତା ପାଇବାକୁ ଯୋଗ୍ୟ ବୋଲି ଜଣାପଡ଼ିଛି। ଜଣେ ମଲେ ଅନ୍ୟ ଜଣଙ୍କ ନାମକୁ ଯୋଡ଼ାଯିବା ନୀତିରେ ସାମାଜିକ ସୁରକ୍ଷା ବିଭାଗ କାର୍ଯ୍ୟ କରୁଛି। ନୟାଗଡ଼ ଜିଲ୍ଲାରେ ଅନେକ ହିତାଧୀକାରୀ ଜାଲିଆତି କରି ଭତ୍ତା ପାଉଛନ୍ତି। ମାଳ ମାଳ ନକଲି ଦିବ୍ୟାଙ୍ଗ ହିତାକାରୀ ଭତ୍ତା ପାଉଥିବା ବେଳେ ବୟସ ଜାଲିଆତି କରି ମଧ୍ୟ ଅନେକ ଭେଣ୍ଡିଆ ଭତ୍ତା ପାଉଛନ୍ତି । ନୟାଗଡ଼ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ନିଷ୍କ୍ରିୟତା ଏବଂ ବ୍ଲକ୍ ପ୍ରଶାସନର ଆଖିବୁଜା ନୀତି ପାଇଁ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ଜିଲ୍ଲାରେ ଅଯୋଗ୍ୟ ଭତ୍ତା ହିତାଧିକାରୀଙ୍କୁ ଚିହ୍ନଟ କରିବାକୁ ଦାବି ହେଉଛି। ଅନ୍ୟପକ୍ଷେ, ନୟାଗଡ଼ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗରେ ବଦଳି ନିୟମ ଲାଗୁ ହେଉନି। ସରକାରଙ୍କ ନିୟମ ମୁତାବକ ଜଣେ କର୍ମଚାରୀ ଗୋଟିଏ ଜାଗାରେ ୩ ବର୍ଷରୁ ଅଧିକ ସମୟ ରହିପାରିବ ନାହିଁ କିନ୍ତୁ ଏଠି ସମ୍ପୂର୍ଣ୍ଣ ଓଲଟା। ଜିଲ୍ଲା ମୁଖ୍ୟାଳୟ କନିଷ୍ଠ କିରାଣି ରାମକୃଷ୍ଣ ସୁବୁଦ୍ଧି ଓ ଶୁଭଶ୍ରୀ ବରାଡ଼ ଚାକିରି ଆରମ୍ଭରୁ ଦୀର୍ଘ ୭ ବର୍ଷରୁ ଉର୍ଦ୍ଧ୍ୱ ସମୟ ଗୋଟିଏ ଜାଗାରେ ଅଛନ୍ତି। ରାଜଶ୍ରୀ ପଣ୍ଡା ମଧ ୩ ବର୍ଷରୁ ଉର୍ଦ୍ଧ୍ୱ ହେଲାଣି ସେ ଜିଲ୍ଲା ମୁଖ୍ୟାଳୟ ଛାଡୁନାହାନ୍ତି । ଖଣ୍ଡପଡ଼ା ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଅଫିସ କନିଷ୍ଠ ସହାୟକ ସୁନିଲ କୁମାର ନିଶଙ୍କ ଚାକିରି ଆରମ୍ଭରୁ ସେ ଗୋଟିଏ ଜାଗାରେ ଅଛନ୍ତି। ସମସ୍ତ ବ୍ଲକ୍ କନିଷ୍ଠ କିରାଣି ପ୍ରୋଗ୍ରାମ ଆସିଷ୍ଟାଣ୍ଟଙ୍କ ମଧ୍ୟ ବଦଳି ହେଉନି। କିରାଣିଙ୍କ ପ୍ରତି ସାମାଜିକ ସୁରକ୍ଷା ବିଭାଗର ଅନୁକମ୍ପା ଦ୍ୱାରା ଅନିୟମିତତା ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜାତୀୟ ଆଇନ ସେବା ଦିବସ, ୨୦୨୫ ପାଳିତ




ନବରଙ୍ଗପୁର, (ମହାଭାରତ): ଆଜି ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ତରଫରୁ ଜିଲ୍ଲା କୋର୍ଟ ପରିସରରେ ଆଇନଜୀବି, ଅଙ୍ଗନୱାଡି କର୍ମୀ, ମିଶନ ଶକ୍ତିର ମହିଳା, ବରିଷ୍ଟ ନାଗରିକ ଓ ପାରା ଲିଗାଲ ସଦସ୍ୟ ମାନଙ୍କୁ ନେଇ ଜାତୀୟ ଆଇନ ସେବା ଦିବସ, ୨୦୨୫ ପାଳନ ହେଇଯାଇଛି ।ଏହି କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ଅଧକ୍ଷ ତଥା ଜିଲ୍ଲା ଦୌରାଜର୍ଜ ଶ୍ରୀଯୁକ୍ତ ସୁବ୍ରତ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ହୋଇଥିଲା । ଚଳିତ ବର୍ଷ ଏହି ଦିବସ ପାଳନର ପ୍ରସଙ୍ଗ ହେଉଛି ସମସ୍ତଙ୍କ ପାଇଁ ନ୍ୟାୟ ଆଇନ ସଚେତନତା ମାଧ୍ୟମରେ ନିଷ୍ପେଷିତ ଶ୍ରେଣୀର ସଶକ୍ତି କରଣ। ଏହି ଶିବିରରେ ଅତିରିକ୍ତ ଜିଲ୍ଲା ଜର୍ଜ ବିଷ୍ଣୁ ପ୍ରସାଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଦେଶରେ ଯେକୌଣସି ନାଗରିକ ଯେକୌଣସି ପୃଷ୍ଠଭୂମିରୁ ଆସିଥାନ୍ତୁ ନା କାହିଁକି, ତାଙ୍କର ପରିଚୟ ଯାହା ହେଉ ନା କାହିଁକି, ପ୍ରତେକଙ୍କୁ ମାଗଣା ଆଇନ ସେବା ସହାୟତା ମିଳିପାରିବ ବୋଲି ସମସ୍ତଙ୍କୁ କହିଥିଲେ । ଏହି ଦିବସର ମହ ବିଷୟରେ ଓ ବିଭିନ୍ନ ଆଇନ ବିଷୟରେ ସଚେତନ କରିଥିଲେ। ଅନ୍ୟାନ୍ୟ ଅତିଥି ଭାବେ ପରିବାର ବିଚାରବିଭାଗୀୟ ଜର୍ଜ ଲିଲିପ୍ତା ପସାୟତ, ଅତିରିକ୍ତ ଜିଲ୍ଲା ଜର୍ଜ (ପୋକସୋ) ବାସୁଦେବ ଆଚାର୍ଯ୍ୟ, ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରି ସୀମା ତ୍ରିପାଠୀ, ରେଜିଷ୍ଟ୍ରାର ଜିଲ୍ଲାକୋର୍ଟ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଭାରପ୍ରାପ୍ତ ସଚିବ ଶାଶ୍ୱତୀ ମିଶ୍ର, ବରିଷ୍ଟ ଦେବାନୀ ଜର୍ଜ, ନବରଙ୍ଗପୁର (ମହିଳା କୋର୍ଟ) ସୁଦୀପା ପାତ୍ର, ଉପଖଣ୍ଡ ବିଚାର ବିଭାଗୀୟ ଦଣ୍ଡାଧିକାରୀ ସୌମ୍ୟ ଶଙ୍କର ମହନ୍ତ ଓ ଜେ.ଏମ.ଏସି ଅନ ପ୍ରୋବେଶନ ଗୌତମ ପଟ୍ଟନାୟକ, ମୁଖ୍ୟ ଆଇନ ଗତ ସହାୟତା ପ୍ରତିରକ୍ଷା ପରାମର୍ଶଦାତା ପ୍ରସନ୍ନ ପଟ୍ଟନାୟକ, ଆଇନ ଜୀବି ନବରଙ୍ଗପୁର କିଶୋରୀ ପଟ୍ଟନାୟକ, ସହାୟକ ଆଇନ ଗତ ସହାୟତା ପ୍ରତିରକ୍ଷା ପରାମର୍ଶଦାତା, ନବରଙ୍ଗପୁର ରାକ୍ଷୀ ଜୈନ ଓ ବହୁ ଆଇନଜୀବି ଯୋଗ ଦେଇଥିଲେ ଓ ରାଷ୍ଟ୍ରୀୟ ଆଇନ ସେବା ଦିବସ, ୨୦୨୫ ବିଷୟରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଭାରପ୍ରାପ୍ତ ସଚିବ ଶ୍ରୀମତୀ ଶାଶ୍ୱତୀ ମିଶ୍ରଙ୍କ ଦ୍ୱାରା ପରିଚାଳନା କରାଯାଇଥିଲା।

## ବୋଇତବନ୍ଦାଣ ଉଦଯାପନୀ ରାତି ରେ ଝଲସିଲା ମଞ୍ଚ



ଅସ୍ତରଙ୍ଗ(ମହାଭାରତ): ଚାଲିଛି ଅସ୍ତରଙ୍ଗ ତାଳଦା ଦୀପାଞ୍ଚଳ ରେ ଚଳିତ ବର୍ଷ ଦ୍ୱିତୀୟ ବର୍ଷ ର ଉଦଯାପନୀ ଉତ୍ସବ ମହା ଆଡମ୍ବର ରେ ଅନୁଷ୍ଠିତ ହୋଇଛି। ଏହି ଉଦଯାପନୀ ଉତ୍ସବ ରେ ମୁଖ୍ୟ ଅତିଥି ରୂପେ ଜଗତସିଂହପୁର ଜିଲ୍ଲା ପରିଷଦ ଅଧକ୍ଷ ମନୋଜ କୁମାର ଭୋଇ, ସମ୍ମାନିତ ଅତିଥି ରୂପେ ବାଲିକୁଦା ବ୍ଲକ ଅଧକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ଉପାଧକ୍ଷ ଅଲେଖ ସ୍ୱାଇଁ,ଜଗତସିଂହପୁର ୩ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟା ରୁନୁବାଳା ବେହେରା ଯୋଗ ଦେଇଥିବା ବେଳେ ଅନ୍ୟ ଅତିଥି ମାନଙ୍କ ଭିତରେ କାକଟପୁର ପୂର୍ବତନ ବିଧାୟକ ରବୀନ୍ଦ୍ର ମଲ୍ଲିକ, ସମାଜସେବୀ ପ୍ରତାପ ଚନ୍ଦ୍ର ପରିଡା ଯୋଗ ଦେଇଛନ୍ତି। ଏହି ମଞ୍ଚରେ ସଭାପତିତ୍ୱ କରିଥିଲେ ବୋଇତବନ୍ଦାଣ ଉତ୍ସବ ର ସଭାପତି ବିଜୟ କୁମାର ପଡ଼ିଆରୀ, ଉତ୍କଳ ର ନୌବାଣିଜ୍ୟ ର ଅତୀତ ର ଇତିହାସ ଲୁଚିଯାଇଥିବା ବେଳେ ପୁରୀ ଜିଲ୍ଲା ଅସ୍ତରଙ୍ଗ ତାଳଦା ପଞ୍ଚାୟତ ଓ ଜଗତସିଂହପୁର ଜିଲ୍ଲା ତରାସାହି ପଞ୍ଚାୟତ ର ମିଳିତ ଆନୁକୂଲ୍ୟରେ ରେ ଏହି କାର୍ଯ୍ୟକ୍ରମ କୁ ବୁଦ୍ଧିଜୀବୀ ମହଲ ରେ ପ୍ରଶଂସା କରାଯାଇଛି, ଉତ୍କଳ ର ନୌବାଣିଜ୍ୟ ବ୍ୟବସ୍ଥା,ଆମ ପ୍ରଥା ପରମ୍ପରା କୁ ଉଜିବିତ କରିବାକୁ ଏହି ପ୍ରୟାସ ଜାରୀ ରଖିଛନ୍ତି, ଉଦଯାପନୀ ଉତ୍ସବ ର ଶୁଭ ସନ୍ଧ୍ୟା ରେ ସାଂସ୍କୃତିକ କାର୍ଯ୍ୟକ୍ରମ କୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଦର୍ଶକ ମାନଙ୍କ ମନକୁ ଆହ୍ଲାଦିତ କରିଥିବା ବେଳେ ମିନା ବଜାର ଓ ଚଟାପଟ ଖାଦ୍ୟ ଦର୍ଶକ ଙ୍କ ମନକୁ କିଣିଥିଲା, ସମାଜସେବୀ ପ୍ରତାପ ଚନ୍ଦ୍ର ପରିଡା ନିଶା ନିବାରଣ କରିବା କୁ ଶପଥ ନେଇଥିଲେ, ଆଉ ଅନ୍ୟ ଅତୀଥି ମାନେ ଆଗାମୀ ଦିନରେ ଏହି ଅନୁଷ୍ଠାନ କୁ ପାରାଦ୍ୱୀପ ଓ କଟକ ଭଳି କରିବାକୁ ପ୍ରତିଶୃତି ଦେଇଥିଲେ।

## ନାଲକୋ ଜୁନିଅର ଡିପିଏସ ସ୍କୁଲରେ ଫୁଟିଲା ବୋମା,ଦୁଇଗୋଷ୍ଠୀ ମଧ୍ୟରେ ବିବାଦ

ବଅଁରପାଳ:(ମହାଭାରତ)ନାଲକୋ ନଗର ପରିସରରେ ଥିବା ଜୁନିଅର ଡିପିଏସ ସ୍କୁଲରେ ଛାତ୍ର ଓ ଅଣଛାତ୍ର ମାନଙ୍କ ମଧ୍ୟରେ ବିବାଦ ଉଗ୍ର ରୂପ ଧାରଣ କରିଛି। ସୂଚନା ଅନୁଯାୟୀ, ଏକ ଅଣଛାତ୍ର ଗୋଷ୍ଠୀ ଦୁଇ ଦିନ ତଳେ ଡିପିଏସ ଶିକ୍ଷକଙ୍କ କ୍ୱାଟରକୁ ବୋମା ମାଡ଼ କରି ଭୟଭୀତ କରିବା ସହ ଆତଙ୍କ ଖେଳାଇଥିଲେ । ଏହା ପରେ ଗତକାଲି ଡିପିଏସ ସ୍କୁଲ ପରିସରକୁ ବୋତଲ ବୋମା ମାଡ଼ କରିଥିଲେ । ଏହି ଘଟଣାକୁ କେନ୍ଦ୍ର କରି ନାଲକୋ ଘରୋଇ ସୁରକ୍ଷା କର୍ମୀ ସଜାଗ ହୋଇଯାଇଥିଲେ । ଆଜି ସନ୍ଧ୍ୟାରେ ଦୁଇ ଗୋଷ୍ଠୀ ଜୁନିଅର ଡିପିଏସ ସ୍କୁଲରେ ସ୍କୁଲର ସୁରକ୍ଷା କର୍ମୀଙ୍କୁ ଧମକ ଚମକ ଦେବା ସହ ମୁହାଁ ମୁହିଁ ଆତଙ୍କ ଖେଳାଇଥିଲେ।ପୂର୍ବ ପ୍ରସ୍ତୁତି ଅନୁଯାୟୀ ନାଲକୋ ଘରୋଇ ସୁରକ୍ଷା କର୍ମୀ କିଛି ଅଣଛାତ୍ରଙ୍କୁ କାବୁ କରି ଆଣି ସୁରକ୍ଷା କାର୍ଯ୍ୟାଳୟରେ ଅଟକ ରଖିଥିଲେ ।ନାଲକୋ ପୋଲିସ ସୂଚନା ପାଇ କାର୍ଯ୍ୟାଳୟକୁ ଆସି ଘଟଣାର ଅନୁସନ୍ଧାନ କରିବା ସହ ପଚରାଉଚରା ଜାରି ରଖିଛନ୍ତି । ଘଟଣାସ୍ଥଳରୁ ସୁରକ୍ଷା କର୍ମୀ କିଛି ଅଣଛାତ୍ରଙ୍କୁ ଅଟକ ରଖିବା ସହ ନାଲକୋ ପୋଲିସ ପହଞ୍ଚି ପଚାରାଉଚରା ଜାରି ରଖିଛନ୍ତି । ଘଟଣାକୁ ଅନୁଧ୍ୟାନ କରି ନାଲକୋ କର୍ତ୍ତୃପକ୍ଷ ଡିପିଏସ ସ୍କୁଲ ଅଧକ୍ଷ ଓ ଶିକ୍ଷକ ମାନଙ୍କୁ ଡକାଇ ସୁରକ୍ଷା କର୍ମୀ କାର୍ଯ୍ୟାଳୟରେ ପଚାରାଉଚରା ଜାରି କରୁଛନ୍ତି ।ଏହି ଘଟଣାରେ ଆହୁରି ଅନେକ ସମ୍ପୃକ୍ତ ଥିବା ନେଇ ଅଟକ ଯୁବକ ପୋଲିସ ନିକଟରେ ପ୍ରକାଶ କରିଅଛି। ନାଲକୋ ମଧ୍ୟରେ ଅନେକ ଘର ଥିବାବେଳେ ବିଦ୍ୟାଳୟ ପରିସରରେ ଘରୋଇ କୋଚିଂ ସଂସ୍ଥା କୁ ଚଳାଇବା ନିମନ୍ତେ ଅନୁମତି କିଏ ଦେଇଛି, କାହିଁକି ଦେଇଛନ୍ତି ବୋଲି ଚର୍ଚ୍ଚା ଜୋର ଧରିଛି, ନାଲକୋରେ ମାଳମାଳ ସୁରକ୍ଷାକର୍ମୀ ଥିବାବେଳେ କାହିଁକି ଏଭଳି ଘଟଣା ବାରମ୍ବାର ଘଟୁଛି ତାହା ଏବେ ପ୍ରଶ୍ନବାଚି ସୃଷ୍ଟି କରିଛି । ନାଲକୋର ଅପାରଗତା ପାଇଁ ଏଭଳି ବାରମ୍ବାର ଘଟୁଛି।

## ଜାତୀୟ ତାଲୁକା ଆଇନ ସେବା ଦିବସ ପାଳିତ

ଆସିକା(ମହାଭାରତ):ଆସିକା ତାଲୁକ ଆଇନ ସେବା କମିଟି ପକ୍ଷରୁ ଆସିକା ବାର ଆସୋସିଏସନ ପରିସରରେ ଜାତୀୟ ଆଇନ ସେବା ଦିବସ ପାଳିତ ହୋଇଯାଇଛି । ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମ ରେ ଆସିକା ଅତିରିକ୍ତ ଜିଲ୍ଲା ଓ ଦୌରା ଜର୍ଜ ମନୋଜ କୁମାର ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜେଏମ ଏଫ ସି (କଗ )ଗୀତାଞ୍ଜଳି ନାଇଡୁ, ଯେ ଏମ ଏଫ ସି ଟ୍ରାଇଲ ଯେ. ମୋହିନୀ ଆଇନ ପ୍ରାଧିକାରଣ ସଭ୍ୟ ଅନନ୍ତ ସାୟନମ ଓକିଲ ସଙ୍ଘ ର ସଭାପତି ଅଜିତ କୁମାର ଚୌଧୁରୀ, ସମ୍ପାଦକ ନାରାୟଣ ମୁନି, ଉପ ସଭାପତି ଛବିଳ ରାମ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ । ଭାରତର ସମ୍ବିଧାନ ପ୍ରତ୍ୟେକ ନାଗରିକଙ୍କୁ ସମାନ ଅଧିକାର ଏବଂ ଆଇନ ଅନୁଯାୟୀ ସମାନ ସୁରକ୍ଷା ପ୍ରଦାନ କରିଥାଏ। ସମାଜର ଅନଗ୍ରସର ଶ୍ରେଣୀର ଜନସାଧାରଣ ବିଭିନ୍ନ ପ୍ରତିବନ୍ଧକ ଯୋଗୁଁ ଆଇନଗତ ସେବା ପାଇପାରୁନାହାଁନ୍ତି। ସମାଜର ଉପେକ୍ଷିତ ଏବଂ ପଛୁଆ ବର୍ଗକୁ ମାଗଣା ଏବଂ ଦକ୍ଷ ଆଇନଗତ ସେବା ପ୍ରଦାନ କରିବା ପାଇଁ ପ୍ରତିଜ୍ଞା ବଦ୍ଧ ।ଏହି ସଚେତନତା କାର୍ଯ୍ୟକ୍ରମ ରେ ବରିଷ୍ଠ ଆଇନଜୀବୀ ସରୋଜ କୁମାର ତ୍ରିପାଠୀ, ଅଜିତ ପଟ୍ଟନାୟକ, ଯଂଜ୍ଞ ଆଚାରୀ, ଅଜିତ ପଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ସାମ୍ବାଦିକ ମୁରଲିଧର ପାଣିଙ୍କ ଶ୍ରାଦ୍ଧବାର୍ଷିକୀ ଉତ୍ସବ

ଦଶପଲ୍ଲା, (ମହାଭାରତ): ସଂକଳ୍ପ ସାହିତ୍ୟ ସେବା ଅନୁଷ୍ଠାନ ତରଫରୁ ସମ୍ବାଦିକ ମୁରଲିଧର ପାଣିଙ୍କ ୫ ମ ଶ୍ରାଦ୍ଧବାର୍ଷିକୀ ଉତ୍ସବ ପାଳିତ ହୋଇଯାଇଛି, ସ୍ଥାନୀୟ ରାଧାମୋହନ ଜୀଉ ହାଇସ୍କୁଲ ଠାରେ ଅପରାହ୍ନ ରେ ଅନୁଷ୍ଠାନ ର ଉପ ସଭାପତି ତଥା ବରିଷ୍ଠ ନାଗରିକ ମଂଚର ସଭାପତି ପ୍ରାଣକୃଷ୍ଣ ହେରା ଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପରିବେଶବିତ୍ ପ୍ରଶନ୍ତ କୁମାର ପଣ୍ଡା, ମୁଖ୍ୟ ବକ୍ତା ଭାବେ ବରିଷ୍ଠ ଆଡଭୋକେଟ ତଥା ଶ୍ରମିକ ନେତା ଶରତ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦାନ କରି ସ୍ୱର୍ଗତ ସାମ୍ବାଦିକ ପାଣିଙ୍କ ଜୀବନୀ ଏବଂ ସାମ୍ବାଦିକତା ଉପରେ ଉଦବୋଧନ ଦେଇଥିଲେ। ଅନ୍ୟ ମାନଙ୍କ ମଧ ରେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ,, ଅବସର ପ୍ରାପ୍ତ ଚିକିତ୍ସିକ ରବିନ୍ଦ୍ର ନାଥ ମିଶ୍ର,ବରୁଣ କୁମାର ସାହୁ, ଦିଲ୍ଲିପ କୁମାର ନାୟକ ପ୍ରମୁଖ ଯୋଗଦାନ କରିଥିଲେ।

# ଓଡ଼ଗାଁ ଏନ୍ଏସିରେ ୮ବର୍ଷରେ ନେତା ଘର ଶୂନ : ୨୦୧୭ରୁ ଚାହିଁ ବସିଛନ୍ତି ଏନ୍ଏସି ବାସୀ




ଓଡ଼ଗାଁ, ( ମହାଭାରତ ) : ୨୦୧୭ ଅଗଷ୍ଟ ୧୭ ତାରିଖରେ ବିଜେଡି ସରକାର ଓଡ଼ଗାଁକୁ ଏନ୍ଏସି ମାନ୍ୟତା ପ୍ରଦାନ କଲେ। ଓଡ଼ଗାଁର ୧୫ ୱାର୍ଡ ଓ ୧୦ ହଜାରରୁ ଉର୍ଦ୍ଧ୍ୱ ଭୋଟରଙ୍କୁ ନେଇ ଏନ୍ଏସି ଗଠନ ହେଲା। ଏହି ଏନ୍ଏସି ଗଠନ ପରେ ୱାର୍ଡ ବଢ଼ିବାକୁ ନେଇ ହାଇକୋର୍ଟରେ ପିଟିସନ ଦାଖଲ କରାଗଲା। ବିଜେଡି ଦଖଲରେ ୭ ବର୍ଷ ଏନ୍ଏସି ରହିବା ପରେ ନିର୍ବାଚନ କରିବାକୁ କେବେ ଆଗ୍ରହ ଦେଖାଇ ନଥିଲା ଦଳ। ଏମିତି ମାସ ପରେ ମାସ ବର୍ଷ ପରେ ବର୍ଷ ଗଡ଼ି ଚାଲିଲା। ଏହା ଭିତରେ ଏନ୍ଏସିର ଭାଗ୍ୟ ଦୋହଲିବାକୁ ଲାଗିଲା। ନା ନେତା ବଛା ହେଲେ ନା ନିର୍ବାଚନ ହେଲା।ଫଳରେ ଏନ୍ଏସି ଅଧୀନରେ ଥିବା ୧୫ଟି ୱାର୍ଡର ଜନସାଧାରଣ ସରକାରଙ୍କ ବିଭିନ୍ନ ସୁବିଧାରୁ ବଞ୍ଚିତ ହେଲେ।ଡ୍ରେନ୍ ନିର୍ମାଣ ଠାରୁ ଆରମ୍ଭ କରି ପୋଖରୀ, କେନାଲ, ରାସ୍ତା, ବିଲିଂ ଆଦି କାମରେ ପ୍ରତିବନ୍ଧକ ସୃଷ୍ଟି ହେଲା। ଏନ୍ଏସି ଗଠନ ପରେ ସହରର ଉନ୍ନତି ଘଟିଛି ଓ ଅନେକ ହିତାଧିକାରୀଙ୍କୁ ଜମିପଟ୍ଟା, ଆବାସ, ଭତ୍ତା ଯୋଜନାରେ ସାମିଲ୍ ହୋଇ ଥଇଥାନ କରାଯାଇଛି। ଏହା ସହିତ ଭେଣ୍ଡିଂ ଜୋନ୍, ମାଛ ବଜାର, ପାର୍କ, ଏନ୍ଏସିର ନୂତନ କାର୍ଯ୍ୟାଳୟ ଆଦି କାର୍ଯ୍ୟ ହୋଇଛି କିନ୍ତୁ ନେତା ଘର ଶୂନ ବୋଲି କହିଛନ୍ତି ଏନ୍ଏସି ବାସୀ। ଓଡ଼ଗାଁ ଏନ୍ଏସି ଗଠନର ୮ବର୍ଷ ପରେ ବିଜେପି ସରକାର କ୍ଷମତାକୁ ଆସିଛି ଓ ହାଇକୋର୍ଟରୁ ପିଟିସନ ଖାରଜ ହୋଇଛି କିନ୍ତୁ ନିର୍ବାଚନ ପାଇଁ ବିଜେପି ସରକାର ସମାନ ନୀତି ଆପଣାଇଛି ।ନୂଆପଡ଼ା ଜିଲ୍ଲାରେ ଉପନିର୍ବାଚନ ଚାଲିଥିବା ବେଳେ ସରକାର ଓଡ଼ଗାଁ ଏନ୍ଏସି ସହିତ କାହିଁକି ଖେଳ ଖେଳୁଛନ୍ତି ବୋଲି ଜନତା ପ୍ରଶ୍ନ ଉଠାଇଛନ୍ତି। ୮ ବର୍ଷ ଧରି ଏସ୍ଏସି ପ୍ରତି ଗୁରୁତ୍ୱ ନ ଦେବାରୁ ହାଇକୋର୍ଟରେ କେବଳ ପିଟିସନ ଦାଖଲ ହୋଇଥିଲେ ମଧ୍ୟ ବିଭିନ୍ନ ଆଳ ଦେଖାଇ ନିର୍ବାଚନ ନ କରିବା ସରକାରଙ୍କ ଦୁର୍ବଳତା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏବେ ନିର୍ବାଚନ ଘୋଷଣାକୁ ନେଇ ଅଙ୍କକଷା ଆରମ୍ଭ ହୋଇଛି ହାଇକୋର୍ଟରୁ ପିଟିସନ ଉଠିବା ପରେ ନେତାଙ୍କ ମଧ୍ୟରେ ନିର୍ବାଚନୀ ଉଷ୍ମତା ଦେଖିବାକୁ ମିଳିଥିଲା କିନ୍ତୁ ସରକାର ନିର୍ବାଚନ ତାରିଖ ଘୋଷଣା କରିନଥିବାରୁ ତାହା ଫିକା ପଡିଯାଇଛି। ୪ ମାସ ତଳେ ଜିଲ୍ଲାପାଳ ରାଜ୍ୟ ସରକାରଙ୍କୁ ୧୫ ୱାର୍ଡ ଆସନ ବଳବତ୍ତର ଥିବା ଦର୍ଶାଇଥିଲେ ।କିନ୍ତୁ କ□ ପୂରିଥିଲେ ମଧ ଓଡ଼ଗାଁ ଏନ୍ଏସିରେ ନିର୍ବାଚନ ତାରିଖ ଘୋଷଣାକୁ ଅପେକ୍ଷା କରିବାକୁ ପଡ଼ିଛି। ଓଡ଼ଗାଁ ଏନ୍ଏସି ନିର୍ବାଚନରେ ବିଜେପି ଓ ବିଜେଡି ମଧ୍ୟରେ ସଂଘର୍ଷ ହେବ ବୋଲି ରାଜନୀତି ସମୀକ୍ଷକ ମାନେ ମତ ଦେଉଥିବା ବେଳେ ତାହା କେବେ ସଫଳ ହେଉଛି, ସରକାରଙ୍କ ନିଦ କେବେ ଭାଙ୍ଗୁଛି ଓ ନିର୍ବାଚନ ତାରିଖ ତଥ୍ୟ ଘୋଷଣା କରୁଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି। ଏହି ଘଟଣାରେ ଓଡ଼ଗାଁ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନିହାର ରଞ୍ଜନ ବେହେରା, ଜିଲ୍ଲାପାଳ ସମସ୍ତ ୱାର୍ଡ ସମ୍ବନ୍ଧୀୟ ସରକାରଙ୍କୁ ପ୍ରଦାନ କରିଛନ୍ତି ଓ ସରକାରଙ୍କ ପକ୍ଷରୁ ଭୋଟର୍ ତାଲିକା ଉପରେ ଗୁରୁତ୍ୱ ଦେଇଛନ୍ତି। ନୂଆପଡ଼ା ନିର୍ବାଚନ ପରେ ଓଡ଼ଗାଁ ଏନ୍ଏସି ନିର୍ବାଚନ ହେବାର ସମ୍ଭାବନା ଅଛି ବୋଲି କହିଥିଲେ।

## ବେସନ ବର୍ଫି

ସାମଗ୍ରୀ: ୧୯୦ ମିଲି ଗ୍ରାମ୍ ଘିଅ, ୨୦୦ ଗ୍ରାମ୍ ବେସନ, ୮୦ ଗ୍ରାମ୍ ସୁଜି, ୧୫୦ ଗ୍ରାମ୍ ଗୁଣ୍ଡ ଚିନି, ଅଧ ଚାମଚ ଗୁଜୁରାତି ଗୁଣ୍ଡ, ବାଦାମ ଓ ପେସ୍ତା।

ପ୍ରଣାଳୀ: ପ୍ରଥମେ ଏକ କଡ଼େଇରେ ଘିଅ ପକାଇ ଧିମା ଆଞ୍ଚରେ ଗରମ କରନ୍ତୁ। ଏଥିରେ ବେସନ ଏବଂ ସୁଜି ପକାଇ କିଛି ସମୟ ଭାଜନ୍ତୁ। ୧୦-୧୫ ମିନିଟ୍ ଭାଜିବା ପରେ ଏହାର ରଙ୍ଗ ବଦଳି ବାସ୍ନା ଆସିଲେ ଏଥିରେ ଚିନି ଓ ଗୁଜୁରାତି ଗୁଣ୍ଡ ପକାଇ ମିଶାନ୍ତୁ। ଏହା ପରେ ବେସନ ମିଶ୍ରଣକୁ ଏକ ପ୍ଲେଟକୁ ବାହାର କରି ସମତଳ ଭାବେ ରଖନ୍ତୁ। ଏହା ଉପରେ ପେସ୍ତା ଓ ବାଦାମ ଦେଇ ସଜାନ୍ତୁ। ଏବେ ଏହାକୁ ଦୁଇ ଘଣ୍ଟା ପର୍ଯ୍ୟନ୍ତ ଫ୍ରିଜ୍‌ରେ ରଖନ୍ତୁ। ଥଣ୍ଡା ହୋଇଗଲା ପରେ ଖଣ୍ଡ ଖଣ୍ଡ କରି କାଟି ଖାଆନ୍ତୁ ଓ ଖୁଆନ୍ତୁ।



## ଈଶ୍ୱରଙ୍କ ପ୍ରକୃତ ଉପାସନା



କୌଣସି ଦେବାଦେବୀଙ୍କୁ ପ୍ରସନ୍ନ କରିବା ଲାଗି ମୂଲ୍ୟବାନ ଧନରତ୍ନ ଦାନ କରିବାର ଆବଶ୍ୟକତା ନାହିଁ କିମ୍ବା ଅନେକ ଟଙ୍କା ଖର୍ଚ୍ଚ କରି ପୂଜାର୍ଚ୍ଚନା ମଧ୍ୟ କରିବା ଦରକାର ନାହିଁ । କେବଳ ସେହି ଦେବତାଙ୍କୁ ଖୁବ୍ ସରଳ ଭାବେ ନିଜ ହୃଦୟରେ ସ୍ମରଣ କରିବା ଆବଶ୍ୟକ । ଆମେ କୌଣସି ମାତୃଶକ୍ତିଙ୍କୁ ପ୍ରସନ୍ନ କରିବା ପୂର୍ବରୁ ପ୍ରଥମେ ନିଜ ଜନ୍ମଦାତ୍ରୀ ମାତାଙ୍କୁ ପ୍ରସନ୍ନ କରିବା ଆବଶ୍ୟକ । ମା'ର ସ୍ଥାନ ବହୁ ଉପରେ । ଧର୍ମଗ୍ରନ୍ଥରେ କୁହାଯାଇଛି ଯେ ଜନ୍ମଭୂମି ଏବଂ ଜନ୍ମ ମାଟି ସ୍ୱର୍ଗଠାରୁ ମଧ୍ୟ ଶ୍ରେଷ୍ଠ । ନିକିତିର ଗୋଟିଏ ପାର୍ଶ୍ୱରେ ସ୍ୱର୍ଗ ସୁଖ ଏବଂ ଅନ୍ୟ ପାର୍ଶ୍ୱରେ ମା'ର ମମତାକୁ ତଉଲିଲେ, ମମତା ଥିବା ପାର୍ଶ୍ୱଟି ଅଧିକ ଭାରୀ ହେବ । ଛୋଟ ଛୋଟ କଥାରେ ମା'କୁ ଅପମାନିତ କରି ହଜାର ଥର ଦେବୀ ଧାମ ଗଲେ ବି କିଛି ଫଳ ମିଳିବ ନାହିଁ । ଆତ୍ମୀୟସ୍ୱଜନଙ୍କ ଅଧିକାର ଛଡ଼ାଇ ନେବା, ଅନ୍ୟାୟପୂର୍ବକ ଅନ୍ୟର ଭାଗ ହାତେଇନେବା ପରେ ଯଜ୍ଞ-ହୋମ କରିବାରେ କୌଣସି ଲାଭ ନାହିଁ । ଏପରି କରୁଥିବା ଲୋକ ଯଜ୍ଞ-ହୋମ, ପୂଜାପାଠ କଲେ, ତା'ର ଓଲଟା ଫଳ ପାଇପାରେ । ଏପରି ଲୋକ ଯାହାର ଅଧିକାର ଛଡ଼ାଇ ନେଇଥିବ ପୂଣ୍ୟ ଫଳ ତା'କୁ ହିଁ ମିଳିଯିବ ।

ଅନେକ ଲୋକ କହିଥାନ୍ତି, ବହୁତ ତୀର୍ଥଯାତ୍ରା କଲି, ଯଜ୍ଞ-ଅନୁଷ୍ଠାନ କଲି, କିନ୍ତୁ କିଛି ଲାଭ ମିଳିଲା ନାହିଁ । ଆରେ! ଫଳ ତ' ମିଳିସାରିଛି । ହେଲେ ତୁମକୁ ନୁହେଁ, ଯାହା ପ୍ରତି ତୁମେ ଅନ୍ୟାୟ କରିଛ, ତା'କୁ! ଅନ୍ୟ କୌଣସି ସମ୍ବଳ ଦ୍ୱାରା ଭଗବାନଙ୍କୁ ପ୍ରଭାବିତ କରିହେବ ନାହିଁ । କାରଣ ସେ ସବୁକିଛି ଜାଣନ୍ତି । ତୁମେ ତାଙ୍କୁ ପ୍ରଲୋଭିତ କରିପାରିବ କି? ଈଶ୍ୱରଙ୍କୁ ପାଇବାକୁ ହେଲେ କେବଳ ଉତ୍ତମ ଆଚରଣ କରିବାକୁ ପଡ଼ିବ, ପ୍ରଲୋଭନ ନୁହେଁ । ଗୋଟିଏ ଲୋଟା ଜଳ ହେଲେ ଭଗବାନ ଶଙ୍କରଙ୍କୁ ପ୍ରସନ୍ନ କରିହେବ । କୁଟିଳତାର ପରିଚୟ ଦେଉଥିବା ଲୋକଟି ଯଦି ଚାହେଁ ଯେ ସମସ୍ତେ ତା'କୁ ଭଲ ପାଆନ୍ତୁ ବୋଲି, ତାହା କିପରି ସମ୍ଭବ ହେବ?

ଯଜ୍ଞ-ଅନୁଷ୍ଠାନ ଏବଂ ଦାନ କରିବା ତ' ଠିକ୍ ଅଛି । ତେବେ ମନ୍ଦ ଉଦ୍ଦେଶ୍ୟ ନେଇ ଏସବୁ କରିବା ଅନୁଚିତ୍ । ପ୍ରେମ, ସହଯୋଗ, ସଦ୍ଭାବ, କରୁଣା ଆଦି ବାଣ୍ଟିଲେ, ପରିବାର ଏବଂ ସମାଜରେ ଅଧିକ ଖୁସି ମିଳିପାରିବ । ସମାଜରେ ବ୍ୟକ୍ତିର ସମ୍ମାନ ବୃଦ୍ଧି ପାଇବ । ଉତ୍ତମ ସଂସ୍କାର ପ୍ରତି ସମର୍ପଣ ଭାବ ନେଇ ପୂଜା-ପାଠ କରିବା ଉଚିତ୍ । ଚାକିରି, ଜମି-ବାଡ଼ି, ଝଗଡ଼ା, ମୋକଦ୍ଦମା ଆଦିରେ ବିଜୟ ହାସଲ କରିବା ଲାଗି ପୂଜାର୍ଚ୍ଚନା କରିବାରୁ କ'ଣ ଲାଭ ମିଳିବ? କେବଳ ସ୍ୱାର୍ଥ ହାସଲ ପାଇଁ ଏସବୁ କରିବା କ'ଣ ଉଚିତ୍? ମନ୍ଦିର ଯାଉଥିବା ସମୟରେ ଆହତ ବ୍ୟକ୍ତି ଦେଖିଲେ ଛାଡ଼ି ଦେଇ ଦିଅଁ ଦର୍ଶନ ପାଇଁ ଯିବା ହୃଦୟହୀନତା । ଅତଏବ୍ ନିଜ କାର୍ଯ୍ୟ, ଚିନ୍ତାଧାରା, ଚାଲିଚଳନକୁ ସତ୍‌ମାର୍ଗରେ ପରିଚାଳିତ କଲେ ଭଗବାନଙ୍କ କୃପା ଲାଭ ହୋଇଥାଏ । ସେଥିପାଇଁ ଧର୍ମାତ୍ମା ହେବାର ଆତ୍ମପ୍ରଚାର, ଆଡ଼ମ୍ବର ଆଦି ନକାରାତ୍ମକ ମାନସିକତାର ପରିଚାୟକ ବୋଲି ବିଦ୍ୱାନମାନେ କହିଛନ୍ତି ।

## ବିଷାକ୍ତ ଫୁଲକୁ ଜାଣିପାରେ ପ୍ରଜାପତି



ରଙ୍ଗବେରଙ୍ଗର ପ୍ରଜାପତି ମଧ୍ୟ ବିଷ ତତ୍ତ୍ୱକୁ ସହଜରେ ଚିହ୍ନଟ କରିପାରେ। ଫୁଲରୁ ଫୁଲକୁ ଉଡ଼ି ବସୁଥିବା ଏଇ ପ୍ରଜାପତିର ୬ଟି ଗୋଡ଼ ଥାଏ। ମନୁଷ୍ୟ ଓ ଅନ୍ୟାନ୍ୟ ପ୍ରାଣୀ ଜିଭରେ ସ୍ୱାଦ ଚାଖୁଥିବାବେଳେ ପ୍ରଜାପତି କୀଟଟି ଗୋଡ଼ରେ ସ୍ୱାଦକୁ ଜାଣିପାରେ। ଶୁଣିବାକୁ ବିଚିତ୍ର ଲାଗୁଥିଲେ ମଧ୍ୟ ବିଶେଷଜ୍ଞ ଦଳ ହିଁ ଏହାର ସତ୍ୟତା ପ୍ରମାଣ କରିଛନ୍ତି। ଗୋଡ଼ରେ ଥିବା ସ୍ୱାଦ ସେନ୍ସର୍ ସେମାନଙ୍କର କାମ କରିବା ସହ ବିଷାକ୍ତ ଫୁଲର ପାଖରେ ଉଡ଼ିଲେ ମଧ୍ୟ ଫୁଲର ତତ୍ତ୍ୱ ପ୍ରଜାପତିଟି ସହଜରେ ଜାଣିପାରେ। ଏକ ଅନୁଧ୍ୟାନରୁ ଜଣାପଡ଼ିଛି, ବିଶ୍ୱରେ ପ୍ରାୟ ୧ଲକ୍ଷ ୬୫ହଜାର ପ୍ରଜାତିର ପ୍ରଜାପତି ଦେଖାଯାନ୍ତି। କେତୋଟି ପ୍ରମୁଖ ସ୍ଥାନ ଅଛି, ଯେଉଁଠାରେ ଦିନରାତି ସଂଖ୍ୟାଧିକ ପ୍ରଜାପତି ଉଡ଼ିବୁଲୁଥାନ୍ତି।

■ ଦକ୍ଷିଣ ଆମେରିକାର ଏକ ଦେଶ ହେଉଛି କଲମ୍ବିଆ। ସେଠାରେ ଥିବା ଭିକ୍ଟୋରିଆ ବଟରଫ୍ଲାଏ ଗାର୍ଡେନରେ ୭୫ରୁ ଅଧିକ ପ୍ରଜାତିର ପ୍ରଜାପତି ଦେଖାଯାଉଥିବାବେଳେ ପର୍ଯ୍ୟଟକ ମଧ୍ୟ ନିୟମିତ ଆସିଥାନ୍ତି।

■ ଓଣ୍ଟାରିଓର ନାଏଗ୍ରା ଫଲ୍ସ ନିକଟରେ ଥିବା ବଟରଫ୍ଲାଏ ଗାର୍ଡେନରେ ୪୫ ପ୍ରଜାତିର ୨ହଜାର ପ୍ରଜାପତି ଅଛନ୍ତି। ଏକ କାଚ ଘରେ ପ୍ରଜାପତିମାନଙ୍କୁ ରଖାଯାଇଥିବାବେଳେ ପର୍ଯ୍ୟଟକ କାଚ ଝରକାରେ ଦେଖିବାର ବନ୍ଦୋବସ୍ତ ରହିଛି।

## ଘରେ କେଉଁ ବାସ୍ତୁ ଦ୍ରବ୍ୟ ରଖିଲେ ଶାନ୍ତି ମିଳିବ



ଘରେ ସର୍ବଦା ସୁଖଶାନ୍ତି ଭରି ରହିବା ପାଇଁ କିଛି ଉପାୟ ଅବଲମ୍ବନ କରନ୍ତୁ। ଯାହାଦ୍ୱାରା ଘରୁ ବାସ୍ତୁ ଦୋଷ ଦୂର ହୋଇ ପରିବାରରେ ସର୍ବଦା ସୁଖଶାନ୍ତି ଭରି ରହିବ।

ଚାନ୍ଦିର ହାତୀ : ଘରେ ଚାନ୍ଦିର ହାତୀ ରଖନ୍ତୁ । ଏହାଦ୍ୱାରା ଲକ୍ଷ୍ମୀଙ୍କ କୃପା ଦୃଷ୍ଟି ପଡ଼ିବ । ଏହାସହ ଛୋଟ ଚାନ୍ଦିର ହାତୀ ପକେଟ୍‌ରେ ରଖନ୍ତୁ।

ପିତ୍ତଳ ଓ ତମ୍ବା ବାସନ : ପିତ୍ତଳ ବାସନରେ ଖାଇଲେ ଓ ତମ୍ବା ବାସନରେ ପାଣି ପିଇବା ଦ୍ୱାରା ସ୍ୱାସ୍ଥ୍ୟରେ ଉନ୍ନତି ହୋଇଥାଏ । ଘରେ ପିତ୍ତଳ ବାସନ ରଖିବା ଦ୍ୱାରା ସକାରାତ୍ମକ ବାତାବରଣ ସୃଷ୍ଟି ହୋଇଥାଏ ।

ମହୁ : କାଚ କିମ୍ବା ମାଟିପାତ୍ରରେ ମହୁ ରଖିଲେ ଘରର ଶାନ୍ତି ବୃଦ୍ଧି ପାଏ ।

ଚାନ୍ଦି ଡବା : ଏକ ଚାନ୍ଦି ଡବାରେ ପାଣି ଭରି ଲକରରେ ରଖିଲେ ଧନ ବୃଦ୍ଧି ହୁଏ ।

ଚାନ୍ଦି ଓ ସୁନା କଏନ୍ : ଚାନ୍ଦିର କଏନ୍ ଲକରରେ ରଖନ୍ତୁ । ଏକ ହଳଦିଆ କପଡ଼ାରେ ସୁନା କଏନ୍ ବାନ୍ଧି ଲକରରେ ରଖନ୍ତୁ । ଘରେ ଶାନ୍ତି ବୃଦ୍ଧି ହେବ ।

ଭଗବାନ ହନୁମାନଙ୍କ ଚିତ୍ର : ଘରର ଦକ୍ଷିଣ କୋଣ କାନ୍ଥରେ ଲଗାନ୍ତୁ। ଏହାକୁ ପ୍ରତିଦିନ ପୂଜା କରନ୍ତୁ।

ହଳଦିଆ ରଙ୍ଗ : ଘରେ ହଳଦିଆ ରଙ୍ଗର ଯେକୌଣସି ବସ୍ତ୍ର ରଖନ୍ତୁ ପରିବାରରେ ଶାନ୍ତି ବୃଦ୍ଧି ପାଇବ।

କଳା ଗୁଡ଼ : ଘରେ କଳା ଗୁଡ଼ ରଖନ୍ତୁ । ବାହାରକୁ ଯିବା ସମୟରେ କିମ୍ବା ପରିବାରର ସମସ୍ତ ସଦସ୍ୟ ଗୁଡ଼ ଖାଆନ୍ତୁ । ଏହାଦ୍ୱାରା ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହୋଇଥାଏ ।

ତମ୍ବା କଏନ୍ : ଘରେ ତମ୍ବା କଏନ୍ ରଖନ୍ତୁ । ଧଳା କପଡ଼ାରେ ତମ୍ବା କଏନ୍ ବାନ୍ଧି ବେକରେ ଧାରଣ କଲେ ଶୁଭ ।

## ପକ୍ଷୀତୀର୍ଥ ବେଦଗିରି



ଭଗବାନ ଶିବଙ୍କ ଆଜ୍ଞାକ୍ରମେ ଥରେ ନନ୍ଦୀ ତିନୋଟି ପର୍ବତ ସୃଷ୍ଟି କଲେ। ଏଥିମଧ୍ୟରୁ ଗୋଟିଏ ଥିଲା ବେଦଗିରି । ବେଦଗିରି ଏକ କ୍ଷୁଦ୍ର ପାହାଡ଼ ଥିଲା । ଏବେ ଏହି ପାହାଡ଼ ପାଦଦେଶରେ ଏକ ସହର ରହିଛି, ଯାହାର ନାମ 'ତିରୁକ୍କୁଲୁକ୍କୁନ୍ନମ୍', ଅର୍ଥାତ୍ ପକ୍ଷୀ ତୀର୍ଥ । ତାମିଲନାଡୁର ରାଜଧାନୀ ଚେନ୍ନାଇ ଠାରୁ ୫୬କିମି ଦୂରରେ ଚେଙ୍ଗଲପଟନମ୍ ଷ୍ଟେସନ୍ ରହିଛି । ଏଠାରୁ ୧୪ କିମି ଦୂରତାରେ ରହିଛି ପକ୍ଷୀ ତୀର୍ଥ । ପକ୍ଷୀ ତୀର୍ଥ ଏବଂ ବେଦଗିରି ପର୍ବତ ଏକ ସମତଳ ସ୍ଥାନରେ ରହିଛି । ଏଠାରେ ଦିନ ୧୧ଟାରୁ ଦୁଇଟା ମଧ୍ୟରେ ବହୁ ସଂଖ୍ୟାରେ ପକ୍ଷୀଙ୍କୁ ଦେଖିବାକୁ ମିଳିଥାଏ । ଏହି ପକ୍ଷୀଗୁଡ଼ିକ କୈଳାସ ପର୍ବତରୁ ଆସିଥାନ୍ତି ବୋଲି ବିଶ୍ୱାସ ରହିଛି । ପକ୍ଷୀଙ୍କ ମଧ୍ୟରୁ ଅଧିକାଂଶ କାଉ ଥାଆନ୍ତି। ଏମାନଙ୍କ ବର୍ଣ୍ଣ ଘନ କଳା ହୋଇଥାଏ। ସ୍ଥାନୀୟ ଲୋକେ ଏହି ପକ୍ଷୀକୁ ଚମରଗିଦ୍ଧା, ମଲଗିଦ୍ଧା ନାମରେ ସମ୍ବୋଧନ କରିଥାନ୍ତି । ଉତ୍ତରଭାରତର ରାଜସ୍ଥାନରେ ସାଧାରଣତଃ ଏଭଳି ପକ୍ଷୀ ଅଧିକ ମାତ୍ରାରେ ଦେଖିବାକୁ ମିଳିଥାନ୍ତି । ଲୋକ ବିଶ୍ୱାସ ଅନୁଯାୟୀ, ଏକ ନିଛାଟିଆ ସ୍ଥାନରେ ଗୁମ୍ଫାଟିଏ ରହିଛି । ସେହି ଗୁମ୍ଫାରେ ଜଣେ ପଣ୍ଡିତ ଅଛନ୍ତି, ସେ ଏହି ପକ୍ଷୀସବୁକୁ ପାଳିଛନ୍ତି । ନିର୍ଦ୍ଦିଷ୍ଟ ସମୟରେ ସେ ପକ୍ଷୀ ଛାଡ଼ିଦେଇଥାନ୍ତି । ଭୋଜନ ଲୋଭରେ ପକ୍ଷୀଗୁଡ଼ିକ ବେଦଗିରି ନିକଟକୁ ଉଡ଼ିଆସନ୍ତି । ଏମାନଙ୍କ ଦ୍ୱାରା ବଳକା ରହିଥିବା ଭୋଜନ ତୀର୍ଥଯାତ୍ରୀ ପ୍ରସାଦ ରୂପରେ ଗ୍ରହଣ କରିଥାନ୍ତି । ସେଥିପାଇଁ ଏହି ତୀର୍ଥର ନାମ ପକ୍ଷୀତୀର୍ଥ ହୋଇଛି । ପକ୍ଷୀତୀର୍ଥ ନିକଟରେ ରହିଛି ରୁଦ୍ରକୋଟି ଶିବ ମନ୍ଦିର । ଏଠାରେ ଭଗବାନ ଶିବ ଏବଂ ମାତା ପାର୍ବତୀଙ୍କୁ ପୂଜା କରାଯାଇଥାଏ ।

ମା' ପାର୍ବତୀ ଏଠାରେ ଅଭିରାମନାୟକୀ ନାମରେ ପୂଜା ପାଉଛନ୍ତି । ମନ୍ଦିରରେ ଶଙ୍କରତୀର୍ଥ ନାମକ ସରୋବର ରହିଛି । ପୌରାଣିକ ମାନ୍ୟତା ଅନୁଯାୟୀ, ବୃହସ୍ପତି କନ୍ୟା ରାଶିରେ ପ୍ରବେଶ କଲେ ଏହି ସରୋବରରୁ ଏକ ଶଙ୍ଖ ଉତ୍ପନ୍ନ ହୋଇଥାଏ । ସେହିପରି ପକ୍ଷୀତୀର୍ଥ ନିକଟରେ ଥିବା ବେଦଗିରି ପର୍ବତ ଉପରେ ଏକ ଶିବ ମନ୍ଦିର ରହିଛି । ଏହି ଶିବମନ୍ଦିରରେ ସ୍ୱୟମ୍ଭୁ ଶିବଲିଙ୍ଗ ପୂଜା ପାଉଛନ୍ତି । ମହାଦେବଙ୍କୁ ଏଠାରେ ଶ୍ରୀବେଦଗିରିଶ୍ୱର ନାମରେ ପୂଜା କରାଯାଇଥାଏ । ୫୦୦ଟି ପାହାଚ ଚଢ଼ି ପର୍ବତ ଉପରକୁ ଗଲେ ସ୍ୱୟମ୍ଭୁ ଭଗବାନ ଶିବଙ୍କ ଦର୍ଶନ ମିଳିଥାଏ ।

## କର୍କଟ ରୋଗରୁ ଦୂରେଇ ରଖିଥାଏ କାଙ୍କଡ

ବର୍ଷା ଦିନରେ କାଙ୍କଡ ମିଳିଥାଏ। ଏହି ପରିବା ସ୍ୱାସ୍ଥ୍ୟ ପାଇଁ ବେଶ ଉପକାରୀ। ବର୍ଷା ଦିନେ ମିଳୁଥିବା ଏହି ପରିବାକୁ ନିଜ ଖାଦ୍ୟରେ ନିଶ୍ଚୟ ସାମିଲ କରନ୍ତୁ। ପୋଷକତତ୍ତ୍ୱ□ରେ ଭରପୁର କାଙ୍କଡ ଶରୀରକୁ ଅନେକ



ରୋଗରୁ ରକ୍ଷା କରିଥାଏ। ଏଥିରେ ଫାଇବର,ଭିଟାମିନ ବି ୬ ଆଦି ପର୍ଯ୍ୟାପ୍ତ ପରିମାଣରେ ରହିଛି। ଜାଣନ୍ତୁ କାଙ୍କଡ ଖାଇଲେ କି କି ଲାଭ ମିଳେ..

କାଙ୍କଡରେ ଭିଟାମିନ ସି ପର୍ଯ୍ୟାପ୍ତ ମାତ୍ରାରେ ରହିଛି। ଏହା ରୋଗ ପ୍ରତିରୋଧକ ଶକ୍ତିକୁ ମଜଭୂତ କରିବାରେ ସହାୟକ ହୋଇଥାଏ। ଫଳରେ ଶରୀରକୁ ବିଭିନ୍ନ ରୋଗରୁ ରକ୍ଷା କରିଥାଏ। ଏହି ପରିବାରେ ଫାଇବର, ଭିଟାମିନ୍ ବି୬ ଆଦି ପୋଷକତତ୍ତ୍ୱ ଭରପୁର ମାତ୍ରାରେ ରହିଛି ।ଏହି ପରିବାକୁ ନିଜ ଖାଦ୍ୟରେ ସାମିଲ କରିବା ଦ୍ୱାରା ପାଚନ ଜନିତ ସମସ୍ୟା ଦୂର ହୋଇଥାଏ। ଶରୀରରେ କୋଲେଷ୍ଟେରୋଲ୍ ମାତ୍ରା ନିୟନ୍ତ୍ରଣ ହୋଇ ରହିଥାଏ।

କାଙ୍କଡରେ ଆଣ୍ଟି-ଅକ୍ସିଡାଣ୍ଟ ରହିଛି। ଯାହା ତ୍ୱଚାକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ। ଏହା ବ୍ରଣ ଓ କୁଞ୍ଚନ ସମସ୍ୟାରୁ ରକ୍ଷା କରିଥାଏ।

ଯେଉଁ ମାନଙ୍କର ମଧୁମେହ ସମସ୍ୟା ରହିଛି,ସେମାନଙ୍କ ପାଇଁ କାଙ୍କଡ ବେଶ ଉପକାରୀ। ଏଥିରେ ଥିବା ଫାଇବର ରକ୍ତରେ ଶର୍କରାର ମାତ୍ରାକୁ ନିୟନ୍ତ୍ରଣ ରଖିଥାଏ। ମଧୁମେହ ରୋଗୀ ନିଜ ଖାଦ୍ୟରେ କାଙ୍କଡ ନିଶ୍ଚୟ ସାମିଲ କରନ୍ତୁ।

କାଙ୍କଡ ଓଜନ ହ୍ରାସ କରିବାରେ ବେଶ ସହାୟକ ହୋଇଥାଏ। ଏଥିରେ ଥିବା ଫାଇବର ଅଧିକ ସମୟ ଯାଏଁ ପେଟ ଭର୍ତ୍ତି କରି ରଖିଥାଏ। ଫଳରେ ବାରମ୍ବାର ଖାଦ୍ୟ ଖାଇବାକୁ ଇଚ୍ଛା ହୋଇନଥାଏ।

ନିୟମିତ ଭାବେ କାଙ୍କଡ ସେବନ କରିବା ଦ୍ୱାରା ଏଥିରେ ଥିବା ପୋଷକତତ୍ତ୍ୱ କର୍କଟ ରୋଗ ହେବାର ସମ୍ଭାବନାକୁ କମ୍ କରିଥାଏ।

# ଅଲିମ୍ପିକ୍ସରେ ଭାରତ-ପାକିସ୍ତାନ ମୁକାବିଲା ହେବନି !



ଇସଲାମାବାଦ,୯।୧୧(ଏଜେନସି): : ଅଲିମ୍ପିକ୍କୁ କ୍ରିକେଟ୍ ଫେରି ଆସିଛି ଲସ୍ ଆଞ୍ଜେଲସ୍‌ରେ ହେବାକୁ ଥିବା ୨୦୨୮ ଅଲିମ୍ପିକ୍ସରେ କ୍ରିକେଟର ରୋମାଞ୍ଚ ଦେଖିବାକୁ ମିଳିବ ଛଅଟି ପୁରୁଷ ଏବଂ ମହିଳା ଦଳ। ଏଥିରେ ଅଂଶଗ୍ରହଣ କରିବେ ଏହି ମେଗା ଇଭେଣ୍ଟରେ ଅଂଶଗ୍ରହଣ କରିବାର ପାକିସ୍ତାନର ସ୍ୱପ୍ନ ଭାଙ୍ଗି ଯାଇପାରେ ବୋଲି କୁହାଯାଉଛି ଲସ୍ ଆଞ୍ଜେଲସ୍ ୨୦୨୮ ଗେମ୍ସ ପାଇଁ ଛଅଟି ଅଂଶଗ୍ରହଣକାରୀ ଦଳକୁ କିପରି ଚୟନ କରାଯିବ ତାହା ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ ଚୂଡ଼ାନ୍ତ କରିଛି।

ଶୁକ୍ରବାର, ନଭେମ୍ବର ୭ ତାରିଖରେ ଦୁବାଇରେ ଏହାର ସଦ୍ୟତମ ବୋର୍ଡ ବୈଠକରେ, ବିଶ୍ କ୍ରିକେଟ ସଂସ୍ଥା ନିଶ୍ଚିତ କରିଛି ଯେ, ୧୯୦୦ ମସିହାରେ ପ୍ୟାରିସ ଅଲିମ୍ପିକ୍ସ ପରେ ପ୍ରଥମ ଥର ପାଇଁ ପୁରୁଷ ଏବଂ ମହିଳା ବର୍ଗରୁ ଛଅଟି ଦଳ ଏହି ଗେମ୍ସରେ ଅଂଶଗ୍ରହଣ କରିବେ। ଆଇସିସି ଟି୨୦ ରାଙ୍କିଂ ଉପରେ ଆଧାରିତ କେବଳ ଶ୍ରେଷ୍ଠ ଛଅଟି ଦଳ ପାଇଁ ପ୍ରାରମ୍ଭିକ ଧାରଣାକୁ ବାତିଲ କରାଯାଇଛି।ଏହି ବ୍ୟବସ୍ଥା ବ□ମାନ ପ୍ରତ୍ୟେକ ଅଞ୍ଚଳ/ମହାଦେଶର ଶ୍ରେଷ୍ଠ ଦଳ ଉପରେ ଆଧାରିତ ହେବ, ଷଷ୍ଠ ଦଳ ବିଶ୍ୱସ୍ତରୀୟ ଯୋଗ୍ୟତା ଅର୍ଜନ ମାଧ୍ୟମରେ ପ୍ରବେଶ କରିବ।

ଜଣେ ଆଇସିସି ଅଧିକାରୀ କହିଛନ୍ତି ଯେ, ଦଳ ଅଂଶଗ୍ରହଣ ସମ୍ପର୍କରେ ଆଲୋଚନା ହୋଇଛି, ଏବଂ ପ୍ରତ୍ୟେକ ଅଞ୍ଚଳ/ମହାଦେଶରୁ ଶୀର୍ଷ ସ୍ଥାନ ଅଧିକାର କରିଥିବା ଦଳ ଅଂଶଗ୍ରହଣ କରିବ ବୋଲି ନିଷ□ ନିଆଯାଇଛି, ଯେତେବେଳେ ଷଷ୍ଠ ଦଳ ବିଶ୍ୱସ୍ତରୀୟ ଯୋଗ୍ୟତା ପର୍ଯ୍ୟାୟରୁ ଆସିବ। ଆଇସିସି ଖୁବ୍‌ଶୀଘ୍ର ବିବରଣୀ ସେୟାର କରିବ, କିନ୍ତୁ ରୋଡମ୍ୟାପ୍ ପ୍ରାୟ ଚୂଡ଼ାନ୍ତ ହୋଇସାରିଛି। ଏହି ବ୍ୟବସ୍ଥାର ଅର୍ଥ ହେଉଛି ପ୍ରତ୍ୟେକ ଅଞ୍ଚଳ/ମହାଦେଶରୁ ଶ୍ରେଷ୍ଠ ଦଳ ଶ୍ରେଷ୍ଠ ପାଞ୍ଚଟି ଦଳ ମଧ୍ୟରେ ରହିବ।

ଏହାର ଅର୍ଥ ହେଉଛି ଯେ, ବ□ମାନର ରାଙ୍କିଂ ଆଧାରରେ, ଭାରତ ଏସିଆରୁ, ଅଷ୍ଟ୍ରେଲିଆ। ଓସେନିଆରୁ, ଇଂଲଣ୍ଡ ୟୁରୋପରୁ, ଦକ୍ଷିଣ ଆଫ୍ରିକାରୁ ଯୋଗ୍ୟତା ଅର୍ଜନ କରିବେ ଏବଂ ଏହା ଦେଖିବା ଆକର୍ଷଣୀୟ ହେବ ଯେ ଆମେରିକା, ସେମାନଙ୍କର ଆୟୋଜକ ଦାୟିତ୍ୱକୁ ଦୃଷ୍ଟିରେ ରଖି, ଆମେରିକାରୁ ଯୋଗ୍ୟତା ଅର୍ଜନ କରିବ କି ଷ୍ଟେଇଣ୍ଡିଜ୍ ସେହି ସ୍ଥାନ ଅଧିକାର କରିବ ବିଶ୍ କ୍ରିକେଟ ସଂସ୍ଥା ଦ୍ୱାରା ଗ୍ଲୋବାଲ୍ କ୍ୱାଲିଫାୟରର ବିବରଣୀ ଖୁବ୍ ଶୀଘ୍ର ସେୟାର କରାଯିବାର ସମ୍ଭାବନା ରହିଛି। ଭାରତ ଏବଂ ପାକିସ୍ତାନ ମଧ୍ୟରେ ମ୍ୟାଚ୍ ଲସ ଏଞ୍ଜେଲସ୍ ୨୦୨୮ ଅଲିମ୍ପିକ୍ସରେ ନ ହେବାର ମଧ୍ୟ ଏକ ବଡ଼ ସମ୍ଭାବନା ଅଛି।କାରଣ ଗ୍ଲୋବାଲ୍ କ୍ୱାଲିଫାୟରର ବିବରଣୀ ଏପର୍ଯ୍ୟନ୍ତ ଅଜଣା।ବୈଠକ ପରେ ଜାରି ଏକ ବିସ୍ତୃତ ବିବୃତିରେ, ଆଇସିସି ମହିଳା କ୍ରିକେଟର ସଫଳତା ଉପରେ ଆଲୋକପାତ କରିଛି ଏବଂ ୨୦୨୮ ଗେମ୍ସ ବିଷୟରେ ଏକ ଅପଡେଟ୍ ମଧ୍ୟ ପ୍ରଦାନ କରିଛି ଗଣମାଧ୍ୟମ ପ୍ରକାଶନରେ କୁହାଯାଇଛି ଯେ, ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି ଏବଂ ଲସ୍ ଆଞ୍ଜେଲସ୍ ୨୦୨୮ ଅଲିମ୍ପିକ୍ ଗେମ୍ସ (ଏଲଏ୨୮) ସହିତ ଆଇସିସିର ଚାଲିଥିବା ଆଲୋଚନା ସମୀକ୍ଷା କରିଛି କାରଣ କ୍ରିକେଟ ବିଶ୍ ମଲ୍ଟିସ୍ପୋର୍ଟ୍ସ ଲ୍ୟାଣ୍ଡସ୍କେପରେ ନିଜକୁ ପ୍ରତିଷ୍ଠିତ କରିଚାଲିଛି । ୨୦୨୮ ରେ ପୁରୁଷ ଏବଂ ମହିଳା ଟି-୨୦ ଉଭୟ ଇଭେଣ୍ଟରେ ଛଅଟି ଦଳ ସାମିଲ ହେବେ। ଏହି ମେଗା ଟୁର୍ଣ୍ଣାମେଣ୍ଟ ୧୨ ଜୁଲାଇ ୨୦୨୬ରୁ ଆରମ୍ଭ ହେବ ଏଥିରେ ମୋଟ ୨୮ ଟି ମ୍ୟାଚ୍ ଖେଳାଯିବ।

# ବିଦର୍ଭ ୨୮୬, ଓଡ଼ିଶାର ବ୍ୟାଟିଂ ବିପର୍ଯ୍ୟୟ



ଭୁବନେଶ୍ୱର,୯।୧୧: ଧ୍ରୁବ ସୋରେଙ୍କ ଅପରାଜିତ ଶତକ (୧୪୪) ବଳରେ ରଣଜୀ ଟ୍ରଫି ବିଜେତା ଘରୋଇ ବିଦର୍ଭ ୨୮୬ ରନ୍ କରିଥିବାବେଳେ ଓଡ଼ିଶା ଦ୍ୱିତୀୟ ଦିବସ ସୁଦ୍ଧା ୬ ୱିକେଟ ହରାଇ ୧୨୨ ରନ୍ କରିଛି। ଶୁଭ୍ରାଂଶୁ ସେନାପତି ୪୧, ଗୌରବ ଚୌଧୁରୀ ୨୪ ରନ୍, ସନ୍ଦୀପ ପଟ୍ଟନାୟକ ୧୬ ରନ୍, ସ୍ୱସ୍ତିକ ସାମଲ ୯ ରନ୍, ରାଜେଶ ଧୂପର ୮ ରନ୍, ଗୋବିନ୍ଦ ପୋଦ୍ଦାର ୧୭ ରନ୍ କରିଥିଲେ। ସମ୍ବିତ ବରାଳ ୨ ରନ୍ କରି ଅପରାଜି ରହିଛନ୍ତି। ବିଦର୍ଭ ପକ୍ଷରୁ ଗୋବିନ୍ଦ ୨ ୱିକେଟ ନେଇଥିବାବେଳେ ପାର୍ଥ, ନଚିକେତା, ପ୍ରଫୁଲ ଓ ୟାଶ ଗୋଟିଏ ଲେଖାଏଁ ୱିକେଟ ନେଇଛନ୍ତି।

ପ୍ରଥମ ଦିନ ବଡ଼ ବିପର୍ଯ୍ୟୟରୁ ବ□ଯାଇଥିଲା ବିଦର୍ଭ। ଓଡ଼ିଶା ବିପକ୍ଷ ଏହି ମ୍ୟାଚ୍‌ରେ ବିଦର୍ଭ ପ୍ରଥମ ଦିନର ସମ୍ପୂର୍ଣ୍ଣ ୯୦ ଓଭର ଖେଳି ୫ ୱିକେଟ୍ ବିନିମୟରେ ୨୩୪ ରନ୍ ସଂଗ୍ରହ କରିଥିଲା। ଆଜି ଆଉ ମାତ୍ର ୫୨ ରନ୍ କରି ବାକି ୫ ୱିକେଟ ହରାଇଥିଲା। ନାଇଟ୍‌ୱାଚ୍‌ମ୍ୟାନ୍ ନ ପଠାଇ ଅଧିନାୟକ ଅକ୍ଷୟ ୱାଡକର ୦ ଓ ଧ୍ରୁବ ସୋରେ ନିଜ ୧୪ତମ ପ୍ରଥମ ଶ୍ରେଣୀ ଶତକ ୧୨୮ ରନ୍ କରି ଅପରାଜିତ ଥିଲେ। ଆଜି ଆଉ ସେ ମାତ୍ର ୧୬ ରନ୍ କରି ଆଉଟ୍ ହୋଇଥିଲେ। ସେହିପରି ନଚିକେତ ୧୧ ରନ୍ କରିଥିଲେ।

ନାଗପୁରର ଜାମଥାସ୍ଥିତ ଭିସିଏ ଷ୍ଟାଡ଼ିୟମ୍‌ରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ଓଡ଼ିଶା ଅଧିନାୟକ ଶୁଭ୍ରାଂଶୁ ସେନାପତି ଟସ୍ ଜିତି କ୍ଷେତ୍ରରକ୍ଷଣ କରିଥିଲେ। ଓଡ଼ିଶା ମଧ୍ୟ ଦୁଇଟି ପରିବ□ନ ସହ ଏହି ମ୍ୟାଚ୍‌କୁ ଓହ୍ଲାଇଥିଲା। ୱିକେଟରକ୍ଷକ ସେରଭ ଗେଡ୍‌ଙ୍କ ବଦଳରେ ବାମହାତୀ ସ୍ପିନର୍ ଜାମଲା ଭଞ୍ଜନ ମହାପାତ୍ରଙ୍କୁ ସୁଯୋଗ ମିଳିଥିଲା। ବ୍ୟାଟର୍ ଭାବେ ଖେଳୁଥିବା ରାଜେଶ ଧୂପରଙ୍କୁ ୱିକେଟ୍‌ରକ୍ଷକ ଦାୟିତ୍ୱ ଦିଆଯାଇଛି।ସେହିଭଳି ଅନ୍ୟ ଏକ ପରିବ□ନ ଭାବେ ଦ୍ରୁତ ବୋଲର ତରଣୀ ସାଙ୍କ ବଦଳରେ ତାପସ ଦାସ ପୁଣି ଚୂଡ଼ାନ୍ତ ଏକାଦଶକୁ ନିଆଯାଇଛି। ଭିସିଏ ପିଚ୍‌ର ସବୁଜିମାକୁ ଦେଖି ଓଡ଼ିଶା ପ୍ରଥମେ ବୋଲିଂ କରିଥିବାବେଳେ ଦଳର ଦୁଇ ଓପନିଂ ବୋଲର ରାଜେଶ ମହାନ୍ତି ଓ ତାପସ ଦାସ ଚାମ୍ପିଅନ୍ ଦଳକୁ ହରଡ଼ ଘଣାରେ ପକାଇ ଦେଇଥିଲେ ଘରୋଇ ଦଳର ତିନି ଶୀର୍ଷକ୍ରମ ବ୍ୟାଟର୍ ଅମନ ମୋଖାଡେ(୦), ଅାଥର୍ବ ଟାଇଡେ(୧) ଓ ପାର୍ଥ ରେଖାଡେ(୨)ଙ୍କୁ ଦଳୀୟ ସ୍କୋର୍ ୬ ବେଳକୁ ପ୍ୟାଭିଲିଅନ୍ ଫେରାଇ ଦେଇଥିଲେ। ପ୍ରାରମ୍ଭିକ ଯୋଡ଼ି ଅମନ ଓ ଅଥର୍ବଙ୍କୁ ରାଜେଶ ମହାନ୍ତି ଆଉଟ୍ କରିଥିଲେ ଅମନଙ୍କ କ୍ୟାଚ୍ ପ୍ରଥମ ସ୍ଲିପ୍‌ରେ ସନ୍ଦୀପ ପଟ୍ଟନାୟକ ନେଇଥିଲେ । ଅର୍ଥବ ଏଲବିଡବ୍ଲ୍ୟୁ ହୋଇଯାଇଥିଲେ। ରେଖାଡେଙ୍କୁ କିନ୍ତୁ ତାପସ ବୋଲ୍ଡ କରି ଦେଇଥିଲେ। ଏହିସଙ୍କଟ ସମୟରେ ଏକାଠି ହୋଇ ଧ୍ରୁବ ସୋରେ ଏବଂ ରବିଶଙ୍କର ସମର୍ଥ ରକ୍ଷଣାତ୍ମକ କ୍ରିକେଟ୍‌ର ଶ୍ରେଷ୍ଠ ନମୁନା ଦେଖାଇଥିଲେ ବିଶେଷ କରି ସମର୍ଥ ତାଙ୍କ ଡିଫେନ୍ସର ଶ୍ରେଷ୍ଠ ସାମର୍ଥ୍ୟର ପରିପ୍ରକାଶ କରିଥିଲେ ପ୍ରଥମ ବଲ୍‌ରୁ ୧ ରନ୍ ସଂଗ୍ରହ କରିଥିଲେ ମଧ୍ୟ ଦ୍ୱିତୀୟ ରନ୍ ପାଇଁ ୫୧ ବଲ୍ ଖେଳିଥିଲେଲ ଠିକଣା ସ୍ଥାନରେ ବୋଲିଂ କରିବା ଏବଂ ସୁଇଂରୁ ଫାଇଦା ଉଠାଇ ରାଜେଶ ମହାନ୍ତି ଓ ତାପସ ଦାସ ଘରୋଇ ବ୍ୟାଟରଙ୍କୁ ଚାପରେ ରଖିଥିଲେ ମଧ୍ୟମଗତି ବୋଲର ସମ୍ବିତ ବରାଳ ଓ ସ୍ୱସ୍ତିକ ସାମଲ ବି ଭଲ ବୋଲିଂ କରି ଚାପ କାଏମ ରଖିଥିଲେ। ଫଳରେ ବିଦର୍ଭ ଏକଦା ୨୩ ଓଭରରେ ୨୩ ରନ୍ ସଂଗ୍ରହ କରି ସଂଘର୍ଷ କରିଥିଲା। ମଧ୍ୟାହ୍ନ ଭୋଜନ ପୂର୍ବରୁ ଓଡ଼ିଶା ସ୍ପିନରଙ୍କୁ ଲଗାଇବା କିନ୍ତୁ କିଛି ମାତ୍ରାରେ ସୋରେ ଓ ସମର୍ଥଙ୍କ ଉପରୁ ଚାପ ହଟାଇଥିଲା ବାଦଲ ବିଶ୍ୱାଳଙ୍କଠାରୁ ପାଳିର ପ୍ରଥମ ଚେକା ମାରିବା ଏବଂ ଜାମଲା ଭଞ୍ଜନଙ୍କ ପ୍ରଥମ ଓଭରରୁ ୧୩ ରନ୍ ଆଦାୟ କରିଥିଲେ ଫଳରେ ମଧ୍ୟାହ୍ନ ଭୋଜନ ବିରତି ବେଳକୁ ବିଦର୍ଭ ଆଉ କୌଣସି ୱିକେଟ୍ ନହରାଇ ୩୪ ଓଭର ଖେଳରେ ୫୫ ରନ୍ କରିଥିଲା।

# ଡିସେମ୍ବର ୧୫ରେ ଆଇପିଏଲ୍ ମିନି ନିଲାମ

**ନୂଆଦିଲ୍ଲୀ,୯।୧୧:** ଇଣ୍ଡିଆନ୍ ପ୍ରିମିୟର ଲିଗ୍ ୨୦୨୬ ସିଜିନ୍ ପାଇଁ ଖେଳାଳିଙ୍କ ମିନି-ନିଲାମ ଚଳିତ ବର୍ଷ ଡିସେମ୍ବର ମାସରେ ଅନୁଷ୍ଠିତ ହେବାର ସମ୍ଭାବନା ରହିଛି ଟାଇମ୍ସ ଅଫ୍ ଇଣ୍ଡିଆର ଏକ ରିପୋର୍ଟ ଅନୁଯାୟୀ, ଆଇପିଏଲ୍ ୨୦୨୬ର ମିନି-ନିଲାମ ପାଇଁ ଡିସେମ୍ବର ୧୫ ତାରିଖ ସ୍ଥିର କରାଯାଇଛି। ପୂର୍ବରୁ ଏହି ନିଲାମ ଉପସାଗରୀୟ ଅଞ୍ଚଳରେ ହେବାର ଗୁଜବ ଥିବାବେଳେ, ବ□ମାନ ଏହା ଭାରତରେ ହିଁ ହେବାର ସମ୍ଭାବନା ଅଧିକ ରହିଛି। ତେବେ ଏନେଇ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ ପକ୍ଷରୁ କୌଣସି ଆଧିକାରିକ ଘୋଷଣା କରାଯାଇନାହିଁ। ୨୦୨୨ ପରେ ଏହା ପ୍ରଥମ ଥର ପାଇଁ ଭାରତରେ ନିଲାମ ହେବ।

ସମସ୍ତ ୧୦ଟି ଆଇପିଏଲ୍ ଫ୍ରାଞ୍ଚାଇଜ୍ ପାଇଁ ଖେଳାଳି ଧାରଣ ତାଲିକା ଦାଖଲ କରିବାର ଶେଷ ତାରିଖ ନଭେମ୍ବର ୧୫ ରହିଛି।ଚେନ୍ନାଇ ସୁପର କିଙ୍ଗସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କାଶୀ ବିଶ୍ୱନାଥନ୍ ସୂଚନା ଦେଇଛନ୍ତି ଯେ ଅଧିନାୟକ ଏମଏସ୍ ଧୋନି ଆଇପିଏଲ୍ ୨୦୨୬ରେ ଖେଳିବା ପାଇଁ ଉପଲବ୍ଧ ଅଛନ୍ତି। ସେ କହିଛନ୍ତି, ଏମଏସ୍ ଆମକୁ କହିଛନ୍ତି ଯେ ସେ ଆସନ୍ତା ସିଜିନ୍ ପାଇଁ ଉପଲବ୍ଧ ରହିବେ।

ଧୋନିଙ୍କ ଖେଳିବା ଖବର ସହ ସଞ୍ଜୁ ସାମସନଙ୍କୁ ଟ୍ରେଡ୍ କରି ସିଏସ୍‌କେକୁ ଆଣିବା ନେଇ ପୁଣି ଥରେ ଚର୍ଚ୍ଚା ଜୋର୍ ଧରିଛି। ଏହା ବ୍ୟତୀତ, ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ମାଲିକ ଡିଆଜିଓ ୨୦୨୬ ସିଜିନ ପୂର୍ବରୁ ଫ୍ରାଞ୍ଚାଇଜ୍‌କୁ ବିକ୍ରି କରିବା ପାଇଁ ରଣନୀତିକ ସମୀକ୍ଷା ଆରମ୍ଭ କରିଛି। କମ୍ପାନୀ ଏହି କ୍ରିକେଟ୍ ବ୍ୟବସାୟକୁ ଏହାର ମୂଳ ମଦ୍ୟପାନ କାରବାର ବାହାରେ ରଖିଛି।

# ପୁଅକୁ ନେଇ ସଂସଦରେ ରାଗିଯାଇଥିଲେ ଲାଲୁ





ନୂଆଦିଲ୍ଲୀ,୯।୧୧: ବିହାରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଏବଂ ରାଷ୍ଟ୍ରୀୟ ଜନତା ଦଳର ନେତା ତେଜସ୍ୱୀ ଯାଦବଙ୍କ ଜନ୍ମଦିନ। ତେଜସ୍ୱୀ ଯାଦବ ୩୬ ବର୍ଷ ବୟସରେ ପାଦ ଦେଇଛନ୍ତି। ସେ ବିହାର ବିଧାନସଭା ନିର୍ବାଚନ ପାଇଁ ବହୁତ ବ୍ୟସ୍ତ ଅଛନ୍ତି। ରାଜନେତା ହେବା ପୂର୍ବରୁ ସେ କ୍ରିକେଟରେ ମଧ୍ୟ କ୍ୟାରିୟର କରୁଥିଲେ ତେଜସ୍ୱୀ ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ରେ ଦିଲ୍ଲୀ ଡେୟାରଡେଭିଲ୍ସ (ବ□ମାନ ଦିଲ୍ଲୀ କ୍ୟାପିଟାଲ୍ସ) ପାଇଁ ଖେଳିଥିଲେ। ତେଜସ୍ୱୀ ୨୦୦୮, ୨୦୦୯, ୨୦୧୧ ଏବଂ ୨୦୧୨ ଆଇପିଏଲ ସିଜିନରେ ଦଳର ଅଂଶ ଥିଲେ। କିନ୍ତୁ, ସେ ଗୋଟିଏ ବି ଆଇପିଏଲ ମ୍ୟାଚ୍ ଖେଳିପାରି ନଥିଲେ। ତେବେ ଆଜି ଆମେ ଆପଣଙ୍କୁ କହିବୁ ଯେ ତେଜସ୍ୱୀଙ୍କ କ୍ରିକେଟ କ୍ୟାରିୟରକୁ ନେଇ ବାପା ଲାଲୁ ଯାଦବ କେତେ କ୍ଷୁବ୍ଧ ହୋଇପଡିଥିଲେ ଓ ସଂସଦରେ ଏନେଇ କଡ଼ା ବିବୃ□ ରଖିଥିଲେ । ବାସ୍ତବରେ ୨୦୧୨ ମସିହାରେ, ଲୋକସଭାରେ ଏକ ହଙ୍ଗାମା ହୋଇଥିଲା ଆଇପିଏଲରେ ତାଙ୍କ ପୁଅ ତେଜସ୍ୱୀ ଯାଦବ ପାଣି ଦେଉଥିବା ଭୂମିକାକୁ ନେଇ ବିରୋଧୀ ସାଂସଦମାନେ ଲାଲୁ ପ୍ରସାଦ ଯାଦବଙ୍କୁ ସମାଲୋଚନା କରିଥିଲେ। ପ୍ରକୃତରେ, ତେଜସ୍ୱୀ ଯାଦବ ୨୦୦୮ ରୁ ୨୦୧୨ ପର୍ଯ୍ୟନ୍ତ ଦିଲ୍ଲୀ ଡେୟାରଡେଭିଲ୍ସ (ବ□ମାନ ଦିଲ୍ଲୀ କ୍ୟାପିଟାଲ୍ସ) ଦଳର ଅଂଶ ଥିଲେ, କିନ୍ତୁ ଗୋଟିଏ ବି ମ୍ୟାଚ୍ ଖେଳିପାରି ନଥିଲେ ।୨୦୧୨ ସିଜିନରେ, ତାଙ୍କୁ ଡଗ୍ ଆଉଟରେ ପାଣି ବୋତଲ ଧରିଥିବାର ଦେଖାଯାଇଥିଲା ଏହାକୁ ନେଇ ବିରୋଧୀ ସାଂସଦମାନେ ଲାଲୁଙ୍କୁ ବ୍ୟଙ୍ଗାତ୍ମକ ଭାବରେ ସମାଲୋଚନା କରୁଥିଲେ।

ଏହା ଉପରେ ବିବୃ□ ରଖି ଲାଲୁ ଯାଦବ ସଂସଦରେ କହିଥିଲେ, ଶୁଣ, ମୋ ପୁଅ, ବିହାରର ଜଣେ ଗାଁ ପୁଅକୁ ଜୁନିଅର ଆଇପିଏଲରେ ସାମିଲ କରାଯାଇଥିଲା... ମୁଁ ମ୍ୟାଚ୍ ଦେଖିବାକୁ ଯାଇଥିଲି। ଭାବିଥିଲି ଯେ ମୋ ପୁଅ ମଧ୍ୟ ଖେଳିବ ସେ ତା'ର ୟୁନିଫର୍ମ ପିନ୍ଧିଥିଲା, ଏବଂ ଆମେ ଦେଖିଲୁ ଯେ କିପରି ମୋ ପୁଅ ବ୍ୟତୀତ ନୂତନ ପିଲାମାନେ ପ୍ରତ୍ୟେକ ଥର ଓଭର ଶେଷ ହେବା ପରେ ପଡ଼ିଆକୁ ଦୌଡୁଥିଲେ ମୋ ପୁଅ ଗାମୁଛା ଏବଂ ପାଣି ନେଇ ପଡ଼ିଆକୁ ଦୌଡୁଥିଲା ସେମାନଙ୍କ (ଖେଳାଳିମାନଙ୍କର) ଝାଳ ପୋଛିବା ପାଇଁ... ତା'ପରେ ମୁଁ ଏତେ ଆଶ୍ଚର୍ଯ୍ୟ ହୋଇଗଲି ଯେ ମୋ ପୁଅ ଏମିତି କରିବ... ଏହା ଆମର ସ୍ଥିତି ହୋଇଗଲାଣି...ଦୁଇ ବର୍ଷ ଧରି, ନୂତନ ପିଲାମାନେ, ଖେଳାଳିମାନଙ୍କ ଗାମୁଛାରେ ମୁହଁ ପୋଛି ବସିବାକୁ ଦୌଡୁଛନ୍ତି। ଏହା ସମ୍ପୂର୍ଣ୍ଣ ଜୁଆ। ଏହାକୁ ବନ୍ଦ କର ଏବଂ ଏକ ସଂସଦୀୟ କମିଟି ଗଠନ କର।

ଏହା ପରେ ତେଜସ୍ୱୀ କ୍ରିକେଟ ଦୁନିଆକୁ ବିଦାୟ ଦେଇ ଚାଲିଆସିଥିଲେ ଓ ରାଜନୀତିରେ ପାଦ ଥାପିଥିଲେ ଧୀରେ ଧୀରେ ତାଙ୍କର ଦବଦବା ବଢ଼ିଥିଲା। ଆଉ ଏଥର ସିଏ ମହାମେଣ୍ଟର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ବିହାର ବିଧାନସଭା ନିର୍ବାଚନରେ ଅବତୀର୍ଣ୍ଣ ହୋଇଛନ୍ତି ।

# ଦଳରୁ ପଡ଼ିଲେ ବାଦ୍ ମିଚେଲ ମାର୍ଶ



ନୂଆଦିଲ୍ଲୀ,୭।୧୧: ଇଂଲଣ୍ଡ ବିପକ୍ଷ ଆସେସ ସିରିଜର ପ୍ରଥମ ଟେଷ୍ଟ ପାଇଁ ଅଷ୍ଟ୍ରେଲିଆର ଦଳ ଘୋଷଣା କରାଯାଇଛି। ପ୍ରଥମ ଟେଷ୍ଟ ନଭେମ୍ବର ୨୧ ତାରିଖରେ ପର୍ଥରେ ଖେଳାଯିବ। ପ୍ୟାଟ କମିନ୍ସଙ୍କ ଆଘାତ ଯୋଗୁ ଅଭିଜ୍ଞ ବ୍ୟାଟ୍ସମ୍ୟାନ ଷ୍ଟିଭ ସ୍ମିଥଙ୍କୁ ଦଳର ଅଧିନାୟକ ନିଯୁକ୍ତ କରାଯାଇଛି। ଦିନିକିଆ। ଏବଂ ଟି୨୦ ଅଧିନାୟକ ମିଚେଲ ମାର୍ଶଙ୍କୁ ଦଳରୁ ବାଦ ଦିଆଯାଇଛି। ଗତ ମାସରେ ମାର୍ଶ ପର୍ଥ ଟେଷ୍ଟ ସମୟରେ ବିୟର ପିଇବା ସ୍ୱୀକାର କରି ସମସ୍ତଙ୍କୁ ଚକିତ କରିଥିଲେ। ଏହି ସ୍ୱୀକାରୋକ୍ତି ତାଙ୍କ ଉପରେ ଓଲଟା ପ୍ରଭାବ ପକାଇଥିଲା ଏବଂ ହୁଏତ ସେଥିପାଇଁ ତାଙ୍କୁ ଦଳରେ ସାମିଲ କରାଯାଇ ନାହିଁ।ମୁଖ୍ୟ ଚୟନକର୍ତ୍ତା ଜର୍ଜ ବେଲି ମଧ୍ୟ ଏହି ବିଷୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୟାନ ଦେଇଛନ୍ତି। ଅଷ୍ଟ୍ରେଲିଆର ମୁଖ୍ୟ ଚୟନକର୍ତ୍ତା ଜର୍ଜ ବେଲି, ପ୍ରଥମ ଆସେସ ଟେଷ୍ଟ ପାଇଁ ମିଚେଲ ମାର୍ଶଙ୍କୁ ଅଷ୍ଟ୍ରେଲିଆ। ଦଳରୁ ବାଦ ଦେବାର କାରଣ ବ୍ୟାଖ୍ୟା କରିଛନ୍ତି। ସେ କହିଛନ୍ତି, ଆମେ ନିକଟକୁ ଯାଇଥିଲୁ ଏବଂ ସେଠାରେ ସମସ୍ୟା ଥିଲା ଯେ ସେମାନେ ଅମ୍ପାୟାରମାନଙ୍କୁ ପଡ଼ିଆରେ ବ୍ରେଥଆଲାଇଜର ବହନ କରିବାକୁ ଅନୁମତି ଦିଅନ୍ତି ନାହିଁ। ଯଦି ସେ ପ୍ରଥମ ବଲ ବୋଲିଂ କରିବା ପର୍ଯ୍ୟନ୍ତ ଛଅଟି ବିୟର ପିଇ ଥାଆନ୍ତି, ତେବେ ଏହା ଏକ କଷ୍ଟକର ପରିସ୍ଥିତି ହେବ। ଗତ ମାସରେ, ଏକ ସାକ୍ଷାତକାର ସମୟରେ, ମିଚେଲ ମାର୍ଶଆସେସରେ ଖେଳିବା ବିଷୟରେ ମଜାରେ କହିଥିଲେ, ପର୍ଥ ଟେଷ୍ଟର ପ୍ରଥମ ଦିନ ମଧ୍ୟାହ୍ନ ଭୋଜନ ସୁଦ୍ଧା ମୁଁ ଛଅଟି ବିୟର ପିଇ ସାରିଥିବି। କିନ୍ତୁ ମୁଁ ଆଉ କେବେ ଟେଷ୍ଟ କ୍ରିକେଟ ଖେଳିବାକୁ ମନା କରିବି ନାହିଁ। ଭିଡିଓଟି ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା ମାର୍ଶ ଶେଷ ଥର ପାଇଁ ଡିସେମ୍ବର ୨୦୨୪ରେ ଟିମ ଇଣ୍ଡିଆ। ବିପକ୍ଷରେ ଏକ ଟେଷ୍ଟ ମ୍ୟାଚ ଖେଳିଥିଲେ। ସେବେଠାରୁ ତାଙ୍କୁ ଏହି ଫର୍ମାଟରେ ଖେଳିବାର ସୁଯୋଗ ମିଳିନାହିଁ।

# ଲଗାତାର ୮ ଛକା ମାରି ବିଶ୍ୱ ରେକର୍ଡ



ନୂଆଦିଲ୍ଲୀ,୯।୧୧: ଲଗାତାର ୮ ବଲ୍‌ରେ ୮ ଛକା। ୧୧ ବଲ୍‌ରେ ପୂରଣ କଲେ ଅର୍ଦ୍ଧଶତକ । କ୍ରିକେଟ ଇତିହାସରେ ସୃଷ୍ଟି ହେଲା ନୂଆ ରେକର୍ଡ। ମେଘାଳୟର ଯୁବ ବ୍ୟାଟର ଆକାଶ କୁମାର ରଚିଛନ୍ତି ଏଭଳି କୀର୍ତ୍ତିମାନ। ୧୧ ବଲ୍‌ରେ ୫୦ ରନ୍ କରି ଫାଷ୍ଟ କ୍ଲାସ କ୍ରିକେଟ୍‌ରେ ସବୁଠାରୁ ଦ୍ରୁତ ବ୍ୟାଟର ହେବାର ରେକର୍ଡ ସୃଷ୍ଟି କରିଛନ୍ତି ଆକାଶ। ରଣଜୀ ଟ୍ରଫି ପ୍ଲେଟ୍ ଗ୍ରୁପ୍ ମ୍ୟାଚ୍‌ରେ ଅରୁଣାଚଳ ପ୍ରଦେଶ ବିପକ୍ଷରେ ଆକାଶଙ୍କ ବିସ୍ଫୋରକ ଇନିଂସ ସମସ୍ତଙ୍କୁ ଚକିତ କରିଛି। ସେ ଇଂଲଣ୍ଡର ଭେନ୍ ହ୍ୱାଇଟଙ୍କ ୧୨ ବଲରେ ଅର୍ଦ୍ଧଶତକ କରିବାର ରେକର୍ଡକୁ ଭାଙ୍ଗି ଦେଇଛନ୍ତି। ଯିଏକି ୨୦୧୨ରେ ଲିସେଷ୍ଟରଶାୟର ପାଇଁ କରିଥିଲେ।ଆକାଶ ଯେତେବେଳେ ୮ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିଲେ, ସେତେବେଳେ ମେଘାଳୟ ଟିମ୍ ୫୭୬ ରନ୍ କରିସାରିଥିଲା। ସେତେବେଳେ ୬ ୱିକେଟ୍ ମଧ୍ୟ ଟିମ୍ ହରାଇ ସାରିଥିଲା। କିନ୍ତୁ ଆକାଶ ଆସିବା ମାତ୍ରେ ନିଜର ଦମଦାର ବ୍ୟାଟିଂ ଦେଖାଇବା ଆରମ୍ଭ କରିଦେଇଥିଲେ। କିଛି ଓଭରରେ ଅରୁଣଚଳ ପ୍ରଦେଶର ବୋଲରଙ୍କ ବଲରେ କରିଥିଲେ ଧୁଆଁଧାର ବ୍ୟାଟିଂ। ସେ ଲଗାତାର ୮ଟି ଛକା ମାରିଥିଲେ। ତା ଭିତରୁ ଗୋଟିଏ ଓଭରରେ କେବଳ ୬ଟି ଛକା ସେ ଲିମର ଡାବିଙ୍କ ବଲ୍‌ରେ ମାରିଥିଲେ। ଏଭଳି ଦୃଶ୍ୟ ଟି-୨୦ ମ୍ୟାଚ୍‌ରେ ମଧ୍ୟ ଖୁବ୍ ବିରଳ ହୋଇଥାଏ। ଆକାଶ ଇନିଂସ ଶେଷ ପର୍ଯ୍ୟନ୍ତ ୧୪ ବଲ୍‌ରେ ୫୦ ରନ୍ କରି ଅପରାଜିତ ଥିଲେ। ତାଙ୍କ ଏହି ବିସ୍ଫୋରକ ବ୍ୟାଟିଂ ପରେ ମେଘାଳୟ ୬ ୱିକେଟ ହରାଇ ୬୨୮ ରନରେ ଇନିଂସ ଘୋଷଣା କରିଥିଲା।

ଏହା କେବଳ ରଣଜୀ ଟ୍ରଫିର ରେକର୍ଡ ନୁହେଁ, ବଂର ଫାଷ୍ଟ କ୍ଲାସ କ୍ରିକେଟର ପୁରା ଇତିହାସରେ ସବୁଠାରୁ ଦ୍ରୁତତମ ଅର୍ଦ୍ଧଶତକ। ଏହା ଘରୋଇ ଓ ଅନ୍ତର୍ଜାତୀୟ ସ୍ତରର ଦଶକ ପୁରୁଣା ରେକର୍ଡକୁ ପଛାଇ ଦେଇଛି। ଭାରତୀୟଙ୍କ ଭିତରେ ଏହି ରେକର୍ଡ ବନ୍ଦୀପ ସିଂହଙ୍କ ନାମରେ ଥିଲା, ଯିଏକି ଜମ୍ମୁ - କାଶ୍ମୀର ପାଇଁ ୧୫ ବଲରେ ଅର୍ଦ୍ଧଶତକ କରିଥିଲେ। ଆକାଶଙ୍କ ଏହି ବିସ୍ଫୋରକ ବ୍ୟାଟିଂ ଏପରି ଏକ ସମୟରେ ଦେଖିବାକୁ ମିଳିଛି, ଯେତେବେଳେ ରଣଜୀ ଟ୍ରଫିର ପ୍ଲେଟ୍ ଗ୍ରୁପ୍ ଅସାଧାରଣ ରେକର୍ଡ ସୃଷ୍ଟି କରୁଛି । ବିହାରର ବୈଭବ ସୂର୍ଯ୍ୟବଂଶୀ ସର୍ବକନିଷ୍ଠ ରଣଜୀ ଖେଳାଳି ହେବାଠାରୁ ଆରମ୍ଭ କରି ଗୋଆର କଶ୍ୟପ ବାକଲେ ଏବଂ ସ୍ନେହଲ କୌଥାଙ୍କରଙ୍କ ମଧ୍ୟରେ ୬୦୬ ରନ୍ ପାର୍ଟନରସିପ୍ । ଏବେ ଆକାଶଙ୍କ ୧୧ ବଲରେ ୫୦ ରନ୍ କରି ଫାଷ୍ଟକ୍ଲାସ କ୍ରିକେଟରେ ବିଶ୍ୱରେକର୍ଡ ସୃଷ୍ଟି କରିଛନ୍ତି। ତେବେ ଆସନ୍ତୁ ଜାଣିବା ଆକାଶ କୁମାର କିଏ ଓ ତାଙ୍କର କିଭଳି ରହିଛି କ୍ରିକେଟ କ୍ୟାରିୟର ।

# ରାଜସ୍ଥାନର ଦାବି ଶୁଣି ମୁଣ୍ଡରେ ହାତ ଦେଲା ସିଏସକେ !

ନୂଆଦିଲ୍ଲୀ,୯।୧୧: ଆଇପିଏଲ ୨୦୨୬ରେ ସଞ୍ଜୁ ସାମସନ କେଉଁ ଦଳ ପାଇଁ ଖେଳିବେ ତାହା ଏକ ପ୍ରମୁଖ ପ୍ରଶ୍ନ ହୋଇ ରହିଛି। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଚେନ୍ନାଇ ସୁପର କିଙ୍ଗସ୍ ଏବଂ ରାଜସ୍ଥାନ ରୟାଲ୍ସ ମଧ୍ୟରେ ସାମସନଙ୍କୁ ନେଇ ଏକ ଚୁକ୍ତି ପ୍ରାୟ ଚୂଡ଼ାନ୍ତ ହୋଇସାରିଛି। ସାମସନଙ୍କ ସ୍ଥାନରେ ରବିନ୍ଦ୍ର ଜାଡେଜାଙ୍କୁ ରାଜସ୍ଥାନ ରୟାଲ୍ସକୁ ବିନିମୟ କରାଯିବ ବୋଲି ଅନୁମାନ ସମ୍ପ୍ରତି ଜୋର ଧରିଥିଲା ବ□ମାନ, ଖବର ଆସିଛି ଯେ ଆରଆର ମ୍ୟାନେଜମେଣ୍ଟ ସାମସନଙ୍କ ସ୍ଥାନରେ କେବଳ ଜଣେ ଖେଳାଳିଙ୍କୁ ଅଦଳବଦଳ କରିବାରେ ଖୁସି ନୁହେଁ। କ୍ରିକବଜରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ, ଗତ ସିଜନରେ ସଞ୍ଜୁ ସାମସନ ଏବଂ ରବିନ୍ଦ୍ର ଜାଡେଜାଙ୍କୁ ଯଥାକ୍ରମେ ରାଜସ୍ଥାନ ଏବଂ ଚେନ୍ନାଇ ଦ୍ୱାରା ୧୮ କୋଟି ଟଙ୍କାରେ ବଜାୟ ରଖାଯାଇଥିଲା। ଏହି ଚୁକ୍ତି ବ□ମାନ ସୁଦ୍ଧା ଚୂଡ଼ାନ୍ତ ହେବା ଉଚିତ ଥିଲା, କିନ୍ତୁ ରାଜସ୍ଥାନ ରୟାଲ୍ସ ମ୍ୟାନେଜମେଣ୍ଟ ସିଧାସଳଖ ଖେଳାଳିମାନଙ୍କୁ ଅଦଳବଦଳ କରିବାକୁ ପ୍ରସ୍ତୁତ ନୁହେଁ ରାଜସ୍ଥାନ ଚାହୁଁଛି ଯେ ସିଏସକେ ସାମସନଙ୍କ ବଦଳରେ ରବିନ୍ଦ୍ର ଜାଡେଜା ଏବଂ ଅନ୍ୟ ଜଣେ ଖେଳାଳିଙ୍କୁ ଅଦଳବଦଳ କରୁ।

ରାଜସ୍ଥାନ ମ୍ୟାନେଜମେଣ୍ଟ ଚାହୁଁଛି ଯେ ସଞ୍ଜୁ ସାମସନଙ୍କ ବଦଳରେ ରବିନ୍ଦ୍ର ଜାଡେଜା ଏବଂ ଡୋଲ୍ଡ ବ୍ରେଭିସଙ୍କୁ ଦିଆଯାଉ ଦକ୍ଷିଣ ଆଫ୍ରିକୀୟ ଭୟଙ୍କର ବ୍ୟାଟସମ୍ୟାନ୍ ବ୍ରେଭିସ୍ ଗତ ବର୍ଷ ହିଁ ଚେନ୍ନାଇ ସୁପର କିଙ୍ଗସ୍‌ରେ ଯୋଗ ଦେଇଥିଲେ। ଅନ୍ୟପକ୍ଷରେ, ସିଏସକେ ଅଧିକାରୀମାନେ କେବଳ ଜାଡେଜାକୁ ଅଦଳବଦଳ କରିବାକୁ ଚାହାଁନ୍ତି, ଏବଂ ଜାଡେଜା ସହିତ ଅନ୍ୟ ଜଣେ ଖେଳାଳିଙ୍କୁ ବାଣିଜ୍ୟ କରିବା ବିଷୟରେ, ସିଏସକେ ବିଶେଷ ଭାବରେ ବ୍ରେଭିସଙ୍କୁ ଦେବାକୁ ଚାହୁଁନାହିଁ।

ରିପୋର୍ଟ ଅନୁସାରେ, ଆରଆର ଫ୍ରାଞ୍ଚାଇଜ୍ ଅଧିକାରୀମାନେ ଅନ୍ୟ ଅନେକ ଦଳ ସହିତ ମଧ୍ୟ ଯୋଗାଯୋଗ କରିଛନ୍ତି। ଏହି ଦଳଗୁଡ଼ିକ ମଧ୍ୟରେ ସନରାଇଜର୍ସ ହାଇଦ୍ରାବାଦ, ଦିଲ୍ଲୀ କ୍ୟାପିଟାଲ୍ସ, କୋଲକାତା ନାଇଟ୍ ରାଇଡର୍ସ ଏବଂ ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ଅନ୍ତର୍ଭୁକ୍ତ।

ଉଲ୍ଲେଖ ଥାଉ କି ଜାଡେଜା ଆଇପିଏଲ ଇତିହାସର ସବୁଠାରୁ ସଫଳ ଏବଂ କିମ୍ବଦନ୍ତୀ ଅଲରାଉଣ୍ଡରଙ୍କ ମଧ୍ୟରୁ ଜଣେ ଜାଡେଜା ତାଙ୍କ ଆଇପିଏଲ କ୍ୟାରିୟରରେ ୩୨୬୦ ରନ କରିଛନ୍ତି ଏବଂ ୧୭୦ ୱିକେଟ୍ ନେଇଛନ୍ତି। ଅନ୍ୟପକ୍ଷରେ, ସନରାଇଜର୍ସ ହାଇଦ୍ରାବାଦ ସଞ୍ଜୁ ସାମସନଙ୍କ ପ୍ରତି ଅଧିକ ଆଗ୍ରହ ଦେଖାଇ ନାହିଁ, କାରଣ ହାଇଦ୍ରାବାଦ ପାଖରେ ପୂର୍ବରୁ ତିନୋଟି ଉତ୍କୃଷ୍ଟ ଓପନିଂ ବିକଳ୍ପ ଅଛି।

# ଉଚ୍ଛୁଳିଲା ମହିଳା କ୍ରିକେଟରଙ୍କ ବ୍ରାଣ୍ଡ ଭାଲ୍ୟୁ




ନୂଆଦିଲ୍ଲୀ,୦୯।୧୧: ଦକ୍ଷିଣ ଆଫ୍ରିକାକୁ ହରାଇ ପ୍ରଥମ ଥର ମହିଳା ବିଶ୍ୱ କପ୍ ଜିତିଛି। ଭାରତୀୟ ମହିଳା କ୍ରିକେଟ୍ ଟିମ୍ ଏହି ବିଜୟ ପରେ ଟିମ୍ ସଦସ୍ୟାମାନଙ୍କ ବ୍ରାଣ୍ଡ୍ ଭ୍ୟାଲ୍ୟୁରେ ଦେଖିବାକୁ ମିଳିଛି। ବଡ଼ ଉଛାଳ। ରିପୋର୍ଟରୁ ଜଣାପଡ଼ିଛି ଯେ, ଭାରତୀୟ ମହିଳା କ୍ରିକେଟ୍ ଟିମ୍‌ର ଖେଳାଳୀମାନଙ୍କ ପାଇଁ ବ୍ରାଣ୍ଡ୍ ଏଣ୍ଡୋର୍ସମେଣ୍ଟ ଶୁଳ୍କ ପୂର୍ବରୁ ହିଁ ୨୫%ରୁ ୧୦୦% ପର୍ଯ୍ୟନ୍ତ ବଢ଼ିଯାଇଛି।

ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଜେମିମା ରୋଡ୍ରିଗ୍ସ, ସ୍ମୃତି ମନ୍ଧାନା, ହରମନପ୍ରୀତ କୌର, ଦୀପ୍ତି ଶର୍ମା, ଶେଫାଳି ବର୍ମା ଏବଂ ଅନ୍ୟ ଖେଳାଳୀମାନଙ୍କ ସୋସିଆଲ ମିଡିଆ। ଆକାଉଣ୍ଟଗୁଡ଼ିକରେ ଫଲୋଅର୍ସଙ୍କ ସଂଖ୍ୟାରେ ଦେଖାଦେଇଛି ବିଶାଳ ବୃଦ୍ଧି। କିଛି ଖେଳାଳୀଙ୍କ ଅନୁଗାମୀଙ୍କ ସଂଖ୍ୟା ଦୁଇ ଗୁଣ କିମ୍ବା ୩ ଗୁଣା ହୋଇଯାଇଛି। ବ୍ରାଣ୍ଡ୍ ଏଣ୍ଡୋର୍ସମେଣ୍ଟ ସଂକ୍ରାନ୍ତ ଏନ୍‌କ୍ୱାରୀ ବି ବଡ଼ ଆକାରରେ ବଢ଼ିଛି। ଖେଳାଳୀଙ୍କ ଚାହିଦା ଏବେ କାହିଁରେ କଣ ଖେଳାଳୀଙ୍କୁ ପରିଚାଳନା କରୁଥିବା ଅନ୍ୟତମ ଏଜେନ୍ସି ବେସ୍‌ଲାଇନ୍ ଭେଞ୍ଚର୍ସର ପ୍ରବନ୍ଧ ନିର୍ଦ୍ଦେଶକ ତୁହିନ ମିଶ୍ରା କୁହନ୍ତି, ଆଜି ସକାଳରୁ ହିଁ ବ୍ରାଣ୍ଡ୍ ସହ ଜଡ଼ିତ ଏନ୍‌କ୍ୱାରୀ ସଂଖ୍ୟାରେ ବଡ଼ ବୃଦ୍ଧି ଦେଖିବାକୁ ମିଳିଛି କେବଳ ବିଜ୍ଞାପନ ନୁହେଁ ବରଂ ରିନ୍ୟୁଆଲରେ ବୃଦ୍ଧି ଦେଖିବାକୁ ମିଳିଛି ରିନ୍ୟୁଆଲ ଶୁଳ୍କରେ ୨୫ରୁ୩୦% ବୃଦ୍ଧି ଘଟିଛି ଅଷ୍ଟ୍ରେଲିଆ ବିରୋଧରେ ସେମିଫାଇନାଲରେ ସାନ୍‌ଦାର ୧୨୭ ରନ୍ କରି ବିଶ୍ୱର ଧ୍ୟାନ ଆକର୍ଷଣ କରିଥିବା କ୍ରିକେଟର ଜେମିମା ରୋଡ୍ରିଗ୍ସଙ୍କ ବ୍ରାଣ୍ଡ୍ ଭ୍ୟାଲ୍ୟୁରେ କଥିତ ଭାବେ ୧୦୦% ବୃଦ୍ଧି ଘଟିଛି ।

ଜେମିମାଙ୍କୁ ପରିଚାଳନା କରୁଥିବା ଏଜେନ୍ସି, ଜେଏସ୍‌ଡବ୍ଲ୍ୟୁ ସ୍ପୋର୍ଟସର ମୁଖ୍ୟ ବାଣିଜ୍ୟିକ ଅଧିକାରୀ କରଣ ଯାଦବ କହିଲେ, ଅଷ୍ଟ୍ରେଲିଆ। ବିରୋଧରେ ମ୍ୟାଚ୍ ଶେଷ ହେଉ ହେଉ ଏଣ୍ଡୋର୍ସମେଣ୍ଟ ରିକ୍ୱେଷ୍ଟର ବନ୍ୟା ଦେଖିବାକୁ ମିଳିଲା। ଆମେ ୧୦ରୁ ୧୨ ବ୍ରାଣ୍ଡ୍ ସହ ଆଲୋଚନା କରୁଛୁ। ରିପୋର୍ଟ ଅନୁସାରେ, ଜେମିମା ଏବେ ବ୍ରାଣ୍ଡ୍ ଏଣ୍ଡୋର୍ସମେଣ୍ଟ ପାଇଁ ୭୫ ଲକ୍ଷ ଟଙ୍କାରୁ ଦେଢ଼କୋଟି ଟଙ୍କା ପର୍ଯ୍ୟନ୍ତ ଫି ନେଉଛନ୍ତି। ସବୁଠୁ ଅଧିକ ଆୟ କରୁଥିବା ମହିଳା କ୍ରିକେଟର ସ୍ମୃତି ମନ୍ଧାନା ପୂର୍ବରୁ ହିଁ ୧୬ ବ୍ରାଣ୍ଡର ପ୍ରଚାର କରୁଛନ୍ତି, ଯେଉଁଥିରେ ଏଚ୍‌ୟୁଏଲ୍‌ର ରେକ୍ସୋନା ଡିଓଡ୍ରାଣ୍ଟ, ନାଇକି, ହ୍ୟୁଣ୍ଡାଇ, ହର୍ବାଲାଇଫ୍, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଗଲ୍‌ଫ ଅଏଲ୍ ଏବଂ ପିଏନ୍‌ବି ମେଟ୍‌ଲାଇଫ୍ ଇନ୍‌ସ୍ୟୁରାନ୍ସ ଆଦି ସାମି। ନିଜ ପ୍ରଚାର ଜରିଆରେ ୨୫ ବର୍ଷୀୟ ମନ୍ଧାନା କଥିତ ଭାବେ ପ୍ରତି ବ୍ରାଣ୍ଡ୍ ପିଛା ଦେଢ଼ରୁ ୨ କୋଟି ଟଙ୍କା ଆୟ କରନ୍ତି।

କେତେକ ପ୍ରମୁଖ ବ୍ରାଣ୍ଡଗୁଡ଼ିକ ସୋସିଆଲ ମିଡିଆ। ପ୍ଲାଟ୍‌ଫର୍ମରେ ଅଭିନନ୍ଦନ ବାର୍ତ୍ତା ପୋଷ୍ଟ କରି ଭାରତର ମହିଳା ବିଶ୍ୱକପ୍ ବିଜୟର ଫାଇଦା ଉଠାଇଛନ୍ତି। ହରମନପ୍ରୀତ କୌର, ଦୀପ୍ତି ଶର୍ମା ଏବଂ ରିଚା ଘୋଷଙ୍କୁ ପ୍ରାୟୋଜିତ କରୁଥିବା କମ୍ପାନି ପ୍ୟୁମା ମଧ୍ୟ ଏହି ଅଭିଯାନରେ ସାମିଲ ହୋଇଥିଲା। ମହିଳା କ୍ରିକେଟ୍ ଟିମ୍‌ର ବିଶ୍ୱକପ୍ ବିଜୟ ପରେ ସେମାନଙ୍କ ବ୍ରାଣ୍ଡ୍ ଏଣ୍ଡୋର୍ସମେଣ୍ଟରେ ବିଶାଳ ବୃଦ୍ଧି ଦେଖିବାକୁ ମିଳିଛି । ଶିଳ୍ପ ଅଧିକାରୀମାନଙ୍କ କହିବାନୁସାରେ, ଲୋକପ୍ରିୟତା ଦୃଷ୍ଟିକୋଣରୁ କ୍ୟାପଟେନ ହରମନ୍‌ପ୍ରୀତ୍ କୌର ଏବଂ ଭାଇସ୍‌କ୍ୟାପଟେନ୍ ସ୍ମୃତି ମନ୍ଧାନାଙ୍କ ଏଣ୍ଡୋର୍ସମେଣ୍ଟ ଫି ୩୦ରୁ ୫୦% ବଢ଼ିପାରେ । ଏହି ଦୁଇ କ୍ରିକେଟର ଏବେ ପ୍ରାୟ ୨୦ଟି ବ୍ରାଣ୍ଡର ପ୍ରଚାର କରୁଛନ୍ତି ।

ପ୍ରକାଶଯୋଗ୍ୟ, ଏବେ ପ୍ରପର୍ଟି ଡେଭଲପର ଓମେକ୍ସ ହରମାନ୍‌ପ୍ରୀତ୍ କୌରଙ୍କୁ ଏହାର ନୂଆ। ବ୍ରାଣ୍ଡ୍ ଆମ୍ବାସଡ଼ର ଘୋଷଣା କରିଛି ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ